

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶନିବାର ୧୩ ଡିସେମ୍ବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 13 December 2025

Vol.No. 36 ■ No.328 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ସାଗରିକା ପୂଜା ସଂଖ୍ୟା
ସାଗରିକା
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


## ୨୦୨୭ରେ ଦେଶରେ ହେବ ଜନଗଣନା: ୧୧,୭୧୮ କୋଟି ଟଙ୍କାର ବଜେଟକୁ ମଞ୍ଜୁରୀ



ଭୁବନେଶ୍ୱର, ୧୨/୧୨ (ନି.ପ୍ର): କେନ୍ଦ୍ରୀୟ କ୍ୟାବିନେଟ୍ ବୈଠକରେ ୨୦୨୭ ଜନଗଣନା ପାଇଁ ୧୧,୭୧୮ କୋଟି ଟଙ୍କାର ବଜେଟକୁ ମଞ୍ଜୁରୀ ଦିଆଯାଇଛି। ପ୍ରଥମ ଥର ପାଇଁ ସାରା ଦେଶରେ ଡିଜିଟାଲ ଜନଗଣନା ହେବ। ଏଥିପାଇଁ ୩୦ ଲକ୍ଷ କର୍ମଚାରୀଙ୍କୁ ନିୟୋଜିତ କରାଯିବ। କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ୨୦୨୭ରୁ ସାରା ଦେଶରେ ଜନଗଣନା ହେବ। ଏହି ଜନଗଣନା ଦୁଇଟି ପର୍ଯ୍ୟାୟରେ କରାଯିବ। ପ୍ରଥମ ପର୍ଯ୍ୟାୟରେ ହାଉସ୍ ଲିଷ୍ଟିଂ ଏବଂ ଗୃହ ଜନଗଣନା ହେବ, ଯାହା ଏପ୍ରିଲରୁ ସେପଟ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ଚାଲିବ; ଯେବେକି ଦ୍ୱିତୀୟ ପର୍ଯ୍ୟାୟରେ ଜନସଂଖ୍ୟା ଗଣନା ହେବ, ଯାହା ଫେବୃଆରୀ ୨୦୨୭ରୁ ଆରମ୍ଭ ହେବ । ସେ ସୂଚନା ଦେଇଛନ୍ତି ଯେ ତଥ୍ୟ ସୁରକ୍ଷାକୁ ଦୃଷ୍ଟିରେ ରଖି ଜନଗଣନାର ଡିଜିଟାଲ ଡିଜାଇନ୍ ପ୍ରସ୍ତୁତ କରାଯାଇଛି । ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ଭାରତ କୋଇଲା ଉତ୍ପାଦନରେ ଆତ୍ମନିର୍ଭରଶୀଳତା ଦିଗରେ ଆଗକୁ ବଢୁଛି । ୨୦୨୪-୨୦୨୫ରେ ଭାରତ ଐତିହାସିକ ଭାବେ ଏକ ବିଲିୟନ (୧୦୦ କୋଟି) ଟନରୁ ଅଧିକ କୋଇଲା ଉତ୍ପାଦନ କରିଛି । ପୂର୍ବରୁ କୋଇଲା ଆମଦାନୀ ଉପରେ ଆମର ଯେଉଁ ନିର୍ଭରଶୀଳତା ଥିଲା, ତାହା ବର୍ତ୍ତମାନ ବହୁତ କମିଯାଇଛି । କୋଇଲା ଆମଦାନୀ ଉପରେ ନିର୍ଭରଶୀଳତା କମିବା ଯୋଗୁଁ ଆମେ ୬୦ ହଜାର କୋଟି ଟଙ୍କା ସଞ୍ଚୟ କରିଛୁ। ଭାରତର ଜନଗଣନା ଦେଶର ଜନସଂଖ୍ୟା, ଜନସାଂଖ୍ୟିକ, ସାମାଜିକ-ଅର୍ଥନୈତିକ ସ୍ଥିତି ଏବଂ ସମ୍ବଳ ବଣ୍ଟନର ଏକ ବ୍ୟାପକ ସର୍ବେକ୍ଷଣ। ଏହା ଭାରତ ସରକାରଙ୍କ ଗୃହ ମନ୍ତ୍ରାଳୟ ଅଧୀନରେ ଥିବା ରେଜିଷ୍ଟ୍ରାର ଜେନେରାଲ ଏବଂ ସେନ୍ସସ କମିଶନରଙ୍କ ଦ୍ୱାରା ପରିଚାଳିତ ହୋଇଥାଏ।

## ଭାରତକୁ ଆସିବେ ଲୁଥ୍ରା ବ୍ରଦର୍ସ: ଥାଇଲାଣ୍ଡରୁ ପ୍ରତ୍ୟର୍ପଣ ପ୍ରକ୍ରିୟା ଆରମ୍ଭ



ନୂଆଦିଲ୍ଲୀ,୧୨/୧୨ : ଗୋଆ ନାଇଟ କ୍ଲବ ଅଗ୍ନିକାଣ୍ଡ ପରେ ଫେରାର ଥିବା ମାଲିକ ସୌରଭ ଓ ଗୌରବ ଲୁଥ୍ରା ଭାଇଙ୍କୁ ଭାରତ ଅଣାଯାଉଛି । ଥାଇଲାଣ୍ଡରେ ଗିରଫ ପରେ ଉଭୟଙ୍କୁ ବ୍ୟାଙ୍କକ୍ ନିଆଯାଇଛି । ବର୍ତ୍ତମାନ ଫୁକେଟ୍ ଇମିଗ୍ରେସନ୍ ସେଣ୍ଟରରେ ରଖାଯାଇଛି । ସେଠୁ ଦିଲ୍ଲୀ ଅଣାଯିବ । ଅଗ୍ନିକାଣ୍ଡ ପରେ ଦୁଇଭାଇ ଫେରାର ଥିଲେ । ବିଦେଶ ମନ୍ତ୍ରାଳୟ ଓ ସିବିଆଇକୁ ଅପିଲ କରି ମାଲିକଙ୍କ ବିରୋଧରେ ରେଡ୍ କର୍ଣ୍ଣର ନୋଟିସ ପାଇଁ ଅପିଲ କରିଥିଲା ଗୋଆ ପୁଲିସ । ସେପଟେ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ଲୁଥ୍ରା ବ୍ରଦର୍ସ କରିଥିବା ଜାମିନ ଆବେଦନ ଖାରଜ ପରେ ଏମାନଙ୍କୁ ଗିରଫ କରାଯାଇଛି । ଗତ ଶନିବାର ଗୋଆ ନାଇଟ୍ କ୍ଲବରେ ଭୟଙ୍କର ଅଗ୍ନିକାଣ୍ଡ ପରଠୁ ଉଭୟ ଭାଇ ଫେରାର ଥିଲେ । ତେବେ ତଦନ୍ତ ପ୍ରକ୍ରିୟା ଭିତରେ ଅନ୍ୟ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାମ୍ନାକୁ ମଧ୍ୟ ଆସିଛି । ଦେଶବିଦେଶରେ ନକଲି କମ୍ପାନି ଚଳାଉଥିଲେ ଲୁଥ୍ରା ବ୍ରଦର୍ସ । ମୋଟ ୪୬ଟି ନକଲି କମ୍ପାନି ଠାବ ହୋଇଛି।

▶▶ପୃଷ୍ଠା ୭

## ସାରା ରାଜ୍ୟରେ ଭୟଙ୍କର ଶୀତ: ବାଲିଗୁଡ଼ାରେ ବରଫ ପାଲଟିଲା କାକର



ଭୁବନେଶ୍ୱର, ୧୨/୧୨ (ନି.ପ୍ର): ହାଡ଼ଭଙ୍ଗା ଜାଡ଼, ଘନ କୁହୁଡ଼ି। ଗଲା କିଛି ଦିନ ଧରି ରାଜ୍ୟବାସୀଙ୍କୁ ଅଥୟ କଲାଣି ଅସହ୍ୟ ଶୀତ। ଶୀତରେ ଅଧିକ କଲବଲ ହେଉଛନ୍ତି ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାବାସୀ। କନ୍ଧମାଳ ଜିଲ୍ଲାରେ ପାରଦ ୩ ଡିଗ୍ରୀ ଛୁଇଁବା ପରେ ବରଫ ପାଲଟି ଯାଉଛି ପାଣି ଓ କାକର। ପ୍ରଭାବ ଏତେ ଯେ, ଦିନ ୧୦ଟା ଯାଏଁ ରାସ୍ତାଘାଟ ଜନଶୂନ୍ୟ। ୟା ଭିତରେ ରାଜ୍ୟବାସୀ ଆହୁରି ଦୁଇଦିନ ଜାଡ଼ରେ ଥରହର ହେବା ନେଇ ଆଗୁଆ ସୂଚନା ଦେଇଛି ପାଣିପାଗ ବିଭାଗ। ହାଡ଼ଭଙ୍ଗା ଜାଡ଼ରେ ଥରୁଛି ସାରା ଓଡ଼ିଶା। ପଶ୍ଚିମରୁ ପୂର୍ବ, ଦକ୍ଷିଣରୁ ଉତ୍ତର, ସବୁଠି ଚାଲିଛି ଶୀତର ରାଜୁତି। ଗଲା କିଛି ଦିନ ଧରି ସମଗ୍ର ରାଜ୍ୟବାସୀଙ୍କୁ କଲବଲ କରୁଛି ଅସହ୍ୟ ଶୀତ। କନ୍ଧମାଳ ଜିଲ୍ଲାର ଜି. ଉଦୟଗିରି। ଏଇଠି ଗତକାଲି ରେକର୍ଡ ସ୍ତରକୁ ଖସିଛି ପାରଦ। କାଲି ଏଠି ତାପମାତ୍ର ଥିଲା ୩.୧ ଡିଗ୍ରୀ ସେଲସିୟସ। ଯାହାକି ରାଜ୍ୟର ସର୍ବନିମ୍ନ। ସେହିଭଳି ଜିଲ୍ଲାର ଦାରିଙ୍ଗିବାଡ଼ି, ବାଲିଗୁଡ଼ାର ସ୍ଥିତି ବି ସଙ୍ଗୀନ। ଏପଟେ କୋରାପୁଟ ଜିଲ୍ଲାକୁ ବି ଥରାଇ ଦେଉଛି ପ୍ରବଳ ଜାଡ଼। ସେମିଳିଗୁଡ଼ାରେ ପାରଦ ପହଞ୍ଚିଛି ୩.୫ ଡିଗ୍ରୀ ସେଲସିୟସରେ। ଏପଟେ କଳାହାଣ୍ଡି, ଝାରସୁଗୁଡ଼ା, ଅନୁଗୁଳ ଓ ସୁନ୍ଦରଗଡ଼ ବାସୀଙ୍କୁ ରାତିରେ ଶୁଆଇ ଦେଉନି ଅସହ୍ୟ ଶୀତ। ଶୀତପାଇଁ ଦିନ ପ୍ରାୟ ୧୦ଟା ଯାଏଁ ରାସ୍ତାଘାଟ ଶୁନଶାନ। ପ୍ରକୋପ ଏତେ ଅଧିକ ଯେ, ଦିନ ୧୦ଟା ପରେ ବି ନିଆଁ ପାଖରୁ ଉଠିବାକୁ ଇଚ୍ଛା ନାହିଁ।

## ସାରା ରାଜ୍ୟକୁ ଲଜ୍ଜିତ କଲା ରାଜଧାନୀରେ ନାବାଳିକାଙ୍କୁ ଦୁଷ୍କର୍ମ

ଭୁବନେଶ୍ୱର, ୧୨/୧୨ (ନି.ପ୍ର): ଅଶୋକନଗର ନାବାଳିକା ଦୁଷ୍କର୍ମ ଘଟଣା ମନରୁ ନ ଯାଉଣୁ ରାଜଧାନୀରେରେ ପୁଣି ଘଟିଛି ଛାତି ଥରାଇ ଦେବା ଭଳି ଘଟଣା । ଘରେ କେହି ନଥିବାର ସୁଯୋଗ ନେଇ ନରପିଶାଚ ବନିଯାଇଛି ଘର ମାଲିକର ଭାଇ । ନିଷ୍ପାପ ନାବାଳିକାଙ୍କୁ ବାରମ୍ବାର ଦୁଷ୍କର୍ମ କରି ରକ୍ତ ଜୁଡୁବୁଡୁ ଅବସ୍ଥାରେ ଛାଡି ଦେଇଛି ସଇତାନ। ହସ୍ପିଟାଲ ବେଡରେ ଜୀବନ ମରଣ ସହ ସଂଘର୍ଷ କରୁଛି କୁନି ଝିଅ । ଗଞ୍ଜାମରୁ ଆସି ଭୁବନେଶ୍ୱର କଳିଙ୍ଗନଗରରେ ରହୁଥିବା ଏକ ଗରିବ ନିରିହ ପରିବାର ସହ ଘଟିଛି ଏହି ଘଟଣା । ଘରେ କେହି ନ ଥିବାର ସୁଯୋଗ ନେଇ, ଘର ମାଲିକଙ୍କ ଭାଇ ତାଙ୍କ ଏଗାର ବର୍ଷର ନାବାଳିକାକୁ ଦୁଷ୍କର୍ମ ପରେ, ଦୁଷ୍କର୍ମ କରିଥିଲା । ଆଉ ଏହି ଘଟଣା ପ୍ରଘଟ କଲେ ଜୀବନରୁ ମାରି ଦେବାକୁ ଧମକ ବି ଦେଇଥିଲା । ଗତ ୪ ତାରିଖ ଦିନ ଏହି ବ୍ୟକ୍ତି ଜଣକ ଘରକୁ ଫେରିବା ପରେ, ଝିଅକୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପାଇଥିଲେ । ପଚାରିବାରୁ ଘର ମାଲିକର ଭାଇ ନରେଶ ଏଭଳି ନାରକୀୟକାଣ୍ଡ ଘଟାଇଥିବା କହିଥିଲା ନାବାଳିକା ଜଣକ। ଅଭିଯୋଗ ପରେ, ଅଭିଯୁକ୍ତ ନରେଶକୁ ଗିରଫ କରିଛି ମହିଳା ଥାନା ପୁଲିସ । ଏହି ଛାତି ଥରା ଘଟଣା ପରେ, ଭୁବନେଶ୍ୱରରେ ରହିବାକୁ ଡର ଲାଗୁଥିବା

▶▶ପୃଷ୍ଠା ୭

## ମନରେଗାର ନାଁ ବଦଳାଇଲେ କେନ୍ଦ୍ର ସରକାର

ନୂଆଦିଲ୍ଲୀ,୧୨/୧୨ : ମହାତ୍ମା ଗାନ୍ଧି ନିଶ୍ଚିତ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନା ବା ମନରେଗାର ନାଁ ବଦଳାଇ ଦେଇଛନ୍ତି କେନ୍ଦ୍ର ସରକାର। ଏମଜିନରେଗାର ନାଁ ବଦଳାଇବା ନିଷ୍ପତ୍ତି ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା କେନ୍ଦ୍ର କ୍ୟାବିନେଟ ମୋହର ମାରିଛନ୍ତି। ଏବେ ଏହି ଗ୍ରାମୀଣ ନିଯୁକ୍ତି ଯୋଜନା ପୂଜ୍ୟ ବାପୁ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟୀ ଯୋଜନା ଭାବେ ପରିଚୟ ହାସଲ କରିଛି। କେନ୍ଦ୍ର ସରକାର କେବଳ ନାଁ ବଦଳାଇ ନାହାନ୍ତି, ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ କାର୍ଯ୍ୟ ଦିବସକୁ ମଧ୍ୟ ବୃଦ୍ଧି କରିଛନ୍ତି। ପୂର୍ବରୁ ଏହି ଯୋଜନା ଅଧୀନରେ ଗ୍ରାମାଞ୍ଚଳର ଲୋକଙ୍କୁ ନିଶ୍ଚିତ ୧୨୫ ଦିନର କାର୍ଯ୍ୟ ଦିବସ ମିଳୁଥିଲା। ଏବେ ଏହାକୁ ୨୪୦ ଦିନକୁ ବୃଦ୍ଧି କରାଯାଇଥିବା ଜଣାପଡ଼ିଛି। ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟ ଆଇନ ୨୦୦୫ ନାଁ ଅନୁସାରେ ପ୍ରଥମେ କଂଗ୍ରେସ କ୍ଷମତାସୀନ ୟୁପିଏ ସରକାର ଏହାକୁ ଲଞ୍ଚ କରିଥିଲେ। ଏହା ନରେଗା ନାଁରେ ପ୍ରଥମ ପରିଚିତ ଥିଲେ। ପରବର୍ତ୍ତୀ ଅବସ୍ଥାରେ ଏହା ମହାତ୍ମା ଗାନ୍ଧି ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟୀ ଆଇନ ବା ଏମଜିନରେଗା ବା ମନେରଗା ନାଁକୁ ପରିବର୍ତ୍ତନ କରାଯାଇଥିଲା। ଏବେ ୨୦୨୫ରେ ଏହି ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ନାଁ ପୁଣି ବଦଳିଛି। ଏଥିସହ ଏହାର କାର୍ଯ୍ୟ ଦିବସ ମଧ୍ୟ ବଢ଼ିଛି।

## ରାଜଧାନୀରେ ଭୟାବହ ଅଗ୍ନିକାଣ୍ଡ: ଜଳିଗଲା ରେସ୍ତୋରାଁ ଓ ଲଜ୍





ଭୁବନେଶ୍ୱର, ୧୨/୧୨ (ନି.ପ୍ର): ରାଜଧାନୀରେ ବଡ଼ ଧରଣର ଅଗ୍ନିକାଣ୍ଡ । ଭୁବନେଶ୍ୱର ସତ୍ୟବିହାର ଅଞ୍ଚଳରେ ଏକ ରେଷ୍ଟୁରାଣ୍ଟରେ ଅଗ୍ନିକାଣ୍ଡ ଘଟି ସବୁକିଛି ଛାରଖାର ହୋଇଯାଇଛି। ସର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଥିବା ବେଳେ ରେଷ୍ଟୁରାଣ୍ଟ ମାଲିକ କିନ୍ତୁ କହିଛନ୍ତି କେହି ଦୁର୍ବୃତ୍ତ ଆକ୍ରୋଶରୁ ନିଆଁ ଲଗାଇ ଦେଇଛନ୍ତି । ସମୟ ସକାଳ ପ୍ରାୟ ୮ଟା ୪୫ । ସ୍ଥାନ- ଭୁବନେଶ୍ୱର ସତ୍ୟବିହାର । ଭୁବନେଶ୍ୱର-କଟକ ମୁଖ୍ୟ ରାସ୍ତା କଡ଼ରେ ଥିବା ଏକ ବିଲ୍ଡିଂରେ ହଠାତ୍ ଲାଗିଲା ନିଆଁ। ହୁତୁହୁତୁ ହୋଇ ଜଳୁଥିଲା ତିନିତାଲା କୋଠା ଉପରେ ଥିବା ଲଜ୍ ଓ ରେଷ୍ଟୁରାଣ୍ଟ। କେହି କିଛି ବୁଝିବା ଆଗରୁ ସବୁ ଗ୍ରାସ କରିସାରିଥିଲା ନିଆଁ । ପ୍ରାୟ ଅଧଘଣ୍ଟା ପରେ ପହଞ୍ଚିଥିଲା ଅଗ୍ନିଶମ ବାହିନୀ । ବହୁ କସରତ ପରେ ନିଆଁ ଆୟତ୍ତ ହୋଇଥିଲେ ବି ସେତବେଳକୁ ସବୁକିଛି ପୋଡ଼ି ପାଉଁଶ ହୋଇଯାଇଥିଲା । ବିଲ୍ଡିଂର ଗ୍ରାଉଣ୍ଡ ଫ୍ଲୋରରେ ଏକ ସପିଂ ମଲ୍ ରହିଛି । ପ୍ରଥମ ମହଲାରେ ଏକ ଫର୍ଣ୍ଣିଚର ଶୋରୁମ ବି ରହିଛି ।

▶▶ପୃଷ୍ଠା ୭

## ସୋନିଆ ଗାନ୍ଧୀଙ୍କୁ ମହମ୍ମଦ ମୋକିମଙ୍କ ଚିଠି: ନୂଆଦିଲ୍ଲୀରେ ହେବ କଂଗ୍ରେସ ବିବାଦର ସମାଧାନ !

ଭୁବନେଶ୍ୱର, ୧୨/୧୨ (ନି.ପ୍ର): କଂଗ୍ରେସର ବରିଷ୍ଠ ନେତା ମହମ୍ମଦ ମୋକିମ୍ କଂଗ୍ରେସର ପରିଚାଳନା ନେଇ ଅସନ୍ତୋଷ ପ୍ରକାଶ କରି ଦଳର ନେତ୍ରୀ ସୋନିଆ ଗାନ୍ଧୀଙ୍କ ନିକଟକୁ ଚିଠି ଲେଖିଛନ୍ତି। ଏହାକୁ ନେଇ କଳି ତେଜୁଛି। ଅଧିକାଂଶ ନେତା ଏନେଇ ମୁହଁ ଖୋଲୁନଥିବା ବେଳେ ମୋକିମ ଯାହା କରିଛନ୍ତି, ତାହା ଠିକ୍ ନୁହେଁ ବୋଲି ମତ ଦେଇଛନ୍ତି । ଏହାକୁ ନେଇ କଂଗ୍ରେସର ଆଭ୍ୟନ୍ତରୀଣ ରାଜନୀତି ସରଗରମ ହୋଇଛି। କିଛି ବରିଷ୍ଠ ନେତା ଏ ସମ୍ପର୍କରେ ମୁହଁ ଖୋଲିଥିଲା ବେଳେ ଅନ୍ୟମାନେ ପରିସ୍ଥିତି ଉପରେ ନଜର ରଖିଛନ୍ତି। ତେବେ ପିସିସି ସଭାପତି ଭକ୍ତଚରଣ ଦାସ ଏଯାଏଁ ପ୍ରତିକ୍ରିୟା ରଖି ନାହାନ୍ତି। ଏଣେ ଏହି ପ୍ରସଙ୍ଗରେ କୌଣସି ମତାମତ ଦେବାକୁ ମୁଖପାତ୍ରଙ୍କୁ ବାରଣ କରାଯାଇଛି। ଖାଲି ସେତିକି ନୁହେଁ ଟିଭି ପ୍ୟାନେଲିଷ୍ଟମାନଙ୍କୁ ଏହି ପ୍ରସଙ୍ଗରେ ଆଲୋଚନା ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଣେ ଏହି ମାମଲାର ସମାଧାନ ନୂଆଦିଲ୍ଲୀରେ କରାଯିବ ବୋଲି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ସୂଚନା ଦେଇଛନ୍ତି। ସେ କହିଛନ୍ତି ଏହି ବିବାଦର ସମାଧାନ ହେବ। ତେବେ ଏଥିରୁ କି ନିଷ୍କର୍ଷ ବାହାରୁଛି, ମହମ୍ମଦ ମୋକିମଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି କି ନା ତାହା ଉପରେ ରହିଛି ସମସ୍ତଙ୍କ ନଜର। ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଛନ୍ତି, ମଲ୍ଲିକାର୍ଜୁନ ଖଡ଼୍‌ଗେଙ୍କ ବୟସ ଓ ରାହୁଲ ଗାନ୍ଧୀ ତାଙ୍କୁ ସାକ୍ଷାତ ନଦେବା ଅଭିଯୋଗ ଗ୍ରହଣୀୟ ନୁହେଁ। ସଂସଦରେ ଖଡ଼୍‌ଗେଙ୍କ ବିତର୍କ ଶୁଣନ୍ତୁ। ଗଣତନ୍ତ୍ର ଓ ସମ୍ବିଧାନର ସୁରକ୍ଷା ପାଇଁ ସେ ବଳିଷ୍ଠ ଯୁକ୍ତି ବାଢୁଥିବା ସାରା ଦେଶ ଦେଖୁଛି।

## ଜାପାନରେ ୬.୭ ତୀବ୍ରତାର ଭୂମିକମ୍ପ

ଟୋକିଓ, ୧୨/୧୨ : ଜାପାନରେ ଆଜି ରେକ୍ଟର ସ୍କେଲରେ ରେକର୍ଡ କରାଯାଇଥିବା ୬.୭ ତୀବ୍ରତାର ଭୂକମ୍ପ ପରେ ଦେଶର ଉତ୍ତରପୂର୍ବରେ ସୁନାମୀର ଚେତାବନୀ ଜାରି ହୋଇଛି। ଭୂକମ୍ପ ଜାପାନର ମୁଖ୍ୟ ଦ୍ୱୀପ ହୋନ୍ସୁର ଉତ୍ତରରେ ଆଓମୋରୀ ପ୍ରଦେଶର ପୂର୍ବ ତଟରେ ୨୦ କିଲୋମିଟର ଗଭୀରତାରେ ସ୍ଥାନୀୟ ସମୟାନୁସାରେ ଶୁକ୍ରବାର ସକାଳେ ୧୧.୪୪ ଅନୁଭୂତ ହୋଇଥିଲା।

## ବିରଳ ଘଟଣା: ରାହୁଲ ଗାନ୍ଧିଙ୍କ ପ୍ରସ୍ତାବରେ ରାଜି ହେଲେ ସରକାର



ନୂଆଦିଲ୍ଲୀ,୧୨/୧୨ : ଲୋକସଭାରେ ଆଜି ଗୋଟିଏ ବିରଳ ଘଟଣା ଘଟିଛି। କଂଗ୍ରେସ ସାଂସଦ ତଥା ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କ ବିତର୍କ ପ୍ରସ୍ତାବରେ ବିନା କୌଣସି ବାଧାରେ ରାଜି ହୋଇଛନ୍ତି ସରକାର। ଭାରତର ଭୟଙ୍କର ବାୟୁ ପ୍ରଦୂଷଣ ସମ୍ପର୍କରେ ରାହୁଲ ଗାନ୍ଧି ଗୋଟିଏ ଜରୁରୀ ଓ ଗଠନମୂଳକ ବିତର୍କ ପାଇଁ ଆହ୍ୱାନ ଦେଇଥିଲେ। ଏହା ଲୋକଙ୍କ ସ୍ୱାସ୍ଥ୍ୟଗତ ପ୍ରସଙ୍ଗ ବୋଲି ସେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ରାହୁଲ ଗାନ୍ଧି ଆଲୋଚନା ପାଇଁ ଦାବି କରୁଥିବା ବେଳେ ସରକାର ଏଥିରେ ରାଜି ହୋଇଛନ୍ତି। ଆଜି ଲୋକସଭାର ଶୂନ୍ୟକାଳରେ କଂଗ୍ରେସ ନେତା ରାହୁଲ ଗାନ୍ଧି କହିଥିଲେ ଯେ "ଭାରତର ବଡ଼ବଡ଼ ସହର ଏବେ ଭୟଙ୍କର ତଥା ବିଷାକ୍ତ ବାୟୁ ମଧ୍ୟରେ ରହୁଛନ୍ତି। ଅଧିକାଂଶ ସହରରେ ଅବସ୍ଥା ସମାନ। ଲକ୍ଷଲକ୍ଷ ପିଲା ଫୁସଫୁସ ଜନିତ ରୋଗରେ ପୀଡ଼ିତ ହେଉଛନ୍ତି। ସେମାନଙ୍କ ଭବିଷ୍ୟତ ନଷ୍ଟ ହେଉଛି। ଲୋକଙ୍କୁ କ୍ୟାନ୍ସର ହେଉଛି। ବୟସ୍କ ଲୋକମାନେ ନିଃଶ୍ୱାସ ନେବାକୁ ସଂଘର୍ଷ କରୁଛନ୍ତି। ଏହା ଏମିତି ଏକ ପ୍ରସଙ୍ଗ ଯେଉଁଥିରେ ସରକାର ଆମ ସହ ଏକମତ ହେବେ ବୋଲି ମୋର ଆଶା।" ରାହୁଲ ଗାନ୍ଧି ଆହୁରି କହିଥିଲେ ଯେ ଏହା ଏମିତି ଏକ ପ୍ରସଙ୍ଗ ଯେଉଁଥିରେ ପୂରା ଗୃହ ଏକମତ ହେବ।

## ୫ ମହାଶକ୍ତିକୁ ନେଇ ଟ୍ରମ୍ପ ତିଆରି କରିବେ 'କୋର୍ ଫାଇଭ୍'



ନୂଆଦିଲ୍ଲୀ,୧୨/୧୨ : ଡ୍ରୋନାଲ୍ଡ ଟ୍ରମ୍ପ ତିଆରି କରୁଛନ୍ତି ଉ୫ ଅର୍ଥାତ କୋର୍ ଫାଇଭ୍ । ବୈଶ୍ୱିକ ସ୍ତରରେ ୟୁରୋପର ଏ୭କୁ ଟକ୍କର ଦେବାକୁ ଟ୍ରମ୍ପ ଏହି ଉ୫ ତିଆରି କରୁଥିବା ଜଣାପଡ଼ିଛି । ଏହି ସି୫ ଗ୍ରୁପରେ ଆମେରିକା ସହିତ ଅଛନ୍ତି ରୁଷ, ଚୀନ୍, ଭାରତ ଆଉ ଜାପାନ । ବିଶ୍ୱର ଏହି ଟପ୍-୫ ଦେଶକୁ ଏକାଠି କରି, ଟ୍ରମ୍ପ କିଛି ବଡ଼ ଯୋଜନା କରୁଥିବା ଜଣାପଡ଼ିଛି । ତେବେ ଏନେଇ ବିଧିବଦ୍ଧ ଭାବେ କିଛି ବି କୁହାଯାଇନଥିବାବେଳେ, ଆମେରିକାର ଏକ ରିପୋର୍ଟ ଏନେଇ ଖବର ପ୍ରକାଶ କରିଛି । ଏହି ରିପୋର୍ଟରେ କୁହାଯାଇଛି ଯେ ନୂତନ ଆମେରିକାର ଜାତୀୟ ସୁରକ୍ଷା ରଣନୀତିରେ ଆମେରିକା, ଚୀନ୍, ରୁଷ, ଭାରତ ଏବଂ ଜାପାନକୁ ନେଇ ଏକ 'କୋର୍ ଫାଇଭ୍' କିମ୍ବା ସି୫ ସୃଷ୍ଟି କରିବାର ପ୍ରସ୍ତାବ ଦିଆଯାଇଛି। ଏଗୁଡ଼ିକ ହେଉଛି ୧୦୦ ନିୟୁତରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଦେଶ। ଏହି ଦେଶଗୁଡ଼ିକ ନିୟମିତ ଭାବରେ ଏ୭ ପରି ଏକ ନିର୍ଦ୍ଦିଷ୍ଟ ବିଷୟ ଉପରେ ଶିଖର ସମ୍ମିଳନୀରେ ସାକ୍ଷାତ କରିବେ। ତେବେ ପ୍ରସ୍ତାବିତ ସି୫ର ପ୍ରାଥମିକ ଏଜେଣ୍ଡା ହେବ ମଧ୍ୟପ୍ରାଚ୍ୟରେ ସୁରକ୍ଷା । ବିଶେଷକରି ଇସ୍ରାଏଲ ଏବଂ ସାଉଦି ଆରବ ମଧ୍ୟରେ ସମ୍ପର୍କ ସ୍ୱାଭାବିକ କରିବା ଏହାର ଲକ୍ଷ୍ୟ ରହିବ। ବାଇଡେନ ପ୍ରଶାସନ ସମୟରେ ଆମେରିକାର ଜାତୀୟ ସୁରକ୍ଷା ପରିଷଦରେ ୟୁରୋପୀୟ ବ୍ୟାପାର ନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରିଥିବା ଟୋର ଟାଉସିଗ ପଲିଟିକୋକୁ କହିଛନ୍ତି ଯେ ରାଷ୍ଟ୍ରପତି ଟ୍ରମ୍ପ ବିଶ୍ୱକୁ ଭିନ୍ନ ଭାବରେ ଦେଖନ୍ତି। ସେ ଏପରି ଏକ ବିଶ୍ୱ ସୃଷ୍ଟି କରିବାକୁ ଚାହାଁନ୍ତି ଯାହା କୌଣସି ବିଚାରଧାରା ଦ୍ୱାରା ଆବଦ୍ଧ ନୁହେଁ, ଯେଉଁଠାରେ ଶକ୍ତିଶାଳୀ ଦେଶଗୁଡ଼ିକ ଅନ୍ୟ ମହାନ ଶକ୍ତି ସହିତ ମିଶି କାର୍ଯ୍ୟ କରିବେ।

# ଅପରେସନ ଚକ୍ର ଅଭିଯାନରେ ଜିଲ୍ଲାରେ ୧୬୪ ନାବାଳିକା ଓ ନାବାଳକ ଚାରି ମାସରେ ଉଦ୍ଧାର

ପୁରୀ,୧୨/୧୨ (ନି.ପ୍ର): ପୁରୀ ପୋଲିସ ଦ୍ୱାରା ଚାଳିତ ଅପରେସନ ଚକ୍ର ଅଭିଯାନରେ ଜିଲ୍ଲାରେ ହଜିଯାଇଥିବା ନାବାଳିକା ଓ ନାବାଳକ ଏବଂ ପ୍ରାପ୍ତ ବୟସ୍କଙ୍କ ପୁଅ ଓ ଝିଅ ଉଦ୍ଧାରରେ ଏକ ସଫଳତା ମିଳିଛି। ପୁରୀ ପୁଲିସର ନିରନ୍ତର ଚେଷ୍ଟା, ସମସ୍ତ ଥାନା ଆଇଆଇସି ବା ଓଆଇସିଙ୍କ ଦୃଢ଼ ପଦକ୍ଷେପ ଓ ସମ୍ପୃକ୍ତ ସମନ୍ୱୟରେ, ଏହି ବୃହତ ଅଭିଯାନକୁ ସଫଳତାରେ ପରିଣତ କରାଯାଇଛି। ପୁରୀ ଏସପି ପ୍ରତୀକ ସିଂ ସମଗ୍ର ପୁରୀ ଜିଲ୍ଲାରେ ଅପରେସନ ଚକ୍ର ଡ୍ରାଇଭ ଆରମ୍ଭ କରି ସମସ୍ତ ଥାନା ଅଧିକାରୀଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲ । ପ୍ରତ୍ୟେକ ହଜିଯାଇଥିବା ନାବାଳକ ନାବାଳିକା ବା ପ୍ରାପ୍ତ ବୟସ୍କଙ୍କୁ ଶୀଘ୍ର ଉଦ୍ଧାର କରିବା। ଅଭିଯୋଗକାରୀ ପରିବାରକୁ ସମ୍ପୂର୍ଣ୍ଣ ଆଶ୍ୱାସନ ଦେବା ଯେ ପୋଲିସ ସେମାନଙ୍କ ପ୍ରିୟଜନଙ୍କୁ ଖୋଜିବା ପାଇଁ ସକ୍ରିୟ ଅଛି। ଥାନାମାନଙ୍କୁ ମିସିଂ କେସ ଟ୍ରାକିଂ, ରେଡ୍, ଇଣ୍ଟରସେପ୍ସନ, ଟେକ୍ନିକାଲ ଆନାଲିସିସ ଓ ଇଣ୍ଟରସଟ୍ଟେ କୋଅର୍ଡିନେସନ ଜୋର ଦେବାକୁ ପରାମର୍ଶ କରିଛନ୍ତି। ଗୁରୁବାର ମୋଟ ୪ ଜଣଙ୍କୁ ଉଦ୍ଧାର କରାଯାଇଛି ଯେପରିକି, ବ୍ରହ୍ମଗିରି ଥାନା, ନିମାପଡା ଥାନା, କାକଟପୁର ଥାନା ଦ୍ୱାରା ୩ ନାବାଳିକା ଉଦ୍ଧାର ସହ ସତ୍ୟବାଦୀ ଥାନା ଦ୍ୱାରା ଜଣେ ପ୍ରାପ୍ତ ବୟସ୍କ ଝିଅଙ୍କୁ ଉଦ୍ଧାର କରାଯାଇଛି। ଏହା ସହ ଗତ ତିନି ମାସରେ ଅପରେସନ୍ ଚକ୍ର ଅଧୀନରେ ମୋଟ ୭୧ ନାବାଳକ ନାବାଳିକା ଉଦ୍ଧାର ହୋଇଛନ୍ତି। ସିଟି ସବଡିଭିଜନ ୧୯ ଜଣ ନାବାଳକ ନାବାଳିକା ଉଦ୍ଧାର କରାଯାଇଛି । ଟାଉନ ଥାନା ୪ ଜଣ ନାବାଳକ ନାବାଳିକା, ସମୁଦ୍ରକୂଳ ୪ ଜଣ ନାବାଳକ ନାବାଳିକା, କୁମ୍ଭାରପଡ଼ା ଥାନା ୯ ଜଣ ନାବାଳକ ନାବାଳିକା , ବାସେଲୀ ସାହି ୧ ଜଣ ନାବାଳକ ନାବାଳିକା ,ତାଳବଣିଆ ଥାନା ୧ ଜଣ ନାବାଳକ ନାବାଳିକା, ସଦର ସବଡିଭିଜନ ୧୪ ଜଣ ନାବାଳକ, ନାବାଳିକା, ସଦର ଥାନା ୩ ଜଣ ନାବାଳକ ନାବାଳିକା, ବ୍ରହ୍ମଗିରି ୪ ଜଣ ନାବାଳକ ନାବାଳିକା ,କୃଷ୍ଣପ୍ରସାଦ ଥାନା ୨ ଜଣ ନାବାଳିକା, ଚନ୍ଦନପୁର ଥାନା ୧ ଜଣ ନାବାଳକ ନାବାଳିକା, ଗଡ଼ିଶାଗୋଦା ଥାନା ୩ ଜଣ ନାବାଳକ ନାବାଳିକା, ଅରଖକୁଦା ଥାନା ୧ ଜଣ ନାବାଳକ ନାବାଳିକା, ନିମାପଡା ସବଡିଭିଜନ ୧୪ ଜଣ ନାବାଳିକା, ନିମାପଡା ଥାନା ୩ ଜଣ ନାବାଳିକା, ଗୋପ ୨ ଜଣ ନାବାଳିକା, କାକଟପୁର ଥାନା ୩ ଜଣ ନାବାଳିକା, କୋଣାର୍କ ଥାନା ୨ ଜଣ ନାବାଳିକା, ରାମଚଣ୍ଡୀ ଥାନା ୩ ଜଣ ନାବାଳିକା, ଅସ୍ତରଙ୍ଗ ଥାନା ୧ ଜଣ ନାବାଳିକା, ପିପିଲି ସବଡିଭିଜନ ୨୪ ଜଣ ନାବାଳକ ନାବାଳିକା, ପିପିଲି ଥାନା ୧୫ ଜଣ ନାବାଳକ ନାବାଳିକା , ସତ୍ୟବାଦୀ ଥାନା ୧ ଜଣ ନାବାଳକ ନାବାଳିକା, ଡେଲାଙ୍ଗ ଥାନା ୪ ଜଣ ନାବାଳକ ନାବାଳିକା, କଣାସ ଥାନା ୨ ଜଣ ନାବାଳକ ନାବାଳିକା,ବଳଙ୍ଗା ଥାନା ୨ ଜଣ ନାବାଳକ ନାବାଳିକା ,ପୁରୀ ପୋଲିସ ଦ୍ୱାରା ଉଦ୍ଧାର ହୋଇଛନ୍ତି ମୋଟ ୯୩ ଜଣ ପ୍ରାପ୍ତ ବୟସ୍କ ଝିଅ ଓ ପୁଅ । ସିଟି ସବଡିଭିଜନ ୩୮ ଜଣ ଉଦ୍ଧାର, ସିଂହଦ୍ୱାର ଥାନା ୨ ଜଣ ଉଦ୍ଧାର, ଟାଉନ ଥାନା ୭ ଜଣ ଉଦ୍ଧାର ସମୁଦ୍ରକୂଳ ୨୨ ଜଣ ଉଦ୍ଧାର, ବାସେଲୀସାହି ଥାନା ୩ ଜଣ ଉଦ୍ଧାର, ବଳିଆପଣ୍ଡା ଥାନା ୨ ଜଣ ଉଦ୍ଧାର, ତାଳବଣିଆ ଥାନା ୨ ଜଣ ଉଦ୍ଧାର, ସଦର ସବଡିଭିଜନ ୬ ଜଣ ଉଦ୍ଧାର, ଅରଖକୁଦା ସାମୁଦ୍ରିକ ୧ ଜଣ ଉଦ୍ଧାର,କୃଷ୍ଣପ୍ରସାଦ ଥାନା ୪ ଜଣ ଉଦ୍ଧାର,ଗଡ଼ିଶାଗୋଦା ଥାନା ୧ ଜଣ ଉଦ୍ଧାର,ନିମାପଡା ସବଡିଭିଜନ ୨୭ ଜଣ ଉଦ୍ଧାର, ନିମାପଡ଼ା ଥାନା ୫ ଜଣ ଉଦ୍ଧାର, କାକଟପୁର ୧୬ ଜଣ ଉଦ୍ଧାର, ଅସ୍ତରଙ୍ଗ ୨ ଜଣ ଉଦ୍ଧାର, କୋଣାର୍କ ୩ ଜଣ ଉଦ୍ଧାର, ରାମଚଣ୍ଡୀ ଥାନା ୧ ଜଣ ଉଦ୍ଧାର, ପିପିଲି ସବଡିଭିଜନ ୨୨ ଜଣ ଉଦ୍ଧାର, ସତ୍ୟବାଦୀ ଥାନା ୫ ଜଣ ଉଦ୍ଧାର, ଡେଲାଙ୍ଗ ୧୧ ଜଣ ଉଦ୍ଧାର,କଣାସ ଥାନା ୧ ଜଣ ଉଦ୍ଧାର, ବଳଙ୍ଗା ଥାନା ୫ ଜଣ ଉଦ୍ଧାର,ନାବାଳକ ନାବାଳିକା ଉଦ୍ଧାର ୭୧, ପ୍ରାପ୍ତ ବୟସ୍କ ଝିଅ ପୁଅ ଉଦ୍ଧାର ୯୩, ଉଦ୍ଧାର ସଂଖ୍ୟା ୧୬୪ ପୁରୀ ପୋଲିସର ଏହି ବୃହତ ଅଭିଯାନ ଲୋକଙ୍କର ପ୍ରତି ଆସ୍ଥା, ପୋଲିସଙ୍କ ପ୍ରତି ଆଶ୍ରୟ ଏବଂ ସମୁଦାୟ ପୋଲିସ ସମ୍ପର୍କକୁ ଆହୁରି ମଜବୁତ କରିଛି।

# ଡିସେମ୍ବର ୧୯ରୁ ୨୩ ପାଳିତ ହେବ ସୁଶାସନ ସପ୍ତାହ

ଖୋର୍ଦ୍ଧା,୧୨/୧୨ (ନି.ପ୍ର): ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧ୍ୟକ୍ଷତାରେ ଆସନ୍ତା ୧୯ ତାରିଖରୁ ୨୩ ତାରିଖ ପର୍ଯ୍ୟନ୍ତ ଜିଲ୍ଲାରେ ସୁଶାସନ ସପ୍ତାହ ଓ ଡିସେମ୍ବର ୨୫ ତାରିଖରେ ସୁଶାସନ ଦିବସ ପାଳନ ନିମିତ ଆଭାସିରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ଆଭାସି ବୈଠକରେ ଜିଲ୍ଲାର ସମସ୍ତ ବି ଡି ଓ, ତହସିଲଦାର, ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଓ ଲାଇନ୍ ଡିପାର୍ଟମେଂଟ ଅଧିକାରୀ ଯୋଡ଼ି ହୋଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଅଧକ୍ଷ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେଉରା ପ୍ରକାଶ କରିଥିଲେ ଯେ ଜିଲ୍ଲାସ୍ତରୀୟ ସୁଶାସନ ଦିବସ ଡିସେମ୍ବର ୨୫ ତାରିଖରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପାଳନ କରାଯିବ । ଏହି ସୁଶାସନ ସପ୍ତାହ ପାଳନ ଉପଲକ୍ଷେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ମିଶନ ମୋଡ୍ ରେ ଜନତାଙ୍କ ଅଭିଯୋଗ ଗୁଡ଼ିକୁ ସମାଧାନ କରାଯିବ। ଆସନ୍ତା ଡ଼ିସେମ୍ବର ୨୨ ତାରିଖରେ ଜିଲ୍ଲାର ସମସ୍ତ ବ୍ଲକରେ ପଲ୍ଲୀରେ ପ୍ରଶାସନ କ୍ୟାମ୍ପ କରାଯାଇ ଲୋକମାନଙ୍କର ଆପତି ଅଭିଯୋଗ ଗୁଡ଼ିକର ଶୁଣାଣି କରାଯିବ । ଡିସେମ୍ବର ୧୯,୨୦,୨୧,୨୩ ତାରିଖରେ ଜିଲ୍ଲାର ସମସ୍ତ ବି ଡି ଓ, ତହସିଲଦାର, ଖୋର୍ଦ୍ଧା ଓ ଜଟଣୀ ପୌର ପରିଷଦ ନିର୍ବାହୀ ଅଧିକାରୀ, ବାଣପୁର, ବାଲୁଗାଁ ବିଜ୍ଞାପିତ ଅଂଚଳ ପରିଷଦ ନିର୍ବାହୀ ଅଧିକାରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ସହକାରୀ ନିର୍ଦ୍ଦେଶକ, ଉଦ୍ୟାନ କୃଷି, ଉପନିର୍ଦ୍ଦେଶକ, ମତ୍ସ୍ୟ ବିଭାଗ, ଜିଲ୍ଲା ପଶୁ ସମ୍ପଦ ବିଭାଗ,ଟି ପି ସି ଓ ଡି ଏଲ ତଥା ବିଦ୍ୟୁତ୍ ବିଭାଗ, ଜିଲ୍ଲା ଶିକ୍ଷା ଅଧିକାରୀ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ , ଆଦି ଅତ୍ୟାବଶ୍ୟକ ସେବା ପ୍ରଦାନକାରୀ ବିଭାଗ ଗୁଡ଼ିକ ୪ ଦିନ ଯାକ ଲଗାତର ଜନଶୁଣାଣି ଶିବିର ଆୟୋଜନ କରାଇ ସର୍ବାଧିକ ଅଭିଯୋଗ ଗୁଡ଼ିକୁ ସମାଧାନ କରି ଦୈନନ୍ଦିନ ଅଭିଯୋଗ ଫଇସଲା ରିପୋର୍ଟ ଓ ହିତାଧିକାରୀ ଏବଂ ଅଭିଯୋଗ ପ୍ରକୋଷ୍ଠରେ ଲାଭାନ୍ୱିତ ହୋଇଥିବା ଜନସାଧାରଣଙ୍କ ଚାକ୍ଷୁଷ ବା ଦୃଷ୍ଟିଗତ ଫଟୋ ଓ ଯୋଜନା ସଂପର୍କୀତ ସଫଳ କାହାଣୀ ଜିଲ୍ଲା ପ୍ରଶାସନକୁ ପଠାଇବାକୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ବୈଠକରେ ନୋଡାଲ ଅଧିକାରୀ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, କସ୍ତୁରିବାଳା ଜେନା, ଡେପୁଟି କଲେକ୍ଟର, ନ୍ୟାୟିକ, ଅନନ୍ୟା ସୃଷ୍ଟି ଶତପଥୀ, ଡେପୁଟୀ କଲେକ୍ଟର, ଜରୁରୀ ଶ୍ରୀତପା ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ ।

# ୧୬ ଦିନିଆ ମହିଳା ହିଂସା ସଚେତନ ଅଭିଯାନ ଉଦ୍‌ଯାପିତ

ସମ୍ବଲପୁର,୧୨/୧୨ (ନି.ପ୍ର): ଜିଲ୍ଲା ସମାଜ କଲ୍ୟାଣ ବିଭାଗ ତରଫରୁ 'ସକ୍ଷୀ' ସହାୟତାରେ ହୋଇଆସୁଥିବା ୧୬ ଦିନିଆ ମହିଳା ହିଂସା ଅଭିଯାନ ଉଦଯାପିତ ହୋଇଯାଇଛି । କାର୍ଯ୍ୟକ୍ରମରେ 'ସଖି'ର ମୁଖ୍ୟ ପ୍ରଶାସିକା ମୌସୁମୀ ଡୋରା ସ୍ୱାଗତ ଭାଷଣ ପ୍ରଦାନ କରି କାର୍ଯ୍ୟକ୍ରମକୁ ଆଗକୁ ବଢ଼ାଇଥିଲେ । ଏଡ୍‌ଏଟ୍ ଆକ୍ସନର ଜିଲ୍ଲା ସଂଯୋଜିକା ସୁନୀତା ତ୍ରିପାଠୀ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଏବଂ ଜିଲ୍ଲାରେ ୧୬ ଦିନର ଏହି କାର୍ଯ୍ୟକ୍ରମରେ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସଂଯୁକ୍ତା ସାହୁ ଅତିଥି ଭାବେ ଯୋଗଦେଇ ମହିଳା ମାନଙ୍କ ପ୍ରତି ହେଉଥିବା ହିଂସା ଓ ନିରାକରଣ ସମ୍ପର୍କରେ ସୁଚିନ୍ତିତ ମତାମତ ରଖିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ସୁଚିସ୍ମିତା ପଟ୍ଟନାୟକ ନିଜ ବକ୍ତବ୍ୟରେ ମହିଳା ଓ ଶିଶୁ ମାନଙ୍କର ପାଇଁ ଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଉପସ୍ଥିତ ମହଲଙ୍କୁ ସଚେତନ ପ୍ରଦାନ କରିଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମୃତ୍ୟୁଞ୍ଜୟ ବଡ଼ପଣ୍ଡା ଅନ୍ୟତମ ଅତିଥି ଭାବେ ଯୋଗଦେଇ ମହିଳା ମାନଙ୍କ ଉପରେ ହେଉଥିବା ହିଂସାକୁ ରୋକିବା ଦିଗରେ ସମସ୍ତଙ୍କ ଚେଷ୍ଟା ଓ ଅବାରିତ ଉଦ୍ୟମ ରହିଲେ ଏହି ଘୃଣ୍ୟ ସାନସିକତା ଦୂର ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। 'ଆଶା' ମ୍ୟାନେଜର ସସ୍ମିତା ପଣ୍ଡା ନିଜ ବ୍ୟକ୍ତବରେ ମହିଳା ମାନେ ସର୍ବଦା ନିଜର ଆଚରଣ ଓ ଉଚ୍ଚାରଣ ପ୍ରତି ଶୃଙ୍ଖଳିତ ରହିବା ସହ ନିଜ ପ୍ରତି ହେଉଥିବା ହିଂସାର ପ୍ରତିରୋଧ ନିଜେ କରିବା ପାଇଁ ଆହ୍ୱାନ ଦେଇଥିଲେ। କିଶୋର ନ୍ୟାୟ ପରିଷଦ ସଭ୍ୟା ବାଣୀ ମହାପାତ୍ର ମହିଳା ମାନଙ୍କର ଉପରେ ହେଉଥିବା ବିଭିନ୍ନ ହିଂସାର ପ୍ରକାର ଓ ଭେଦ ଉପରେ ବିଭିନ୍ନ ଉଦାହରଣ ଦେଇ ଆଲୋଚନା କରିଥିଲେ । ଜିଲ୍ଲା ଆଇନ ସେବା ପ୍ରାଧୀକରଣ ସଭ୍ୟ ସୁବଳ ଗଡଟିଆ ମହିଳା ମାନଙ୍କ ସୁରକ୍ଷା ପାଇଁ ଥିବା ବିଭିନ୍ନ ଆଇନ ସମ୍ପର୍କରେ ସୂଚନା ପ୍ରଦାନ ପୂର୍ବକ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପ୍ରୋଗ୍ରାମ ଅଫିସର, ଜିଲ୍ଲା ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଓ ଧନକଉଡ଼ା ଅଙ୍ଗନୱାଡ଼ି କର୍ମୀ, କିଶୋର ବାଳକ ବାଳିକା, ପାରାଲିଗାଲ କର୍ମୀ, ହବ୍ ର କର୍ମକର୍ତ୍ତା ଓ ଶିଶୁ ସୁରକ୍ଷା ବିଭାଗର କର୍ମକର୍ତ୍ତା ମାନେ ଯୋଗ ଦେଇଥିଲେ । 'ସଖି' ପ୍ରମୁଖ କାଉନସିଲର ଜ୍ୟୋତି ପ୍ରଧାନ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଶେଷରେ 'ସଖି' ର ପାରାଲିଗାଲ କର୍ମୀ ଗାର୍ଗୀ ପଣ୍ଡା ଉପସ୍ଥିତ ମହଲଙ୍କୁ ଧନ୍ୟବାଦ୍ ଅର୍ପଣ କରି କାର୍ଯ୍ୟକ୍ରମକୁ ସାଙ୍ଗ କରିଥିଲେ।

# ଭାରତୀୟ ଭାଷା ଦିବସ ପାଳିତ

ପୁରୀ,୧୨/୧୨ (ନି.ପ୍ର): ସ୍ଥାନୀୟ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ମାରୁତିନଗର, ପୁରୀ ପରିସରରେ ଭାରତୀୟ ଭାଷା ଦିବସ (ମହାକବି ସୁବ୍ରହ୍ମଣ୍ୟମ ଜୟନ୍ତୀ) ପାଳିତ ହୋଇ ଯାଇଛି । ଅନୁଷ୍ଠାନର ସଭାପତି ପ୍ରଫେସର ଡକ୍ଟର ମହେଶ୍ୱର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସେବାୟତ ଶ୍ୟାମସୁନ୍ଦର ମହାପାତ୍ର ଯୋଗଦେଇ ବିଭିନ୍ନ ଭାରତୀୟ ଭାଷା, ମୋ ମାଟି, ମୋ ମାଆ, ମୋ ଭାଷା ଓଡ଼ିଆକୁ ନେଇ ସର୍ବଦା ଗର୍ବ କରିବା ଉଚିତ୍ ବୋଲି ମତବ୍ୟକ୍ତ କରିଥିଲେ। ପ୍ରଧାନାଚାର୍ଯ୍ୟ ବିନୋଦ କୁମାର ସେନାପତି ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ୫୦ ଜଣ କୃତକାର୍ଯ୍ୟ ପ୍ରତିଭାଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଆଚାର୍ଯ୍ୟା ତାରିଣୀ ପରିଡା ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା ସହ ଆଚାର୍ଯ୍ୟା ସୁନିତା ଶ୍ରୀଚନ୍ଦନ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ସସ୍ଥାୟୀ ଉନ୍ନୟନ ଲକ୍ଷ୍ୟ (ଏସ୍‌ଡିଜି) ବିଷୟରେ ପ୍ରଶିକ୍ଷଣ

ଭଦ୍ରକ,୧୨/୧୨ (ନି.ପ୍ର): ଆଜି ଭଦ୍ରକ ସଂସ୍କୃତି ଭବନରେ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ସସ୍ଥାୟୀ ଉନ୍ନୟନ ଲକ୍ଷ୍ୟ (ଏସ୍‌ଡିଜି) ବିଷୟରେ ଏକ ଦିବସୀୟ ପ୍ରଶିକ୍ଷଣ କାଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଜିଲ୍ଲା ପ୍ରଶାସନ ଏବଂ ପ୍ଲାନିଂ ଓ କନଭର୍ଜେନ୍ସ ବିଭାଗଙ୍କ ଯୁକ୍ତ ଉଦ୍ୟମରେ ଆୟୋଜିତ ଏହି ପ୍ରଶିକ୍ଷଣର ଉଦ୍ଦେଶ୍ୟ ଥିଲା ସରକାରୀ ଯୋଜନା ସମ୍ପୃକ୍ତ କାର୍ଯ୍ୟ ସମୂହକୁ ଏସ୍‌ଡିଜି ଲକ୍ଷ୍ୟସମୂହ ସହିତ ସମନ୍ୱୟ କରି ଭଲ ଶାସନ ଏବଂ ଗୁଣାତ୍ମକ ସେବାଦାନକୁ ଶକ୍ତିଶାଳୀ କରିବା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିବା ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଏସ୍‌ଡିଜି ଲକ୍ଷ୍ୟର କାର୍ଯ୍ୟନିଷ୍ପାଦନରେ ବିଭାଗମାନଙ୍କ ଯୁକ୍ତ ଉଦ୍ୟମର ପ୍ରାସଙ୍ଗିକତା ବ୍ୟକ୍ତ କରି ଅଧିକାରୀଙ୍କୁ ଭୂମିକା ପାଳନ ପାଇଁ ଆହ୍ୱାନ କଲେ। ଏସ୍‌ଡିଜି ପିସ୍, ପ୍ରୋସପେରିଟି, ପ୍ରୋଗ୍ରେସ, ପାର୍ଟନରସିପ୍, ଓ ପ୍ଲାନେଟ୍ ଉପରେ ପର୍ଯ୍ୟବେଶିତ ବୋଲି ଜିଲ୍ଲାପାଳ କହିଥିଲେ। ଏସ୍‌ଡିଜିର ପ୍ରଥମ ଲକ୍ଷ୍ୟ ହେଉଛି ଦରିଦ୍ରତା ନିରାକରଣ। ଏହାକୁ ସାର୍ଥକ କରିବା ପାଇଁ ଗ୍ରାମାଂଚଳ ହେଉ କି ସହରାଂଚଳ ସମସ୍ତ ଅଂଚଳକୁ ବାସଯୋଗ୍ୟ, ସୁନ୍ଦର ଏବଂ ସସ୍ଥାୟୀ ଭାବରେ ଗଢ଼ି ତୋଳିବା ଅତ୍ୟାବଶ୍ୟକ ବୋଲି ଜିଲ୍ଲାପାଳ ଗୁରୁତ୍ୱ ଆରୋପ କରିଥିଲେ। ଦରିଦ୍ର ପରିବାରଙ୍କ ଆର୍ଥିକ ସାମର୍ଥ୍ୟ ବୃଦ୍ଧି, ମୌଳିକ ସେବାର ସୁବିଧା ପହଂଚାଇବା, ନିଯୁକ୍ତି ସୃଷ୍ଟି ଓ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ମାଧ୍ୟମରେ ଏହି ଲକ୍ଷ୍ୟ ପ୍ରାପ୍ତି ସମ୍ଭବ ହେବ ବୋଲି ସେ ଉଲ୍ଲେଖ କଲେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବିଶେଷଜ୍ଞମାନଙ୍କ ଦ୍ୱାରା ଦରିଦ୍ରତା ନିରାକରଣ, ଗୁଣାତ୍ମକ ଶିକ୍ଷା, ସୁସ୍ଥ ଜୀବନ, ଲିଙ୍ଗ ସମାନତା, ପରିବେଶ ସୁରକ୍ଷା, ସାର୍ବଜନୀନ ଭାଗିଦାରି ପରି ବିଭିନ୍ନ ଏସ୍‌ଡିଜି ତଥ୍ୟ ଓ କାର୍ଯ୍ୟନୈପୁଣ୍ୟ ବିଷୟରେ ଦଳସାଧିତ କାର୍ଯ୍ୟଶୀଳ ସତ୍ର ପରିଚାଳନା କରି ଅଧିକାରୀଙ୍କୁ ଖୋଲା ଆଲୋଚନା ପାଇଁ ସୁଯୋଗ ପ୍ରଦାନ କରାଗଲା। କାର୍ଯ୍ୟକ୍ରମରେ ବ୍ଲକ୍, ତହସିଲ୍, ପଂଚାୟତର ବିଭିନ୍ନ ଶାସନ ଅଧିକାରୀ, ଜିଲ୍ଲାସ୍ତରୀୟ ନୋଡାଲ୍ ଅଫିସର ମାନେ ଉପସ୍ଥିତ ହୋଇ ଝଉଏ ଆଧାରିତ ଯୋଜନାରେ ଭଦ୍ରକକୁ ଏକ ଦୃଷ୍ଟାନ୍ତ ଜିଲ୍ଲା ହିସାବରେ ପରିଣତ କରିବାପାଇଁ ସଙ୍କଳ୍ପ ବ୍ୟକ୍ତ କରିଥିଲେ।

# କେନ୍ଦୁଝର ପୋଲିସର ନିଆରା ପଦକ୍ଷେପ : ରାଜ୍ୟରେ ପ୍ରଥମ, ମହିଳାଙ୍କ ସୁରକ୍ଷା ପାଇଁ ପ୍ରୋଜେକ୍ଟ ରାକ୍ଷୀ

କେନ୍ଦୁଝର,୧୨/୧୨ (ନି.ପ୍ର): ଦିନକୁ ଦିନ ସାରା ଦେଶରେ ଅନ୍ୟ ଅପରାଧ ଠାରୁ ଅଧିକ ସାଇବର କ୍ରାଇମ ବୃଦ୍ଧି ପାଉଛି। ଏହି ସାଇବର କ୍ରାଇମ କେନ୍ଦ୍ର ସରକାରଙ୍କ ଠାରୁ ରାଜ୍ୟ ସରକାରଙ୍କ ମୁଣ୍ଡ ବିନ୍ଧାର କାରଣ ହୋଇଛି। ଏଥିପାଇଁ ସରକାର ସ୍ୱତନ୍ତ୍ର ଆଇନ ପ୍ରଣୟନ କରୁଛନ୍ତି। କିନ୍ତୁ ସାଇବର ଅପରାଧି ମାନେ ଦିନକୁ ଦିନ ନୂତନ ଉପାୟରେ ଲୋକଙ୍କୁ ଠକିବାକୁ ଲାଗିଛନ୍ତି। ଏଥିପାଇଁ ସରକାର ଲୋକଙ୍କୁ ସଚେତନତା ଅଭିଯାନ ଆରମ୍ଭ କରିଛନ୍ତି। ଗତ ମାସ ୧୮ ତାରିଖରୁ ରାଜ୍ୟ ସରକାର ସାଇବର ସୁରକ୍ଷା ଅଭିଯାନ ଆରମ୍ଭ କରିଛନ୍ତି। ଏହି ଅଭିଯାନ ଦ୍ୱାରା ପୋଲିସ ବିଭାଗ ପକ୍ଷରୁ ବିଭିନ୍ନ ସ୍କୁଲ, କଲେଜ, ସାମାଜିକ ଅନୁଷ୍ଠାନ, ସାଧାରଣ ସ୍ଥାନ ମାନଙ୍କରେ ସଚେତନତା ଶିବିର ଆୟୋଜନ କରାଯାଇଥିଲା। ବିଶେଷ କରି ଯୁବ ବର୍ଗ ମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ବିଭିନ୍ନ ବକ୍ତୃତା ପ୍ରତିଯୋଗିତା, ସାଇକେଲ ଶୋଭାଯାତ୍ରା ଆଦି ଆୟୋଜିତ ହୋଇଥିଲା। ଏହି ଅଭିଯାନ କେନ୍ଦୁଝର ଜିଲ୍ଲାରେ ମଧ୍ୟ ଜିଲ୍ଲା ପୋଲିସ ଦ୍ୱାରା ଆୟୋଯିତ ହୋଇଥଲା। କେନ୍ଦୁଝର ଜିଲ୍ଲା ପୋଲିସ ଦ୍ୱାରା ଆନନ୍ଦପୁର, ସଦର, ଚମ୍ପୁଆ ଉପଖଣ୍ଡରେ ବିଭିନ୍ନ ପ୍ରକାରର ସଚେତନତା ଅଭିଯାନ କରାଯାଇଥିଲା। ଆଜି ଏହି ସାଇବର ସୁରକ୍ଷା ଅଭିଯାନର ଶେଷ ଦିନ। ଏହି ଅବସରରେ କେନ୍ଦୁଝର ଜିଲ୍ଲା ପୋଲିସ ପକ୍ଷରୁ ସ୍ଥାନୀୟ ସେଲ ଅଡିଟୋରିୟମ ଠାରେ ଏକ ସ୍ୱତନ୍ତ୍ର ଉତ୍ସବ ପାଳିତ ହୋଇଛି। ଏଥିରେ ଉତରାଂଚଳ ଆଇଜି ବ୍ରିଜେଶ ରାଏ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲା ବେଳେ ଜିଲ୍ଲାପାଳ ବିଶାଳ ସିଂ, ଡି ଏଫ ଓ ଏଚ ଡି ଧନରାଜ, କେନ୍ଦୁଝରଗଡ଼ ପୌରପାଳିକା ଅଧକ୍ଷା ନିକୁ ସାହୁ, ଏସପି ନିତିନ କୁଶଳକର ଦଗଡୁ ଉପସ୍ଥିତ ଥିଲେ। ଆଜିର କାର୍ଯ୍ୟକ୍ରମରେ ମୁଖ୍ୟ ଆକର୍ଷଣ ଥିଲେ ଓଡ଼ିଆ ସିନେମା ଜଗତର ନାଇକା ଏଲିନା ସାମନ୍ତରାୟ। ଆଜିର ଏହି ସାଇବର ସୁରକ୍ଷା ଅଭିଯାନର ଶେଷ ଦିବସ ଉପଲକ୍ଷେ କେନ୍ଦୁଝର ଜିଲ୍ଲା ପୋଲିସ ନୂତନ ଭାବେ ଏକ ନୂଆ ପ୍ରୟାସ ଆରମ୍ଭ କରିଛି ମହିଳାଙ୍କୁ ସୁରକ୍ଷା ପ୍ରଦାନ କରିବା ପାଇଁ। ମହିଳା ମାନେ କାର୍ଯ୍ୟ କ୍ଷେତ୍ର ହେଉକି ରାସ୍ତା ଘାଟ, ଘରୋଇ ହିଂସା ସମ୍ମୁଖୀନ ହେଉଛନ୍ତି। ଏହି ସବୁକୁ ରୋକିବା ପାଇଁ ସ୍ୱତନ୍ତ୍ର ଫୋନ୍ ନମ୍ବର ଜିଲ୍ଲା ପୋଲିସ ପକ୍ଷରୁ ଜାରି କରାଯାଇଛି । ଏହାଦ୍ୱାରା ମହିଳାମାନେ ଜିଲ୍ଲାର ଯେଉଁଠି ବି ଥିଲେ ଅସୁରକ୍ଷିତ ମଣୁଥିଲେ ସଙ୍ଗେ ସଙ୍ଗେ ଜିଲ୍ଲା ପୋଲିସର ସହାୟତା ପାଇ ପାରିବେ। ଏହି ବ୍ୟବସ୍ଥା ରାଜ୍ୟରେ ପ୍ରଥମ ଥର ଭାବେ କେନ୍ଦୁଝର ଜିଲ୍ଲା ପୋଲିସ ଦ୍ୱାରା ଆରମ୍ଭ କରାଯାଇଛି। ଏହା ସହ ଜିଲ୍ଲାବାସୀଙ୍କୁ ତ୍ୱରିତ ପୋଲିସ ସହାୟତା ପାଇଁ ସୁରକ୍ଷା ବିଟ୍, ସେବା ଡ୍ୟୁଟି ଓ ଅନୁସନ୍ଧାନ ପୋର୍ଟାଲର ମଧ୍ୟ ଶୁଭାରମ୍ଭ କରାଯାଇଛି। ସାଇବର ସୁରକ୍ଷା ଅଭିଯାନ ଆଜି କେନ୍ଦୁଝର ଜିଲ୍ଲାରେ ସଫଳତା ସହ ଶେଷ ହୋଇଛି। ଏଥିରେ ଲକ୍ଷାଧିକ ଲୋକ ସାମିଲ ହୋଇ ସଚେତନ ହୋଇଛନ୍ତି। ଏହି ପ୍ରୋଜେକ୍ଟ ରାକ୍ଷୀ ମହିଳାଙ୍କ ସୁରକ୍ଷା କ୍ଷେତ୍ରରେ ରାଜ୍ୟରେ ନୂତନ ଅଧ୍ୟାୟ ସୃଷ୍ଟି କରିବା ସହ ଅନ୍ୟ ତିନୋଟି ପୋର୍ଟାଲ ସେବା କେନ୍ଦୁଝର ଜିଲ୍ଲା ପୋଲିସ ପକ୍ଷରୁ ନିଆରା ପଦକ୍ଷେପ ବୋଲି ଆଇଜି ବ୍ରଜେଶ ରାଏ ପ୍ରକାଶ କରିଥିଲେ। ସେହିପରି ଏହି ପ୍ରୋଜେକ୍ଟ ରାକ୍ଷୀକୁ ପ୍ରଶଂସା କରିଥିବା ବେଳେ ଜିଲ୍ଲା ପୋଲିସର ଏକ ଅଙ୍ଗ ଭାବେ କାର୍ଯ୍ୟ କରିବା ସହ ସାଇବର ସୁରକ୍ଷା ନେଇ ସେ ନିଜେ ସାମାଜିକ ଗଣମାଧ୍ୟମରେ ପ୍ରଚାର ପ୍ରସାର କରିବେ ବୋଲି ପ୍ରକାଶ କରିଛନ୍ତି ନାୟିକା ଏଲିନା ସାମନ୍ତରାୟ। ଉକ୍ତ ସାଇବର ସୁରକ୍ଷା ଅଭିଯାନ ଶେଷ ଦିନରେ ଜିଲ୍ଲାର ସମସ୍ତ ଥାନା ଅଧିକାରୀ, ବିଭିନ୍ନ ସ୍କୁଲ କଲେଜ ଛାତ୍ରଛାତ୍ରୀ, ସମାଜସେବୀ ଯୋଗଦେଇଥିଲେ।

# ନୂଆପଡା ଜିଲ୍ଲାପାଳଙ୍କ କୃଷି ବିଭାଗ କାର୍ଯ୍ୟାବଳୀ ସମୀକ୍ଷା: ଜିଲ୍ଲାର ପ୍ରତି ପଂଚାୟତରେ ଆରମ୍ଭ ହେବ ଆଦର୍ଶ କୃଷି ଗ୍ରାମ

ନୂଆପଡ଼ା,୧୨/୧୨ (ନି.ପ୍ର): ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କୃଷି ବିଭାଗ କାର୍ଯ୍ୟାବଳୀ ସମୀକ୍ଷା ବୈଠକ ଆଜି ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ନାୟକ ସମସ୍ତଙ୍କୁ ସ୍ୱାଗତ କରି ବିଭାଗର କାର୍ଯ୍ୟ ଖସଡ଼ା ଉପସ୍ଥାପନ କରିଥିଲେ । ଆଜିର ବୈଠକରେ ଜିଲ୍ଲାରେ କୃଷି ଓ କୃଷକଙ୍କ ଉନ୍ନତି ଦିଗରେ ଜିଲ୍ଲା ପ୍ରଶାସନ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ଜିଲ୍ଲାର ସମସ୍ତ ଗ୍ରାମ ପଂଚାୟତ ସଦର ମହକୁମା ଗ୍ରାମକୁ ଆଦର୍ଶ କୃଷି ଗ୍ରାମରେ ପରିଣତ କରିବାକୁ ଆଜି ଜିଲ୍ଲାପାଳ ଘୋଷଣା କରିଛନ୍ତି । ସେ କହିଲେ ଯେ ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାର ସମସ୍ତ ୧୩୧ ଗ୍ରାମ ପଂଚାୟତ ସଦର ମହକୁମା ଗ୍ରାମକୁ ଆଦର୍ଶ କୃଷି ଗ୍ରାମ ଭାବରେ ଗ୍ରହଣ କରାଯିବ । ଏହି ଗ୍ରାମଗୁଡିକରେ ସମସ୍ତ କୃଷି ଓ ଆନୁସଙ୍ଗିକ ବିଭାଗ ସମ୍ବନ୍ଧିୟ କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରାଯିବ । ଏହି ଗ୍ରାମଗୁଡିକରେ ରାସାୟନିକ ସାର ବଦଳରେ ଜୈବିକ ସାର ବ୍ୟବହାର କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି। କୃଷି ଏବଂ ସଂଲଗ୍ନ ବିଭାଗକୁ ଆଦର୍ଶ କୃଷି ଗ୍ରାମ ପାଇଁ ଏସଓପି ପ୍ରସ୍ତୁତ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଏହି ଆଦର୍ଶ ଗ୍ରାମ ଗୁଡ଼ିକୁ ଅନୁସରଣ କରି ଅନ୍ୟ ଗ୍ରାମ ଗୁଡ଼ିକ ମଧ ପର୍ଯ୍ୟାୟ କ୍ରମେ ସମୃଦ୍ଧ ହୋଇ ପାରିବେ । ଏହି ଅବସରରେ, କୃଷକ ରେଜିଷ୍ଟ୍ରି, ସିଏମ କିଷାନ, ପିଏମ କିଷାନ ହିତାଧୀକାରୀ ଚୟନ, ଫସଲ କାଟିବା ଇତ୍ୟାଦି ସମସ୍ତ ଯୋଜନାର ସମୀକ୍ଷା କରାଯାଇଛି । ଏହି ସମୀକ୍ଷା ବୈଠକରେ ୟୁନାନି ଗ୍ରାମର ଜଣେ ସଫଳ ଚାଷୀ ଲୋକନାଥ ଖରସେଲଙ୍କୁ ଜିଲ୍ଲାପାଳ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଶ୍ରୀ ଖରସେଲ ଧାନ, କପା, ମୁଗ, ବିରି ଇତ୍ୟାଦି ସମନ୍ୱିତ ଚାଷ କରି ନିଜ ଜମିରୁ ବାର୍ଷିକ ୪/୫ ଲକ୍ଷ ଟଙ୍କା ରୋଜଗାର କରି ପାରୁଛନ୍ତି କ୍ଷ ସେ ଅନ୍ୟ ଚାଷୀ ମାନଙ୍କ ପାଇଁ ଏକ ଉଦାହରଣ ପାଲଟିଛନ୍ତି । ଏହି ସମୀକ୍ଷା ବୈଠକରେ ଏଡିଏଓ, ଖରିଆର ସୋମନାଥ ମହାପାତ୍ର, ବିଏଓ, ନୂଆପଡା, ବୋଡେନ, ଖରିଆର, ସିନାପାଲି ପ୍ରମୁଖ ଏବଂ ଅନ୍ୟ କୃଷି ଅଧିକାରୀମାନେ ଯୋଗ ଦେଇଥିଲେ । ସମନ୍ୱିତ କୃଷି ମାଧ୍ୟମରେ କୃଷକ ତଥା ପ୍ରବାସୀ ଶ୍ରମିକ ମାନଙ୍କ ଜୀବନର ମାନ ଉନ୍ନତ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀ ମାନଙ୍କୁ ଆହ୍ୱାନ ଦେଇଛନ୍ତି ।

# ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ଯୋଗୁଁ ମହିଳାଙ୍କ ମୃତ୍ୟୁ ଘଟଣାର ତଦନ୍ତ ଆରମ୍ଭ

ଧର୍ମଶାଳା,୧୨/୧୨ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ଥାନା ଜାରକା ଶାନ୍ତିବଜାରସ୍ଥିତ ଜଗନ୍ନାଥ ମଲ୍ଟି ସ୍ପେଶାଲିଷ୍ଟ ହସ୍ପିଟାଲରେ ଅସ୍ତ୍ରୋପଚାର ପରେ ଅଧିକ ଗୁରୁତର ହୋଇପଡିଥିବା ଜଣେ ମହିଳାଙ୍କୁ ଭୁବନେଶ୍ୱର ନିଆଯାଇ ଏକ ମେଡିକଲରେ ଚିକିତ୍ସା କରାଯାଉଥିବା ବେଳେ ତାଙ୍କର ମୃତ୍ୟୁ ହୋଇଥିବା ଘଟଣାର ଆଜି ତଦନ୍ତ ଆରମ୍ଭ ହୋଇଛ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଏଡିଏମଓ ଡାକ୍ତର ମନୋଜ କୁମାର ସେନାପତି ଶାନ୍ତିବଜାର ସ୍ଥିତ ଉକ୍ତ ଘରୋଇ ମେଡିକାଲରେ ପହଁଚି ତଦନ୍ତ କରିଛନ୍ତି। ସୂଚନା ମୁତାବକ ଏହି ଥାନା ଭବାନୀପୁର ଗ୍ରାମର ଗୌରୀ ପଣ୍ଡିତଙ୍କ ପତ୍ନୀ ରଞ୍ଜିତା ପଣ୍ଡିତ(୫୦) ଗତ ୩ ତାରିଖରେ ହଠାତ ଅସୁସ୍ଥ ହେବାରୁ ପରିବାର ଲୋକେ ଶାନ୍ତିବଜାରସ୍ଥିତ ଜଗନ୍ନାଥ ମଲ୍ଟି ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ପରୀକ୍ଷା କରିବା ପରେ ପିତକୋଷରେ ଷ୍ଟୋନ ହୋଇଛି ବୋଲି କହି ଅପରେଶନ କରିବାକୁ କହିଥିଲେ। ୪ ତାରିଖରେ ରଞ୍ଜିତାଙ୍କ ଅପରେସନ କରାଯାଇଥିଲା। ତେବେ ଅପରେସନ ପରେ ରଞ୍ଜିତାଙ୍କ ପରିସ୍ରା ବନ୍ଦ ହୋଇଯିବାରୁ ସେ ଅଧିକ ଅସୁସ୍ଥ ହୋଇପଡିଥିଲେ। ତେତେ ରଞ୍ଜିତାଙ୍କ ଅସ୍ତ୍ରୋପଚାର କରିଥିବା ଡ଼ାକ୍ତର ତାଙ୍କ ବୃକକ ଖରାପ ଥିବା କହି ୬ ତାରିଖରେ ତାଙ୍କୁ ବଡ ମେଡିକାଲକୁ ରେଫର କରିଥିଲେ। ପରିବାର ଲୋକେ ତତକ୍ଷଣାତ ରଂଜିତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ରଞ୍ଜିତା ଚିକିତ୍ସାଧୀନ ଥିବା ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ରଞ୍ଜିତାଙ୍କ ଯକୃତ ଓ ବୃକକ ଖରାପ ହୋଇଯାଇଥିବାରୁ ତାଙ୍କର ମୃତ୍ୟୁ ହୋଇଛି ବୋଲି ସେଠାରେ ଡାକ୍ତର କହିଥିଲେ । ତୃଟିପୂର୍ଣ୍ଣ ଅସ୍ତ୍ରୋପଚାର ଯୋଗୁଁ ରଞ୍ଜିତାଙ୍କ ମୃତ୍ୟୁ ହୋଇଛି ବୋଲି ଅଭିଯୋଗ କରି ତାଙ୍କ ପୁଅ ହିମାଂଶୁ ଭୁଷଣ ପଣ୍ଡିତ ଜଗନ୍ନାଥ ମଲ୍ଟି ସ୍ପେଶାଲିଷ୍ଟ ହସ୍ପିଟାଲର କର୍ତ୍ତୃପକ୍ଷ ପ୍ରଦୀପ୍ତ କୁମାର ସ୍ୱାଇଁ, ଭାବାନୀ ପଟ୍ଟନାୟକ ସମେତ ତୃଟିପୂର୍ଣ୍ଣ ଅସ୍ତ୍ରୋପଚାର କରିଥିବା ଡାକ୍ତର ସତ୍ୟ ଜେନାଙ୍କ ବିରୁଦ୍ଧରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ଧର୍ମଶାଳା ଥାନାରେ ୭୪୨/୨୫ରେ ଏକ ମାମଲା ରୁଜୁ କରାଯିବା ସହ ମୃତ ମହିଳାଙ୍କ ଶବ ଜବତ କରାଯାଇ ଧର୍ମଶାଳା ଡାକ୍ତରଖାନାକୁ ବ୍ୟବଚ୍ଛେଦ ଲାଗି ପଠାଯାଇଥିଲା। ଶବବ୍ୟବଚ୍ଛେଦ ପରେ ମହିଳାଙ୍କ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ତେବେ ଆଜି ଏହି ଘଟଣାରେ ଜିଲ୍ଲା ଚିକିତ୍ସାଳୟରୁ ଏଡିଏମଓ ଡାକ୍ତର ମନୋଜ ସେନାପତି ଆଜି ଶାନ୍ତିବଜାରସ୍ଥିତ ହାସପିଟାଲରେ ପହଁଚି ତଦନ୍ତ କରି ଫେରିଯାଇଛନ୍ତି । ଏହି ତଦନ୍ତରେ ହସପିଟାଲ କର୍ତ୍ତୃପକ୍ଷଙ୍କୁ କ୍ଲିନଚିଟ ମିଳୁଛି କିମ୍ବା ତାଙ୍କ ବିରୁଦ୍ଧରେ କି କାର୍ଯ୍ୟାନୁଷ୍ଠାନ ନିଆଯାଉଛି ତାହା ପରବର୍ତ୍ତୀ ସମୟରେ ସ୍ପଷ୍ଟ ହେବ।

# ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ୟୁଥ ରେଡକ୍ରସ୍ ପକ୍ଷରୁ ଆଲୋଚନାଚକ୍ର

ନୂଆପଡ଼ା,୧୨/୧୨ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ଥିତ ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ୟୁଥ ରେଡକ୍ରସ୍ ପକ୍ଷରୁ ' ଆଖପାଖର ପଶୁମାନଙ୍କ ସୁରକ୍ଷା ପଦ୍ଧତି : କାମୁଡ଼ା ପ୍ରତିରୋଧ ଏବଂ କୁକୁର କାମୁଡ଼ାର ପ୍ରାଥମିକ ଚିକିତ୍ସା' ଉପରେ ଏକ ସଚେତନମୂଳକ ଆଲୋଚନାଚକ୍ର ଆଜି ଆୟୋଜିତ ହୋଇଥିଲା । ଏହି ଅଧିବେଶନକୁ ଅଧ୍ୟକ୍ଷ ଡଃ. ଅକ୍ଷୟ କୁମାର ସାହୁ ଆନୁଷ୍ଠାନିକ ଭାବେ ଉଦଘାଟନ କରି କ୍ୟାମ୍ପସରେ ବୁଲା ପଶୁଙ୍କ କାମୁଡ଼ା ରୋକିବା ପାଇଁ ସୁରକ୍ଷା ପଦ୍ଧତି ଉପରେ ଆଲୋକପାତ କରିଥିଲେ । ମାନବ ବିଜ୍ଞାନ ବିଭାଗର ମୁଖ୍ୟ ଡଃ. ଶିବ କୁମାର ମଣିଷ-ପଶୁ ସହବସ୍ଥାନର ଇତିହାସ ଏବଂ ମଣିଷ ଓ କୁକୁର ମଧ୍ୟରେ ଦୀର୍ଘ ଦିନର ପାରସ୍ପରିକ ସମ୍ପର୍କ ଉପରେ ଏକ ସୂଚନାତ୍ମକ ବକ୍ତବ୍ୟ ପ୍ରଦାନ କରିଥିଲେ । ୟୁଥ ରେଡ୍ କ୍ରସର କାଉନସେଲର୍ ଡଃ ସୁବାସ ଚନ୍ଦ୍ର ବିଶ୍ୱାଳ ବିଷୟର ମୁଖ୍ୟ ପ୍ରସଙ୍ଗ ଉପରେ ବକ୍ତବ୍ୟ ରଖିଥିଲେ । ସେ କୁକୁର ଏବଂ ଅନ୍ୟାନ୍ୟ ପଶୁଙ୍କ ଆଚରଣଗତ ଢାଂଚା, ସତର୍କ ସଙ୍କେତ ଏବଂ କୁକୁର କାମୁଡ଼ିବା ପରେ ଆଶୁ ଚିକିତ୍ସା ବିଷୟରେ ବୁଝାଇଥିଲେ । ଡଃ. ସୁରେନ୍ଦ୍ର କଲେତ ସମାଜ ଉପରେ ପୋଷା କୁକୁର ଏବଂ ବୁଲା କୁକୁର ମଧ୍ୟରେ ବିକଶିତ ସମ୍ପର୍କ ଉପରେ ସୂଚନା ପ୍ରଦାନ କରିଥିଲେ । ଶେଷରେ ୟୁଥ ରେଡ଼କ୍ରସର ସହଯୋଗୀ କାଉନସେଲର୍ ଡଃ. ପ୍ରଦୀପ କାମିଲା ଆନୁଷ୍ଠାନିକ ଭାବେ ଧନ୍ୟବାଦ ଅର୍ପଣ କରିଥିଲେ । ଅଧ୍ୟାପକ ଚନ୍ଦ୍ରକାନ୍ତ ଦାସ, ପ୍ରବୀଣ ପଟ୍ଟନାୟକ, ଆଶିଷ ଭୋଇ, ସୌମ୍ୟା ମହାପାତ୍ର ଏବଂ ନିବେଦିତା ବାରିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।




ଶୀତଦିନ ଆସିବା ମାତ୍ରେ ସମସ୍ତଙ୍କ ମନରେ ଆସେ ଗୋଟିଏ କଥା , ସ୍କିନ୍ ଡ୍ରାଏ ହେବା ସହ ଫାଟିବ । ଏଥିପାଇଁ ଅଧିକାଂଶ ଲୋକେ ମୁହଁର ଯତ୍ନ ନେବାପାଇଁ ବିଭିନ୍ନ ପ୍ରକାର ଉପଚାର ଆପଣାନ୍ତି , ସେ ଘରୋଇ ହେଉ ବା ବାହାର ପ୍ରଡକ୍ଟ । ଶୀତ ଦିନେ କମ ଆର୍ଦ୍ରତା ଏବଂ ଶୁଷ୍କ ପବନ ଯୋଗୁଁ ଆମ ତ୍ୱଚା ତାର ପ୍ରାକୃତିକ ଚମକ ହରାଇ ବସେ । ଏଭଳି ପରିସ୍ଥିତିରେ ତ୍ୱଚାର ସଠିକ୍ ଯତ୍ନ ନେବା ନିହାତି ଜରୁରୀ । ଅଧିକାଂଶ ଲୋକ ନିଜର ସ୍କିନ୍ କେୟାର ରୁଟିନ୍ ବା ତ୍ୱଚାର ଯତ୍ନ ନେବା ପାଇଁ ମୁଲତାନି ମାଟି ଏବଂ ଆଲୋଭେରା ଜେଲର ବ୍ୟବହାର କରନ୍ତି । କିନ୍ତୁ ଆପଣଙ୍କ ପାଇଁ ଏହା ଜାଣିବା ନିହାତି ଜରୁରୀ ଯେ ଶୀତଦିନେ ଏଥିମଧ୍ୟରୁ କେଉଁଟି ସବୁଠାରୁ ଭଲ । ଶୀତ ଋତୁରେ ବାୟୁମଣ୍ଡଳରେ ଆର୍ଦ୍ରତା କମ ରହିବା ଏବଂ ଶୁଷ୍କ ପବନ ଯୋଗୁଁ ତ୍ୱଚା ଶୁଷ୍କ ଓ ନିର୍ଜୀବ ହୋଇଯାଏ । ତେଣୁ ଏହି ସମୟରେ ତ୍ୱଚାର ଅଧିକ ଯତ୍ନ ନେବା ଆବଶ୍ୟକ । ଯଦିଓ ଉଭୟ ମୁଲତାନି ମାଟି ଏବଂ ଆଲୋଭେରା ଜେଲ ଉଭୟ ତ୍ୱଚା ପାଇଁ ଲାଭଦାୟକ, ତଥାପି ଶୀତଦିନ ପାଇଁ ଆଲୋଭେରା ଜେଲକୁ ଶ୍ରେଷ୍ଠ ବୋଲି ବିବେଚନା କରାଯାଏ ।

ମୁଲତାନି ମାଟି ଏକ ପ୍ରାକୃତିକ କ୍ଲେ ଅଟେ, ଯାହା ମୁଖ୍ୟତଃ ତ୍ୱଚାକୁ ସଫା କରିବା ଏବଂ ଏକ୍ସଫୋଲିଏଟ୍ କରିବାରେ ସାହାଯ୍ୟ କରେ । ଏହା ଲୋମଛିଦ୍ରକୁ ଖୋଲି ତ୍ୱଚାରୁ ମଇଳା ଓ ଅତ୍ୟଧିକ ତେଲ ବାହାର କରିଦିଏ, ଯାହା ତୈଳାକ୍ତ ତ୍ୱଚା ପାଇଁ ବହୁତ ଭଲ । କିନ୍ତୁ ଶୀତଦିନେ ମୁଲତାନି ମାଟିର ବ୍ୟବହାର ତ୍ୱଚାକୁ ଆହୁରି ଅଧିକ ଶୁଷ୍କ କରିପାରେ । ଅନ୍ୟପକ୍ଷରେ, ଆଲୋଭେରା ଜେଲ ଏକ ପ୍ରାକୃତିକ ମଶ୍ଚରାଇଜର ଭାବରେ କାମ କରେ । ଏହା ତ୍ୱଚାକୁ ହାଇଡ୍ରେଟ୍ କରିବା ସହ କୋମଳ ଏବଂ ନରମ ବନାଇଥାଏ । ଆଲୋଭେରାରେ ଥିବା ଭିଟାମିନ୍-ଇ ଏବଂ ଆଣ୍ଟି-ଇନ୍ଫ୍ଲାମେଟୋରୀ ଗୁଣ ତ୍ୱଚାକୁ ସୁସ୍ଥ ଓ ଚମକଦାର ରଖେ । ଶୀତଦିନେ ହେଉଥିବା ତ୍ୱଚାର ଶୁଷ୍କତା ବା ଡ୍ରାଏନେସ୍‌ରୁ ମୁକ୍ତି ପାଇବା ପାଇଁ ଆଲୋଭେରା ଜେଲ ବେଶ୍ ଉପକାରୀ । ଏହା ତ୍ୱଚାର ଜଳାପୋଡା, ସନବର୍ନ ଏବଂ ଟ୍ୟାନିଂ ଦୂର କରିବାରେ ସାହାଯ୍ୟ କରେ। ଏହାବ୍ୟତୀତ ଚେହେରାର ଦାଗ, ବ୍ରଣ ଏବଂ ଛୋଟ ଛୋଟ ଦାନାକୁ ଠିକ କରି ତ୍ୱଚାକୁ ଠିକ୍ ରଖିବାରେ ସାହାଯ୍ୟ କରେ। ଯଦି ଆପଣ ଶୀତଦିନେ ମୁଲତାନି ମାଟି ବ୍ୟବହାର କରୁଛନ୍ତି, ତେବେ ଏହା ପରେ ତ୍ୱଚାକୁ ମଶ୍ଚରାଇଜ୍ କରିବା ନିହାତି ଜରୁରୀ । କିନ୍ତୁ ଶୀତଦିନେ ଆଲୋଭେରା ଜେଲର ବ୍ୟବହାର ସବୁଠାରୁ ନିରାପଦ ଏବଂ ଲାଭଦାୟକ ।

ତେବେ ଏହାର ବ୍ୟବହାର ପାଇଁ ଆପଣ ସତେଜ ଆଲୋଭେରା ଜେଲ ନେଇ ଚେହେରାରେ ଲଗାଇ ୧୫ରୁ ୨୦ ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ । ଏହାପରେ ନରମାଲ୍ ପାଣିରେ ମୁହଁ ଧୋଇ ଦିଅନ୍ତୁ ।




ଔଷଧଠାରୁ ଆରମ୍ଭ କରି ଖାଦ୍ୟପଦାର୍ଥ ପର୍ଯ୍ୟନ୍ତ ପ୍ରାୟ ସବୁର ଏକ୍ସପାଏରି ଡେଟ୍ ଥାଏ । ବେଳ ଥାଉ ଥାଉ ବ୍ୟବହାର କରି ନଚେତ୍ ତାରିଖ ଯଦି ଶେଷ ହୋଇଯାଇଥିବ ତା'ହେଲେ ଆମେ ତାକୁ ଫୋପାଡ଼ି ଦେଇଥାଉ। କିନ୍ତୁ ସବୁଦିନ ଶୋଇବା ସମୟରେ ବ୍ୟବହାର ହେଉଥିବା ତକିଆର କେବେ ଏକ୍ସପାଏରି ଡେଟ୍ ଥାଏ କି ? ଏହାକୁ ନେଇ ବେଳେବେଳେ ଆମ ମନରେ ପ୍ରଶ୍ନ ଉଠେ । ଏଭଳି ଏକ ପ୍ରଶ୍ନକୁ ନେଇ ଇନଷ୍ଟାଗ୍ରାମରେ ଏକ ଭିଡିଓ ସେୟାର୍ ହୋଇଥିଲା । ଭିଡିଓରେ କୁହାଯାଇଥିଲା ଯେ ଅନେକ ସମୟରେ ଆମେ ତକିଆକୁ ମୋଡ଼ି ଥାଉ । ସେହି ସମୟରେ ଯଦି ତକିଆ ପୂର୍ବ ଅବସ୍ଥାକୁ ନ ଆସେ ତା'ହେଲେ ତାକୁ ଫୋପାଡ଼ିବାର ସମୟ ଆସିଗଲାଣି ବୋଲି ଜାଣିନିଅନ୍ତୁ । କାରଣ ସେତେବେଳେ ତକିଆର ଏକ୍ସପାଏରି ଡେଟ୍ ଆସିଯାଇଥାଏ ।

ଏହି ମାମଲାକୁ ନେଇ ଜାତୀୟ ଗଣମାଧମରେ ଏକ ରିପୋର୍ଟ ପ୍ରକାଶ ପାଇଥିଲା । ଯେଉଁଥିରେ ଡାକ୍ତର କରୁଣା କସମେଟିକ୍ ସ୍କିନ୍ ଏବଂ ହୋମିଓ କ୍ଲିନିକର ସଂସ୍ଥାପକ ତଥା କସ୍ମେଟୋଲୋଜିଷ୍ଟ ଡାକ୍ତର କରୁଣା ମଲୋହୋତ୍ରା କହିଥିଲେ ଯେ ସମୟ ବଢ଼ିବା ସହିତ ତକିଆରେ ଧୂଳିର କଣିକା ଜମିଯାଏ । ମୁଣ୍ଡର ଡେଡ୍ ସ୍କିନ୍ ସେଲ୍ସ ଏବଂ ତେଲ ଜମା ହେବାକୁ ଲାଗିଥାଏ । ଏଭଳି ସମୟରେ ଲମ୍ବା ସମୟ ଧରି ଗୋଟିଏ ତକିଆ ବ୍ୟବହାର କଲେ ଚର୍ମ ସମ୍ବନ୍ଧୀୟ ରୋଗର ଶିକାର ହେବାକୁ ପଡ଼ିଥାଏ । ଏଭଳି ତକିଆରେ କିଛି ସମୟ ପରେ ବ୍ୟାକ୍ଟେରିୟା ଏବଂ ମଇଳା ମଧ ଜମିବାରେ ଲାଗେ । ଯାହାଦ୍ୱାରା ମୁହଁରେ ଦାଗ ଏବଂ ଆଲର୍ଜି ଭଳି ସମସ୍ୟା ବି ଦେଖାଯାଏ । କୌଣସି ତକିଆର ବ୍ୟବହାର ସୀମିତ ସମୟ ପାଇଁ ହିଁ କରିବା ଆବଶ୍ୟକ । ଯଦି ଆପଣଙ୍କ ତକିଆ ସେପ୍ ରେ ରହୁନାହିଁ କିମ୍ବା ଗୋଟିଏ ଗୋଟିଏ ସ୍ଥାନରେ କଠିନ ହେଲା ଭଳି ଲାଗୁଛି , ପୂର୍ବ ପରି ରଙ୍ଗ ନହୋଇ କଳା ପଡ଼ିଯାଉଛି ତେବେ ଏଭଳି ସମୟରେ ସେହି ତକିଆକୁ ଆଉ ବ୍ୟବହାର କରନ୍ତୁ ନାହିଁ । ଏଭଳି ତକିଆରେ ବ୍ୟାକ୍ଟେରିୟା ଜମିବା ସହ ବେକରେ ଯନ୍ତ୍ରଣା ମଧ କରାଇଥାଏ । କେବଳ ଏତିକି ନୁହେଁ ଏହି ତକିଆକୁ ଅଧିକ ସମୟ ଧରି ବ୍ୟବହାର କଲେ ଶରୀରର ଅଙ୍ଗଭଙ୍ଗି ମଧ ଖରାପ ହୋଇଥାଏ । ଏଭଳି ସମୟରେ ତକିଆର ରଙ୍ଗ ଏବଂ ସେପ୍ ଉପରେ ଥରେ ଧ୍ୟାନ ଦିଅନ୍ତୁ । ତେବେ ତକିଆକୁ କେତେ ଦିନରେ ଥରେ ବଦଳାଇବେ ଏହି ପ୍ରଶ୍ନରେ ଡାକ୍ତର କରୁଣା କହିଥିଲେ ଆମେ ଆମର ତକିଆକୁ ପ୍ରତି ୧ ରୁ ୨ ବର୍ଷ ଭିତରେ ବଦଳାଇଦେବା ଦରକାର । ଏହା ଆପଣଙ୍କ ହାଇଜିନ୍ ଏବଂ ବଡି ପୋଷ୍ଚର ପାଇଁ ନିହାତି ଜରୁରି ।




ଛିଡା ହୋଇ ପାଣି ପିଇବା ଉଚିତ୍ ? କି ? ସାଧାରଣତଃ ଆମେ ଜାଣିଛେ ଯେ ଛିଡା ହୋଇ ପାଣି ପିଇବା ଉଚିତ୍ ? ନୁହେଁ । ବସିକରି ପାଣି ପିଇବା ଶରୀର ପାଇଁ ଉଚିତ୍ ? । କାରଣ ଠିଆ ହୋଇ ପାଣି ପିଇବା ଦ୍ୱାରା ଆଣ୍ଠୁଗଣ୍ଠି ଦରଜ ହୋଇଥାଏ । ତେଣୁ ବସିକି ପାଣି ପିଇବା ଉଚିତ୍ ? । ଏହା ଆମ ଘରର ବଡ଼ବଡୁଆ ମାନେ କହିଥାନ୍ତି । ଯାହାକୁ ଆମେ ମାନିଥାଉ । କିନ୍ତୁ ଛିଡା ହୋଇ ପାଣି ପିଇଲେ ଆଣ୍ଠୁ ଖରାପ ହୁଏ କି ? ଏନେଇ କରୀନା କପୁରଙ୍କ ନ୍ୟୁଟ୍ରିସିନିଷ୍ଟ ରୁଜୁତା



ଦିୱେକର କହିଲେ ପ୍ରକୃତ ସତ୍ୟ..

ଭାରତୀୟ ପରିବାରରେ ପିଲାଦିନରୁ ଆମକୁ ଅନେକ ନିୟମ ଶିଖାଯାଇଥାଏ, ଯାହା ମଧ୍ୟରୁ ଗୋଟିଏ ହେଲା- 'କେବେବି ଛିଡା ହୋଇ ପାଣି ପିଇବ ନାହିଁ।' ଆମ ଘରର ବୟସ୍କ ବ୍ୟକ୍ତି, ବାପା-ମାଆ କିମ୍ବା ଜେଜେବାପା-ଜେଜେମାଆ ସର୍ବଦା ତାଗିଦ କରନ୍ତି ଯେ ଛିଡା ହୋଇ ପାଣି ପିଇଲେ ଆଣ୍ଠୁ ଖରାପ ହୋଇଯାଏ କିମ୍ବା ଭବିଷ୍ୟତରେ ଗଣ୍ଠି ବାତ ସମସ୍ୟା ଦେଖାଦେଇପାରେ। କିନ୍ତୁ ଏହି କଥାରେ କେତେ ସତ୍ୟତା ଅଛି ? ଏହା କଣ ବାସ୍ତବରେ ବିଜ୍ଞାନସମ୍ମତ ନା କେବଳ ଏକ ଭ୍ରାନ୍ତ ଧାରଣା ? ଏହି ବିଷୟରେ ବଲିଉଡ ଅଭିନେତ୍ରୀ କରୀନା କପୁର ଖାନଙ୍କ ସେଲିବ୍ରିଟି ନ୍ୟୁଟ୍ରିସିନିଷ୍ଟ ରୁଜୁତା ଦିୱେକର ଏକ ଗୁରୁତ୍ୱପୂର୍ଣ୍ଣ ଖୁଲାସା କରିଛନ୍ତି।

ଲୋକମାନଙ୍କ ମଧ୍ୟରେ ଏହି ବିଶ୍ୱାସ ରହିଛି ଯେ, ଯେତେବେଳେ ଆମେ ଛିଡା ହୋଇ ପାଣି ପିଇଥାଉ, ସେତେବେଳେ ପାଣି ଦ୍ରୁତ ଗତିରେ ଶରୀର ଭିତରକୁ ଯାଏ ଏବଂ କିଡନୀ ଦ୍ୱାରା ଠିକ୍ ଭାବରେ ଫିଲ୍ଟର ନ ହୋଇ ସିଧାସଳଖ ଆଣ୍ଠୁ କିମ୍ବା ଗଣ୍ଠିରେ ଜମା ହୋଇଯାଏ। ଏହା ଫଳରେ ହାଡ଼ ଦୁର୍ବଳ ହେବା ସହ ଆଣ୍ଠୁ ଯନ୍ତ୍ରଣା ଆରମ୍ଭ ହୁଏ। କିନ୍ତୁ ଡାକ୍ତରୀ ବିଜ୍ଞାନ ଏବଂ ବିଶେଷଜ୍ଞମାନେ ଏହାକୁ ଭିନ୍ନ ଦୃଷ୍ଟିରେ ଦେଖନ୍ତି।

ରୁଜୁତା ଦିୱେକର କ'ଣ କହୁଛନ୍ତି ?

ରୁଜୁତା ଦିୱେକର, ଯିଏ କି ନିଜର ସରଳ ଏବଂ ପାରମ୍ପରିକ ଖାଦ୍ୟଶୈଳୀ ପରାମର୍ଶ ପାଇଁ ପ୍ରସିଦ୍ଧ, ସେ ଏହି 'ଛିଡା ହୋଇ ପାଣି ପିଇବା' ତଥ୍ୟକୁ ଏକ 'ମିଥ୍' ବା ଭ୍ରାନ୍ତ ଧାରଣା ବୋଲି କହିଛନ୍ତି। ସୋସିଆଲ ମିଡିଆରେ ଏକ ଭିଡିଓ ମାଧ୍ୟମରେ ସେ ସ୍ପଷ୍ଟ କରିଛନ୍ତି ଯେ, ଛିଡା ହୋଇ ପାଣି ପିଇବା ଦ୍ୱାରା ଆଣ୍ଠୁ ଖରାପ ହେବାର କୌଣସି ବୈଜ୍ଞାନିକ ପ୍ରମାଣ ନାହିଁ। ରୁଜୁତାଙ୍କ ଅନୁଯାୟୀ, ଆମ ଶରୀରର ଗଠନ ଏବଂ କାର୍ଯ୍ୟଶୈଳୀ ଏତେ ଦୁର୍ବଳ ନୁହେଁ ଯେ କେବଳ ଛିଡା ହୋଇ ପାଣି ପିଇଦେଲେ ତାହା ସିଧା ଆଣ୍ଠୁକୁ ଚାଲିଯିବ। ପାଣି ପିଇବା ପରେ ତାହା ଖାଦ୍ୟନଳୀ ଦେଇ ପାକସ୍ଥଳୀକୁ ଯାଏ, ସେଠାରୁ ଅନ୍ତନଳୀ ଏବଂ ପରେ ରକ୍ତରେ ମିଶି କିଡନୀ ପାଖକୁ ପହଞ୍ଚେ। ଆପଣ ଛିଡା ହୁଅନ୍ତୁ କି ବସନ୍ତୁ, ଶରୀରର ଏହି ଆଭ୍ୟନ୍ତରୀଣ ପ୍ରକ୍ରିୟା ସମାନ ରହିଥାଏ। ତେଣୁ ଛିଡା ହୋଇ ପାଣି ପିଇଲେ ଆଣ୍ଠୁ ଖରାପ ହୁଏ ବୋଲି ଭାବିବା ଭୁଲ୍।

ରୁଜୁତା କହିଛନ୍ତି ଯେ, ବସି ପାଣି ପିଇବା ନିଶ୍ଚିତ ଭାବରେ ଭଲ, କିନ୍ତୁ ଏହାର କାରଣ ଆଣ୍ଠୁ ରୋଗ ନୁହେଁ ।

ଶାନ୍ତି ଏବଂ ଆରାମ: ବସି ପାଣି ପିଇବା ଦ୍ୱାରା ଆମେ ଧୀରେ ଧୀରେ ଏବଂ ଆରାମରେ ପାଣି ପିଇଥାଉ। ଏହାଦ୍ୱାରା ଶରୀରର ସ୍ନାୟୁ ଗୁଡିକ ଶାନ୍ତ ରୁହେ ଏବଂ ହଜମ ପ୍ରକ୍ରିୟା ଭଲ ହୁଏ ।

ଶୋଷ ମେଣ୍ଟିବା: ଯେତେବେଳେ ଆମେ ତରବରିଆ ଭାବେ ଛିଡା ହୋଇ ପାଣି ପିଇଥାଉ, ଆମେ ପ୍ରାୟତଃ ଢକ ଢକ କରି ପିଇଦେଉ, ଯାହା ଫଳରେ ଶୋଷ ମେଣ୍ଟେ ନାହିଁ । ବସି ପିଇଲେ ଆମେ ଚୁମୁକ ଦେଇ ପିଉ, ଯାହା ଶରୀର ପାଇଁ ଅଧିକ ଲାଭଦାୟକ।

ବ୍ଲୋଟିଂ : ଦ୍ରୁତ ଗତିରେ ଛିଡା ହୋଇ ପାଣି ପିଇଲେ ପାଣି ସହ ଅଧିକ ପବନ ପେଟ ଭିତରକୁ ଯାଏ, ଯାହାଦ୍ୱାରା ଗ୍ୟାସ ବା ପେଟ ଫୁଲିବା ସମସ୍ୟା ଦେଖାଦେଇପାରେ ।

କରୀନାଙ୍କ ନ୍ୟୁଟ୍ରିସିନିଷ୍ଟଙ୍କ କହିବା କଥା ହେଲା, ଲୋକମାନେ ଛିଡା ହେବା କି ବସିବା ଚିନ୍ତାରେ ପଡି ପାଣି ପିଇବା କମାଇ ଦିଅନ୍ତି, ଯାହା ଅଧିକ କ୍ଷତିକାରକ ।

ଯେତେବେଳେ ଶୋଷ ଲାଗୁଛି ପାଣି ପିଅନ୍ତୁ। ଭୟ କରନ୍ତୁ ନାହିଁ: ଯଦି ଆପଣ କୌଣସି ସ୍ଥାନରେ ଅଛନ୍ତି ଯେଉଁଠି ବସିବା ସମ୍ଭବ ନୁହେଁ, ତେବେ ନିର୍ଭୟରେ ଛିଡା ହୋଇ ପାଣି ପିଅନ୍ତୁ । ଏହା ଆପଣଙ୍କ ଆଣ୍ଠୁ ନଷ୍ଟ କରିବ ନାହିଁ । ଧୀରେ ପିଅନ୍ତୁ: ଛିଡା ହୁଅନ୍ତୁ କି ବସନ୍ତୁ, ପାଣିକୁ ସର୍ବଦା ଧୀରେ ଧୀରେ ପିଇବା ଉଚିତ୍ ।




ଭାରତୀୟ ରୋଷେଇ ଘରେ ହଳଦୀ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ସାଧାରଣ ମସଲା । ଆୟୁର୍ବେଦରେ ହଳଦୀକୁ ଏକ ମହୌଷଧି ବା 'ସୁପରଫୁଡ୍' ଭାବରେ ବିବେଚନା କରାଯାଏ । ରୋଗ ପ୍ରତିରୋଧକ ଶକ୍ତି ବଢାଇବା ଠାରୁ ଆରମ୍ଭ କରି କ୍ଷତ ଶୁଖାଇବା ପର୍ଯ୍ୟନ୍ତ, ହଳଦୀର ବ୍ୟବହାର ବହୁଳ ଭାବରେ କରାଯାଏ। ବିଶେଷକରି ଶୀତଦିନେ ଲୋକମାନେ ଅଧିକ ପରିମାଣରେ ହଳଦୀ କ୍ଷୀର କିମ୍ବା ହଳଦୀ ପାଣି ପିଇବାକୁ ପସନ୍ଦ କରନ୍ତି । କିନ୍ତୁ ଆପଣ ଜାଣନ୍ତି କି, 'ଅତି ସର୍ବତ୍ର ଗର୍ହିତମ୍' - ଅର୍ଥାତ୍ ଯେକୌଣସି ଜିନିଷର ଅତ୍ୟଧିକ ବ୍ୟବହାର କ୍ଷତିକାରକ ହୋଇପାରେ ? ହଳଦୀ କ୍ଷେତ୍ରରେ ମଧ ଏହା ପ୍ରଯୁଜ୍ୟ । ଆବଶ୍ୟକତାଠାରୁ ଅଧିକ ହଳଦୀ ସେବନ କଲେ ଆପଣଙ୍କ କିଡନୀ ଏବଂ ଲିଭର ଉପରେ ଗମ୍ଭୀର ପ୍ରଭାବ ପଡିପାରେ।

ଅତ୍ୟଧିକ ହଳଦୀ ଖାଇବାର ପାର୍ଶ୍ୱ ପ୍ରତିକ୍ରିୟା ଆସନ୍ତୁ ଜାଣିବା

କିଡନୀ ଷ୍ଟୋନ୍- ହଳଦୀରେ ଅଧିକ ମାତ୍ରାରେ 'ଅକ୍ସାଲେଟ୍' ଥାଏ। ଏହି ଅକ୍ସାଲେଟ୍ ଶରୀରରେ ଥିବା କ୍ୟାଲସିୟମ ସହିତ ମିଶି କିଡନୀରେ ପଥର ସୃଷ୍ଟି କରିବାରେ ସାହାଯ୍ୟ କରେ । ଯଦି ଆପଣ ଦିନକୁ ବହୁତ ଅଧିକ ହଳଦୀ ଖାଉଛନ୍ତି, ତେବେ ଭବିଷ୍ୟତରେ ଆପଣଙ୍କୁ କିଡନୀ ଷ୍ଟୋନ୍ ସମସ୍ୟା ଭୋଗିବାକୁ ପଡିପାରେ ।

ଲିଭର ସମସ୍ୟା- ଯଦିଓ ହଳଦୀ ଲିଭର ଡିଟକ୍ସ କରିବାରେ ସାହାଯ୍ୟ କରେ, କିନ୍ତୁ ଏହାର ମାତ୍ରା ଅଧିକ ହେଲେ ଏହା ଓଲଟା ପ୍ରଭାବ ପକାଇପାରେ। କିଛି ଗବେଷଣାରୁ ଜଣାପଡିଛି ଯେ ଅତ୍ୟଧିକ ହଳଦୀ ଲିଭର ଉପରେ ଚାପ ସୃଷ୍ଟି କରେ, ଯାହା ଲିଭର ଫେଲିଅର୍ ଭଳି ସମସ୍ୟା ଆଡକୁ ନେଇପାରେ।

ପେଟ ଜନିତ ସମସ୍ୟା- ହଳଦୀର ପ୍ରକୃତି ଗରମ ଅଟେ । ଏହାକୁ ଅଧିକ ଖାଇଲେ ଶରୀରର ତାପମାତ୍ରା ବଢିପାରେ । ଫଳରେ ଗ୍ୟାସ୍, ଏସିଡିଟି, ଡାଇରିଆ ଏବଂ ପେଟ ଯନ୍ତ୍ରଣା ଭଳି ସମସ୍ୟା ଦେଖାଦେଇପାରେ ।

ରକ୍ତ ପତଳା ହେବା- ହଳଦୀରେ ରକ୍ତକୁ ପତଳା କରିବାର ଗୁଣ ରହିଛି। ଯଦି ଆପଣ ଅଧିକ ହଳଦୀ ଖାଉଛନ୍ତି, ତେବେ କୌଣସି କଟା ଘା' ହେଲେ ରକ୍ତ ବନ୍ଦ ହେବାରେ ବିଳମ୍ବ ହୋଇପାରେ।

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ, ଜଣେ ସୁସ୍ଥ ବ୍ୟକ୍ତି ଦିନକୁ ୫୦୦ ମିଲିଗ୍ରାମରୁ ୧ ଗ୍ରାମ (ପ୍ରାୟ ଅଧ ଚାମଚରୁ ଗୋଟିଏ ଛୋଟ ଚାମଚ) ହଳଦୀ ଖାଇବା ସୁରକ୍ଷିତ । ଯଦି ଆପଣ ତରକାରୀରେ ହଳଦୀ ବ୍ୟବହାର କରୁଛନ୍ତି, ତେବେ ଅଲଗା ଭାବେ ହଳଦୀ କ୍ଷୀର ବା ପାଣି ପିଇବା ପୂର୍ବରୁ ଏହାର ମାତ୍ରା ଉପରେ ଧ୍ୟାନ ଦିଅନ୍ତୁ।

କେଉଁମାନେ ଅଧିକ ସତର୍କ ରହିବା ଉଚିତ୍ ? ଆସନ୍ତୁ ଜାଣିବା

ଗର୍ଭବତୀ ମହିଳା: ଗର୍ଭାବସ୍ଥାରେ ଅଧିକ ହଳଦୀ ଖାଇଲେ ଗର୍ଭାଶୟ ସଙ୍କୁଚିତ ହେବାର ଆଶଙ୍କା ଥାଏ, ଯାହା ଗର୍ଭପାତ କିମ୍ବା ସମୟ ପୂର୍ବରୁ ପ୍ରସବର କାରଣ ହୋଇପାରେ।

ଡାଇବେଟିସ୍ ରୋଗୀ: ହଳଦୀ ରକ୍ତରେ ଶର୍କରା ମାତ୍ରା କୁ ଖୁବ୍ ଶୀଘ୍ର କମାଇଦିଏ। ଯଦି ଆପଣ ଡାଇବେଟିସ୍ ଔଷଧ ଖାଉଛନ୍ତି, ତେବେ ହଳଦୀ ଅଧିକ ଖାଇଲେ ସୁଗାର ଲେଭଲ୍ ବିପଜ୍ଜନକ ଭାବେ କମିଯାଇପାରେ।

ଆଇରନ୍ ଅଭାବ : ହଳଦୀ ଶରୀରରେ ଆଇରନ୍ ଶୋଷଣକୁ ବାଧା ଦେଇଥାଏ। ଯଦି ଆପଣଙ୍କ ଶରୀରରେ ରକ୍ତର ଅଭାବ ଅଛି, ତେବେ ହଳଦୀ କମ୍ ଖାଆନ୍ତୁ।

ହଳଦୀ ଶରୀର ପାଇଁ ଅମୃତ ସଦୃଶ, କିନ୍ତୁ କେବଳ ସୀମିତ ମାତ୍ରାରେ। ସୁସ୍ଥ ରହିବା ପାଇଁ ଏହାକୁ ଖାଦ୍ୟରେ ନିୟମିତ ବ୍ୟବହାର କରନ୍ତୁ, କିନ୍ତୁ ଅନାବଶ୍ୟକ ଭାବରେ ସପ୍ଲିମେଣ୍ଟ କିମ୍ବା ଅତ୍ୟଧିକ ହଳଦୀ ପାଣି ପିଇବା ଠାରୁ ଦୂରେଇ ରୁହନ୍ତୁ। ଯଦି ଆପଣଙ୍କର କୌଣସି ପୁରୁଣା ରୋଗ ଅଛି, ତେବେ ଡାକ୍ତରଙ୍କ ପରାମର୍ଶ ନେବା ସବୁଠାରୁ ଭଲ।

## ବିପଦ ବଢ଼ାଉଛି ଜଙ୍କ୍ ଫୁଡ୍: ସଚେତନ ପାଇଁ ଅଙ୍ଗନୱାଡି, ଶିଶୁ ଯତ୍ନକେନ୍ଦ୍ର ଓ ଶକ୍ତି ସଦନରେ ଲାଗିବ ତେଲ ବୋର୍ଡ



ବିପଦ ବଢାଉଛି ଜଙ୍କ୍ ଫୁଡ । ଅଧିକ ତେଲ ଖାଇବା ଦ୍ୱାରା ବିଭିନ୍ନ ରୋଗରେ ପଡୁଛନ୍ତି ଲୋକ । ଏଥିପାଇଁ ସଚେତନ କରିବାକୁ ସରକାର ଆରମ୍ଭ କରିଛନ୍ତି ପ୍ରକ୍ରିୟା । କେଉଁ ଖାଦ୍ୟରେ କେତେ ତେଲ ରହିଛି ସେନେଇ ବୋର୍ଡ ଲଗାଯିବ । ଅଙ୍ଗନବାଡ଼ି ସେଣ୍ଟରଠାରୁ ଆରମ୍ଭ କରି ଘରୋଇ ପ୍ରତିଷ୍ଠାନ ପର୍ଯ୍ୟନ୍ତ ସବୁଠି ତେଲ ବୋର୍ଡ ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି। କେଉଁ ଖାଦ୍ୟରେ କେତେ ତେଲ ଅଛି ? ତାକୁ ଖାଇଲେ କ'ଣ ହେବ ? ସେନେଇ ତେଲ ବୋର୍ଡ ଜରିଆରେ କରାଯିବ ସଚେତନ । ଏନେଇ ସବୁ ଜିଲ୍ଲାପାଳଙ୍କୁ ଚିଠି ଲେଖିଛି ମହିଳା ଓ ଶିଶୁ ବିକାଶ ବିଭାଗ । ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର, ଶିଶୁ ଯତ୍ନକେନ୍ଦ୍ର, ୱାନ୍ ଷ୍ଟପ୍ ସେଣ୍ଟର, ଶକ୍ତି ସଦନ, ଶକ୍ତି ନିବାସ ସହ ଘରୋଇ ପ୍ରତିଷ୍ଠାନରେ ତେଲ ବୋର୍ଡ ଲଗାଯିବ। ଉଭୟ ଓଡ଼ିଆ ଏବଂ ଇଂରାଜୀରେ ତେଲ ବୋର୍ଡ ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି । କେଉଁ ଜଙ୍କ୍‌ଫୁଡ୍‌ରେ କେତେ ପରିମାଣର ତେଲ ରହିଛି ତାହାର ଏକ ତାଲିକା ଦେଇଛି ବିଭାଗ । ୧୦୦ ଗ୍ରାମ୍ ସିଙ୍ଗଡ଼ାରେ ରହିଛି ୨୮ ଗ୍ରାମ୍ ତେଲ । ୧୦୦ ଗ୍ରାମ୍ ପକୋଡ଼ି ଖାଉଥିଲେ ୨୦ ଗ୍ରାମ୍ ତେଲ ଆପଣ ଖାଉଛନ୍ତି । ଯଦି ୧୦୦ ଗ୍ରାମ୍ ଆଲୁ ଚିପ୍‌ସ ଖାଉଛନ୍ତି ସେଥିରେ ତେଲର ପରିମାଣ ରହିଛି ୩୫ ଗ୍ରାମ୍ । ସେହିପରି ୧୦୦ ଗ୍ରାମ୍ ନିମ୍ ?କିରେ ୪୦ ଗ୍ରାମ୍ ତେଲ, ୧୦୦ ଗ୍ରାମ୍ ଆଲୁ ଚିପ୍‌ସରେ ୨୪ ଗ୍ରାମ୍, ଛଣାସେଓ ୧୦୦ ଗ୍ରାମ୍‌ରେ ରହିଛି ୩୮ ଗ୍ରାମ୍ ତେଲ । ପ୍ରତିଦିନ ଜଣେ ବ୍ୟକ୍ତି କେବଳ ୨୭ରୁ ୩୦ ଗ୍ରାମ୍ ତେଲ ଖାଇବା ଉଚିତ୍ । ଅତ୍ୟଧିକ ତେଲ ଖାଇଲେ ହୃଦ୍ ?ରୋଗ, ମୋଟାପଣ, ଯକୃତ ରୋଗ, ଉଚ୍ଚ ରକ୍ତଚାପ ପରି ରୋଗ ହୋଇପାରେ ।

# ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ସ୍ପଷ୍ଟୀକରଣ: ଟିକା ସମ୍ପୂର୍ଣ୍ଣ ସୁରକ୍ଷିତ

ଆଧୁନିକ ଚିକିତ୍ସା ବିଜ୍ଞାନର ଇତିହାସରେ ଟିକାକରଣ ଏକ ଯୁଗାନ୍ତକାରୀ ଉଦ୍ଭାବନ ଭାବରେ ପରିଗଣିତ ହୁଏ, ଯାହା ବିଗତ ଶତାବ୍ଦୀରେ କୋଟି କୋଟି ଜୀବନ ରକ୍ଷା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । ମାନବ ସଭ୍ୟତାକୁ ବହୁ ମାରାତ୍ମକ ରୋଗର କବଳରୁ ମୁକ୍ତ କରିବାରେ ଟିକାର ଅବଦାନ ଅତୁଳନୀୟ । ତଥାପି, ବିଜ୍ଞାନର ଏହି ଅଦ୍ଭୁତ ସଫଳତା ସତ୍ତ୍ୱେ ବିଗତ କିଛି ଦଶନ୍ଧି ଧରି ବିଶ୍ୱବ୍ୟାପୀ ଏକ ଗୁରୁତର ଭ୍ରାନ୍ତ ଧାରଣା ଜନମାନସରେ, ବିଶେଷକରି ଅଭିଭାବକମାନଙ୍କ ମନରେ ଗଭୀର ଭାବେ ବସା ବାନ୍ଧିଛି । ତାହା ହେଲା, ଟିକାକରଣ ପିଲାମାନଙ୍କ ଠାରେ ଅଟିଜିମ୍ ବା ସ୍ୱଲୀନତା ସୃଷ୍ଟି କରୁଛି । ବିଶେଷ ଭାବରେ 'Measles, Mumps ଏବଂ Rubella' (MMR) ଟିକାକୁ ନେଇ ଅନେକ କାଳ୍ପନିକ ଭୟ ସୃଷ୍ଟି କରାଯାଇଛି । ନିକଟରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (WHO) ପୁନର୍ବାର ଏହି ତଥ୍ୟକୁ ଦୃଢ଼ ଭାବରେ ଖଣ୍ଡନ କରିଛି ଏବଂ ବୈଜ୍ଞାନିକ ତଥ୍ୟ ଆଧାରରେ ସ୍ପଷ୍ଟ କରିଛି ଯେ ଟିକା ଏବଂ ଅଟିଜିମ୍ ମଧ୍ୟରେ କୌଣସି କାର୍ଯ୍ୟକାରଣ ସମ୍ପର୍କ ନାହିଁ । ଏହି ସମ୍ପାଦକୀୟର ଉଦ୍ଦେଶ୍ୟ ହେଉଛି ଉକ୍ତ ସମ୍ବେଦନଶୀଳ ବିଷୟବସ୍ତୁର ଏକ ବିସ୍ତୃତ, ତଥ୍ୟଭିତ୍ତିକ ଏବଂ ବିଶ୍ଳେଷଣାତ୍ମକ ଆଲୋଚନା କରିବା, ଯାହା ସମାଜରେ ପ୍ରଚଳିତ ଅନ୍ଧବିଶ୍ୱାସକୁ ଦୂର କରିବାରେ ସହାୟକ ହେବ ।

ଏହି ବିବାଦର ମୂଳ ଉତ୍ସ ଖୋଜିବାକୁ ଗଲେ ଆମକୁ ୧୯୯୮ ମସିହାକୁ ଫେରିବାକୁ ପଡ଼ିବ, ଯେତେବେଳେ ବ୍ରିଟେନର ଚିକିତ୍ସକ ଆଣ୍ଡ୍ରୁ ୱେକଫିଲ୍ଡ ଏବଂ ତାଙ୍କ ସହଯୋଗୀମାନେ 'ଦି ଲାନସେଟ୍' ନାମକ ଏକ ବିଶ୍ୱସ୍ତରୀୟ ପ୍ରତିଷ୍ଠିତ ମେଡିକାଲ ଜର୍ଣ୍ଣାଲରେ ଏକ ଶୋଧପତ୍ର ପ୍ରକାଶ କରିଥିଲେ । ଏହି ଅଧ୍ୟୟନରେ ଦାବି କରାଯାଇଥିଲା ଯେ Measles, Mumps ଏବଂ Rubella (MMR) ଟିକା ନେବା ଫଳରେ ପିଲାମାନଙ୍କ ଅନ୍ତନଳୀରେ ସମସ୍ୟା ସୃଷ୍ଟି ହେଉଛି ଏବଂ ଏହା ପରୋକ୍ଷରେ ଅଟିଜିମ୍ ର ବିକାଶ ସହ ଜଡ଼ିତ । କିନ୍ତୁ ଏହି ଗବେଷଣା ବୈଜ୍ଞାନିକ ଦୃଷ୍ଟିକୋଣରୁ ସମ୍ପୂର୍ଣ୍ଣ ରୂପେ ତ୍ରୁଟିପୂର୍ଣ୍ଣ ଥିଲା । ପ୍ରଥମତଃ, ଏହା ମାତ୍ର ୧୨ ଜଣ ପିଲାଙ୍କ ଉପରେ ପରୀକ୍ଷା କରାଯାଇଥିଲା, ଯାହା କୌଣସି ସାର୍ବଜନୀନ ବୈଜ୍ଞାନିକ ସିଦ୍ଧାନ୍ତରେ ପହଞ୍ଚିବା ପାଇଁ ଅତ୍ୟନ୍ତ ନଗଣ୍ୟ । ଏତେ ଛୋଟ ନମୁନା ଆଧାରରେ କୋଟି କୋଟି ଶିଶୁଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ନିଷ୍ପତ୍ତି ନେବା ଆଦୌ ଯୁକ୍ତିଯୁକ୍ତ ନୁହେଁ । ଦ୍ୱିତୀୟତଃ, ପରବର୍ତ୍ତୀ ସମୟରେ ହୋଇଥିବା ତଦନ୍ତରୁ ଜଣାପଡ଼ିଲା ଯେ ୱେକଫିଲ୍ଡଙ୍କର ଏଥିରେ ବ୍ୟକ୍ତିଗତ ଆର୍ଥିକ ସ୍ୱାର୍ଥ ରହିଥିଲା । ସେ ଟିକା ଉତ୍ପାଦନକାରୀ ସଂସ୍ଥା ବିରୁଦ୍ଧରେ ମକଦ୍ଦମା ଲଢୁଥିବା ଓକିଲମାନଙ୍କ ଠାରୁ ଅର୍ଥ ଗ୍ରହଣ କରିଥିଲେ ଏବଂ ତଥ୍ୟକୁ ମନଗଢ଼ା ଭାବେ ଉପସ୍ଥାପନ କରିଥିଲେ । ଏହି ଜାଲିଆତି ପଦାକୁ ଆସିବା ପରେ ୨୦୧୦ ମସିହାରେ 'ଦି ଲାନସେଟ୍' ସେହି ପ୍ରବନ୍ଧକୁ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାହାର କରିନେଲା ଏବଂ ବ୍ରିଟେନର ଜେନେରାଲ ମେଡିକାଲ କାଉନସିଲ ୱେକଫିଲ୍ଡଙ୍କ ଚିକିତ୍ସା ଲାଇସେନ୍ସ ରଦ୍ଦ କରିଦେଲେ । କିନ୍ତୁ ଦୁର୍ଭାଗ୍ୟବଶତଃ, ସେତେବେଳକୁ ସମାଜରେ ଅପୂରଣୀୟ କ୍ଷତି ଘଟିସାରିଥିଲା । ଗଣମାଧ୍ୟମରେ ଏହି ଖବରର ବ୍ୟାପକ ପ୍ରଚାର ଯୋଗୁଁ ଲୋକଙ୍କ ମନରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା, ଯାହାର ପ୍ରଭାବ ଆଜି ମଧ୍ୟ ଦେଖିବାକୁ ମିଳୁଛି ।

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ, ଆମେରିକାର ସେଣ୍ଟର ଫର ଡିଜିଜ କଣ୍ଟ୍ରୋଲ (CDC) ଏବଂ ବିଶ୍ୱର ଅନ୍ୟାନ୍ୟ ପ୍ରମୁଖ ସ୍ୱାସ୍ଥ୍ୟ ଅନୁଷ୍ଠାନଗୁଡ଼ିକ ଦ୍ୱାରା ପରିଚାଳିତ ବ୍ୟାପକ ଗବେଷଣା ଏହି ଭ୍ରାନ୍ତ ଧାରଣାକୁ ବାରମ୍ବାର ଭୁଲ ବୋଲି ପ୍ରମାଣିତ କରିଛି । ଉଦାହରଣ ସ୍ୱରୂପ, ଡେନମାର୍କରେ ହୋଇଥିବା ଏକ ବିଶାଳ ଅଧ୍ୟୟନରେ ୬,୫୦,୦୦୦ରୁ ଅଧିକ ପିଲାଙ୍କୁ ଅନ୍ତର୍ଭୁକ୍ତ କରାଯାଇଥିଲା । ଏହି ଦୀର୍ଘମିଆଦି ଗବେଷଣାରୁ ଜଣାପଡ଼ିଲା ଯେ ଏମ୍ଏମ୍ଆର ଟିକା ନେଇଥିବା ପିଲା ଏବଂ ଟିକା ନେଇନଥିବା ପିଲାଙ୍କ ମଧ୍ୟରେ ଅଟିଜିମ୍ ହେବାର ହାରରେ କୌଣସି ପାର୍ଥକ୍ୟ ନାହିଁ । ଯଦି ଟିକା ଅଟିଜିମ୍ ର କାରଣ ହୋଇଥାନ୍ତା, ତେବେ ଟିକା ନେଇଥିବା ଗୋଷ୍ଠୀରେ ଏହି ରୋଗର ମାତ୍ରା ନିଶ୍ଚିତ ଭାବରେ ଅଧିକ ଥାଆନ୍ତା, କିନ୍ତୁ ବାସ୍ତବରେ ସେପରି କିଛି ଦେଖାଯାଇନାହିଁ । ସେହିପରି ଜାପାନରେ ହୋଇଥିବା ଏକ ଅଧ୍ୟୟନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଜାପାନ ସରକାର କିଛି ବର୍ଷ ପାଇଁ ଗଗଜ ଟିକା ବନ୍ଦ କରିଦେଇଥିଲେ, କିନ୍ତୁ ଦେଖାଗଲା ଯେ ଟିକା ବନ୍ଦ ହେବା ସତ୍ତ୍ୱେ ସେଠାରେ ଅଟିଜିମ୍ ହାର କମିବା ପରିବର୍ତ୍ତେ ବୃଦ୍ଧି ପାଇଲା । ଏହା ସ୍ପଷ୍ଟ ପ୍ରମାଣ କରେ ଯେ ଏମ୍ଏମ୍ଆର ଟିକା ସହିତ ଅଟିଜିମ୍ ର କୌଣସି ସମ୍ପର୍କ ନାହିଁ ।

ବୈଜ୍ଞାନିକ ଦୃଷ୍ଟିକୋଣରୁ ଦେଖିଲେ, ଅଟିଜିମ୍ ଏକ ଜଟିଳ ସ୍ନାୟୁଗତ ବିକାଶଜନିତ ଅବସ୍ଥା ଯାହା ମୁଖ୍ୟତଃ ଜିନ୍‌ଗତ କାରଣ ଏବଂ ଗର୍ଭାବସ୍ଥାରେ ପରିବେଶଗତ କାରକ ଉପରେ ନିର୍ଭର କରେ । ଅନେକ ସମୟରେ ଅଭିଭାବକମାନେ ଟିକାକୁ ଦୋଷ ଦେବାର କାରଣ ହେଲା 'ସମୟର ସାମଞ୍ଜସ୍ୟ' । ସାଧାରଣତଃ ଏମ୍ଏମ୍ଆର ଟିକା ପିଲାକୁ ୧୨ ରୁ ୧୫ ମାସ ବୟସରେ ଦିଆଯାଏ ଏବଂ ଠିକ୍ ଏହି ସମୟରେ ହିଁ ପିଲାମାନଙ୍କ ବିକାଶରେ ବିଳମ୍ବ ବା ଅଟିଜିମ୍ ର ପ୍ରାରମ୍ଭିକ ଲକ୍ଷଣଗୁଡ଼ିକ ପ୍ରକାଶ ପାଇବା ଆରମ୍ଭ ହୁଏ । ଦୁଇଟି ଘଟଣା ଏକା ସମୟରେ ଘଟିବା ମାନେ ଏହା ନୁହେଁ ଯେ ଗୋଟିଏ ଅନ୍ୟଟିର କାରଣ । ଏହାକୁ ବିଜ୍ଞାନ ଭାଷାରେ 'କୋରିଲେସନ୍ ଇଜ୍ ନଟ୍ କଜେସନ୍' (ସହସମ୍ବନ୍ଧ କାରଣ ନୁହେଁ) ବୋଲି କୁହାଯାଏ । ଉଦାହରଣ ସ୍ୱରୂପ, ସୂର୍ଯ୍ୟୋଦୟ ସମୟରେ ପକ୍ଷୀମାନେ ରାବନ୍ତି, କିନ୍ତୁ ପକ୍ଷୀ ରାବିବା ଯୋଗୁଁ ସୂର୍ଯ୍ୟ ଉଦୟ ହୁଅନ୍ତି ନାହିଁ । ଠିକ୍ ସେହିପରି, ଟିକାକରଣ ସମୟ ଏବଂ ଅଟିଜିମ୍ ଲକ୍ଷଣ ପ୍ରକାଶ ପାଇବାର ସମୟ ସମାନ ହୋଇପାରେ, କିନ୍ତୁ ଗୋଟିଏ ଅନ୍ୟଟିକୁ ସୃଷ୍ଟି କରେ ନାହିଁ । ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଲା ଟିକାରେ ବ୍ୟବହୃତ ସଂରକ୍ଷକ ବା ପ୍ରିଜରଭେଟିଭ୍ । କିଛି ବର୍ଷ ପୂର୍ବେ ଧାରଣା ଥିଲା ଯେ ଟିକାରେ ବ୍ୟବହୃତ 'ଥିମେରୋସାଲ' (ଏକ ପାରଦ ଯୌଗିକ) ଅଟିଜିମ୍ ର କାରଣ ହୋଇପାରେ । କିନ୍ତୁ ବୈଜ୍ଞାନିକ ଅନୁସନ୍ଧାନରୁ ଏହାର କୌଣସି ପ୍ରମାଣ ମିଳିଲା ନାହିଁ । ମାନବ ଶରୀରରେ 'ମିଥାଇଲ୍ ମର୍କ୍ୟୁରୀ' କ୍ଷତିକାରକ ହୋଇପାରେ, କିନ୍ତୁ ଟିକାରେ ବ୍ୟବହୃତ 'ଇଥାଇଲ୍ ମର୍କ୍ୟୁରୀ' ଶରୀରରୁ ଶୀଘ୍ର ବାହାରିଯାଏ ଏବଂ ଏହା କ୍ଷତିକାରକ ନୁହେଁ । ତଥାପି, ଜନସାଧାରଣଙ୍କ ମନରୁ ଭୟ ଦୂର କରିବା ପାଇଁ ଏକ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ୨୦୦୧ ମସିହା ପରଠାରୁ ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ ଅଧିକାଂଶ ଟିକାରୁ ଥିମେରୋସାଲକୁ ବାଦ୍ ଦିଆଗଲା । ଆଶ୍ଚର୍ଯ୍ୟର କଥା ହେଲା, ଟିକାରୁ ଏହି ଉପାଦାନ କାଢ଼ି ନିଆଯିବା ପରେ ମଧ୍ୟ ବିଶ୍ୱବ୍ୟାପୀ ଅଟିଜିମ୍ ରୋଗୀଙ୍କ ସଂଖ୍ୟା କମିବା ପରିବର୍ତ୍ତେ ବୃଦ୍ଧି ପାଇବାରେ ଲାଗିଲା । ଏହା ସ୍ପଷ୍ଟ ପ୍ରମାଣ କରେ ଯେ ଟିକା ବା ଏହାର ଉପାଦାନ ସହିତ ଅଟିଜିମ୍ ର କୌଣସି ସମ୍ପର୍କ ନାହିଁ । ବରଂ ଅଟିଜିମ୍ ରୋଗୀଙ୍କ ସଂଖ୍ୟା ବୃଦ୍ଧିର ମୁଖ୍ୟ କାରଣ ହେଲା ରୋଗ ନିରୂପଣ ପ୍ରଣାଳୀରେ ଉନ୍ନତି ଏବଂ ସଚେତନତା ବୃଦ୍ଧି । ଆଜିକାଲି ଡାକ୍ତରମାନେ ଅଟିଜିମ୍ ର ସାମାନ୍ୟ ଲକ୍ଷଣ ଥିବା ପିଲାଙ୍କୁ ମଧ୍ୟ ଚିହ୍ନଟ କରିପାରୁଛନ୍ତି, ଯାହା ପୂର୍ବରୁ ସମ୍ଭବ ନଥିଲା । 'ଅଟିଜିମ୍ ସ୍ପେକ୍ଟ୍ରମ୍ ଡିଜଅର୍ଡର'ର ପରିସର ବୃଦ୍ଧି ପାଇବା ଫଳରେ ଅଧିକ ସଂଖ୍ୟକ ପିଲା ଏହି ବର୍ଗରେ ଅନ୍ତର୍ଭୁକ୍ତ ହେଉଛନ୍ତି, ଯାହା ପରିସଂଖ୍ୟାନରେ ବୃଦ୍ଧି ଭଳି ମନେହେଉଛି ।

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଏହି ସଦ୍ୟତମ ରିପୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ଆସିଛି, ଯେତେବେଳେ ସୋସିଆଲ ମିଡିଆ ଯୋଗୁଁ ମିଥ୍ୟା ତଥ୍ୟ ବା 'ଫେକ୍ ନ୍ୟୁଜ୍' ଦ୍ରୁତ ଗତିରେ ପ୍ରସାରିତ ହେଉଛି । ଇଣ୍ଟରନେଟରେ ଉପଲବ୍ଧ ଅନେକ ଅବୈଜ୍ଞାନିକ ଲେଖା ଏବଂ ଭିଡିଓ ଅଭିଭାବକମାନଙ୍କୁ ବିଭ୍ରାନ୍ତ କରୁଛି । କିଛି ଲୋକ ଯୁକ୍ତି କରନ୍ତି ଯେ ଶିଶୁର ରୋଗ ପ୍ରତିରୋଧକ ଶକ୍ତି ଏତେଗୁଡ଼ିଏ ଟିକା ଏକାଥରକେ ସମ୍ଭାଳିବାକୁ ଅସମର୍ଥ । କିନ୍ତୁ ଇମ୍ୟୁନୋଲୋଜି ବା ରୋଗ ପ୍ରତିରୋଧକ ବିଜ୍ଞାନ ଅନୁସାରେ, ଏକ ଶିଶୁ ପ୍ରତିଦିନ ପରିବେଶରୁ ହଜାର ହଜାର ଜୀବାଣୁ ଏବଂ ଭୂତାଣୁ ସଂସ୍ପର୍ଶରେ ଆସିଥାଏ । ଟିକାରେ ଥିବା ନିଷ୍କ୍ରିୟ ଜୀବାଣୁର ଅଂଶ ଏହି ଦୈନନ୍ଦିନ ଆହ୍ୱାନ ତୁଳନାରେ ଅତ୍ୟନ୍ତ ନଗଣ୍ୟ । ତେଣୁ 'ଇମ୍ୟୁନ୍ ଓଭରଲୋଡ୍' ବା ରୋଗ ପ୍ରତିରୋଧକ ଶକ୍ତି ଉପରେ ଅତ୍ୟଧିକ ଚାପ ପଡ଼ିବାର ଧାରଣା ସମ୍ପୂର୍ଣ୍ଣ ଭିତ୍ତିହୀନ । ଏହି 'ଆଣ୍ଟି-ଭାକ୍ସ' ବା ଟିକା-ବିରୋଧୀ ଆନ୍ଦୋଳନ ଜନସ୍ୱାସ୍ଥ୍ୟ ପାଇଁ ଏକ ବଡ଼ ବିପଦ ସୃଷ୍ଟି କରିଛି । ଏହାର ପରିଣାମ ସ୍ୱରୂପ, ଆମେରିକା ଏବଂ ୟୁରୋପର ଅନେକ ବିକଶିତ ରାଷ୍ଟ୍ରରେ ଗରବସ୍ଫକ୍ଷରଘ୍ନ ଭଳି ନିୟନ୍ତ୍ରିତ ହୋଇସାରିଥିବା ରୋଗ ପୁନର୍ବାର ମୁଣ୍ଡ ଟେକିଛି ଏବଂ ମହାମାରୀର ରୂପ ନେଉଛି । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ୨୦୧୯ ମସିହାରେ 'ଟିକା ପ୍ରତି ଅନିଚ୍ଛା' ବା 'ଭ୍ୟାକସିନ୍ ହେଜିଟାନ୍ସି'କୁ ବିଶ୍ୱ ସ୍ୱାସ୍ଥ୍ୟ ପ୍ରତି ଥିବା ଶ୍ରେଷ୍ଠ ୧୦ଟି ବିପଦ ମଧ୍ୟରେ ସ୍ଥାନିତ କରିଥିଲା । ଯେତେବେଳେ ଗୋଟିଏ ସମ୍ପ୍ରଦାୟରେ ଯଥେଷ୍ଟ ସଂଖ୍ୟକ ଲୋକ ଟିକା ନିଅନ୍ତି ନାହିଁ, ସେତେବେଳେ 'ହର୍ଡ ଇମ୍ୟୁନିଟି' ବା ଗୋଷ୍ଠୀଗତ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଏ । ଏହାର ଅର୍ଥ ହେଲା, ଯଦି ଅଧିକାଂଶ ଲୋକ ଟିକା ନେଇଥାନ୍ତି, ତେବେ ରୋଗ ଜଣଙ୍କ ଠାରୁ ଅନ୍ୟ ଜଣଙ୍କୁ ବ୍ୟାପିପାରେ ନାହିଁ । ଫଳରେ ଯେଉଁମାନେ ବୟସ କିମ୍ବା ଶାରୀରିକ ଅସୁସ୍ଥତା କାରଣରୁ ଟିକା ନେଇପାରିନଥାନ୍ତି (ଯଥା ନବଜାତ ଶିଶୁ କିମ୍ବା କର୍କଟ ରୋଗୀ), ସେମାନେ ମଧ୍ୟ ସୁରକ୍ଷିତ ରୁହନ୍ତି । କିନ୍ତୁ ଭ୍ରାନ୍ତ ଧାରଣାର ବଶବର୍ତ୍ତୀ ହୋଇ ଟିକା ନ ନେବା ଦ୍ୱାରା ଆମେ କେବଳ ନିଜ ପିଲାକୁ ବିପଦରେ ପକାଉନାହୁଁ, ବରଂ ସମାଜର ଦୁର୍ବଳ ବର୍ଗର ଲୋକଙ୍କ ଜୀବନ ସହ ମଧ୍ୟ ଖେଳୁଛୁ । ଏହା ବୁଝିବା ଏକାନ୍ତ ଆବଶ୍ୟକ ଯେ ବିଜ୍ଞାନ କ୍ରମାଗତ ପରୀକ୍ଷଣ, ତଥ୍ୟ ଏବଂ ପ୍ରମାଣ ଉପରେ ଆଧାରିତ । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଏହି ଘୋଷଣା କୌଣସି ବ୍ୟକ୍ତିଗତ ମତାମତ ନୁହେଁ, ବରଂ ଦଶନ୍ଧି ଦଶନ୍ଧି ଧରି ଚାଲିଥିବା ନିରପେକ୍ଷ ବୈଜ୍ଞାନିକ ଅନୁସନ୍ଧାନର ନିର୍ଯ୍ୟାସ । ଅଟିଜିମ୍ ସହ ବଞ୍ଚୁଥିବା ପିଲାମାନଙ୍କ ପାଇଁ ଆମର ସମବେଦନା, ସ୍ନେହ ଏବଂ ଉପଯୁକ୍ତ ଚିକିତ୍ସା ସହାୟତା ଆବଶ୍ୟକ । କିନ୍ତୁ ଏହାର କାରଣ ଖୋଜିବାକୁ ଯାଇ ଏମ୍ଏମ୍ଆର ଟିକା ଭଳି ଜୀବନ ରକ୍ଷାକାରୀ ବ୍ୟବସ୍ଥାକୁ ବଳି ଦେବା ଆଦୌ ବୁଦ୍ଧିମାନର କାମ ନୁହେଁ । ଏହାଦ୍ୱାରା ପିଲାମାନେ ଅଟିଜିମ୍ ରୁ ରକ୍ଷା ପାଇବେ ନାହିଁ, ବରଂ ମାରାତ୍ମକ ସଂକ୍ରାମକ ରୋଗର ଶିକାର ହୋଇ ମୃତ୍ୟୁମୁଖରେ ପଡ଼ିପାରନ୍ତି । ଅଭିଭାବକମାନେ ହ୍ୱାଟ୍ସଆପ୍ ଫରୱାର୍ଡ କିମ୍ବା ୟୁଟ୍ୟୁବ୍ ର ଅପ୍ରମାଣିତ ଭିଡିଓ ବଦଳରେ ଡାକ୍ତର, ବୈଜ୍ଞାନିକ ଏବଂ ବିଶେଷଜ୍ଞଙ୍କ ପରାମର୍ଶ ଉପରେ ଭରସା କରିବା ଉଚିତ୍ । ସରକାର, ଗଣମାଧ୍ୟମ ଏବଂ ସ୍ୱାସ୍ଥ୍ୟ ବିଭାଗ ମଧ୍ୟ ତୃଣମୂଳ ସ୍ତରରେ ସଚେତନତା ସୃଷ୍ଟି କରିବା ପାଇଁ ଅଧିକ ତତ୍ପର ହେବା ଦରକାର, ଯେପରି କୌଣସି ପିଲା ଟିକାରୁ ବଞ୍ଚିତ ନ ହୁଅନ୍ତି । ଏକ ସୁସ୍ଥ, ନିରାମୟ ଓ ବିକଶିତ ସମାଜ ଗଠନ ପାଇଁ ବିଜ୍ଞାନ ଉପରେ ବିଶ୍ୱାସ ରଖିବା ଏବଂ ସମସ୍ତ ପିଲାଙ୍କୁ ଯଥା ସମୟରେ ଟିକାକରଣ କରାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ ।

# ହେତୁବାଦ ବନାମ କେତୁବାଦ



ଅଧ୍ୟାପକ ଗୋପବନ୍ଧୁ

ଓଡ଼ିଶାରେ ଚନ୍ଦ୍ରଗହଣ ଓ ସୂର୍ଯ୍ୟପରାଗ ସମୟରେ ହେତୁବାଦୀ ଓ କେତୁବାଦୀ (ପରମ୍ପରାବାଦୀ)ଙ୍କ ମଧ୍ୟରେ ବିବାଦ ସମସ୍ତ ଗଣମାଧ୍ୟମରେ ପ୍ରମୁଖ ସ୍ଥାନ ଗ୍ରହଣ କରେ। ବେଳେବେଳେ ଏ ବିବାଦ ଝଗଡ଼ା, ଗାଳିଗୁଲଜ ଓ ମାଡ଼ଗୋଳ ପର୍ଯ୍ୟନ୍ତ ଯାଏ। ଥାନାରେ ଅଭିଯୋଗ ଓ ଗିରଫଦାରୀ ମଧ୍ୟ ହୁଏ। ବିତର୍କ ଦୂରଦର୍ଶନଠାରୁ ଆରମ୍ଭ କରି 'ଚା'ଖଟି ପର୍ଯ୍ୟନ୍ତ ପହଞ୍ଚେ। ଉଭୟ ଗୋଷ୍ଠୀ ନିଜ ବିଚାର ଓ ବିଶ୍ୱାସକୁ ଶ୍ରେଷ୍ଠ ଭାବନ୍ତି ଏବଂ ନିଜ ସିଦ୍ଧାନ୍ତ ଉପରେ ଅଟଳ ରହିବା ଯୋଗୁଁ ଏ ପରିସ୍ଥିତି ତିଆରି ହୁଏ। ସାଧାରଣ ଜନତାଙ୍କ ମଧ୍ୟରୁ ଅନେକ କିଛି ନବୁଝି ଝଗଡାକୁ ଡେଇଁ ପଡ଼ନ୍ତି। ହେତୁବାଦୀ ନିଜକୁ ବିଜ୍ଞାନବାଦୀ କହନ୍ତି। କେତୁବାଦୀଙ୍କୁ ପରମ୍ପରାବାଦୀ ବୋଲି କୁହାଯାଏ। କେତୁବାଦୀମାନେ ଧର୍ମଭିତ୍ତିକ ପରମ୍ପରା ଉପରେ ବିଶ୍ୱାସ ରଖନ୍ତି। ହେତୁବାଦୀମାନେ ବିଜ୍ଞାନ ଉପରେ ବିଶ୍ୱାସ ରଖନ୍ତି।

ଧର୍ମଭିତ୍ତିକ ଜ୍ୟୋତିଷଶାସ୍ତ୍ର ଅନୁଯାୟୀ ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟପରାଗର ସମୟ ଓ ପ୍ରଭାବ ନିର୍ଣ୍ଣୟ ହୁଏ। ଏହାକୁ ନେଇ ଧାର୍ମିକ ବଡ଼ପଣ୍ଡାମାନେ ନୀତିନିୟମ ନିର୍ଦ୍ଧାରଣ କରନ୍ତି। ଏହି ସମୟରେ ପାକ ନିଷିଦ୍ଧ। ଏହି ସମୟରେ ରୋଷେଇ କଲେ ଓ ଖାଇଲେ ଶରୀର ଉପରେ କୁପ୍ରଭାବ ପଡେ। ଏହା ଅଶୁଭ ସମୟ। ଏହି ସମୟରେ କୌଣସି ଶୁଭକାର୍ଯ୍ୟ କରିବା ଅନୁଚିତ ଇତ୍ୟାଦି। କିନ୍ତୁ ହେତୁବାଦୀଙ୍କ ଯୁକ୍ତି ଯେ ଏପରି ପ୍ରତିବନ୍ଧକ ଅନାବଶ୍ୟକ। ବିଜ୍ଞାନ ଦୃଷ୍ଟିରୁ ଏହି ସମୟରେ ରୋଷେଇ କଲେ, ଖାଇଲେ କିମ୍ବା କୌଣସି କାର୍ଯ୍ୟ ଆରମ୍ଭ କଲେ କିଛି ଫରକ ପଡ଼େ ନାହିଁ। ଏହା ବିଜ୍ଞାନ ଅନୁମୋଦିତ ନୁହେଁ। ଚିକିତ୍ସା ବିଜ୍ଞାନରେ ଏହି ସମୟରେ ଖାଇଲେ କିଛି ଅସୁବିଧା ହେବାର କୌଣସି ଉଲ୍ଲେଖ ନାହିଁ। ଏହି ସମୟରେ ପୃଥିବୀର ଅନ୍ୟ କୋଉ ଦେଶରେ ଖାଇବା, ରାନ୍ଧିବା, କାର୍ଯ୍ୟ ଆରମ୍ଭ କରିବା ଇତ୍ୟାଦି ଉପରେ କୌଣସି ପ୍ରତିବନ୍ଧକ ନାହିଁ। ଏପରିକି ଭାରତ ଭିତରେ ଭିନ୍ନ ଧର୍ମର ଓ ଅନେକ ସମ୍ପ୍ରଦାୟର ଲୋକ ଏପ୍ରକାର ପ୍ରତିବନ୍ଧକକୁ ମାନନ୍ତି ନାହିଁ। ତେଣୁ ଏପରି ପ୍ରତିବନ୍ଧକ ଅନ୍ଧବିଶ୍ୱାସ ଅଟେ।

କିଏ ଠିକ୍ କିଏ ଭୁଲ ନିର୍ଣ୍ଣୟ କରିବା ପୂର୍ବରୁ ଉଭୟ ବାଦକୁ ପ୍ରଥମେ ବୁଝିନେବା ଜରୁରୀ। ହେତୁ କହିଲେ ସାଧାରଣତଃ ମନୁଷ୍ୟର ବୁଦ୍ଧିକୁ ବୁଝାଏ। ତେଣୁ ହେତୁବାଦକୁ ବୁଦ୍ଧିବାଦ ବୋଲି କୁହନ୍ତି। ମନୁଷ୍ୟର ବୁଦ୍ଧି ଅନେକ ଗୁଡିଏ ବିଷୟ ଦ୍ୱାରା ନିୟନ୍ତ୍ରିତ ହୁଏ। ଏଗୁଡିକ ମୁଖ୍ୟତଃ କାରଣବାଦ, ତର୍କବାଦ ଓ ଅଭିଜ୍ଞତାବାଦ। ତେବେ ଏ ସମସ୍ତ ବାଦର ମୂଳ ଆଧାର ହେଉଛି କାରଣବାଦ। ହେତୁକୁ ଅନେକେ କାରଣ ଅର୍ଥରେ ବ୍ୟବହାର କରନ୍ତି। ତେଣୁ ହେତୁବାଦକୁ କାରଣବାଦ କୁହାଯାଇ ପାରେ। କାରଣବାଦ କହିଲେ କାର୍ଯ୍ୟ-କାରଣ ନିୟମକୁ ବୁଝାଏ। ଏହା ଏକ ସର୍ବବ୍ୟାପୀ ନିୟମ ଅଟେ। ଏହି ନିୟମ ଉପରେ ବିଜ୍ଞାନ ପର୍ଯ୍ୟବେଶିତ। ବିଶ୍ୱବ୍ରହ୍ମାଣ୍ଡ ଏହି ନିୟମ ଦ୍ୱାରା ପରିଚାଳିତ ହୋଇଆସିଛି। ଏଥିରେ ବ୍ୟତିକ୍ରମ ନାହିଁ। ଏହି ନିୟମ ଅନୁଯାୟୀ ପ୍ରଥମେ କାରଣ ସୃଷ୍ଟି ହୁଏ ଓ ଏହାପରେ କାର୍ଯ୍ୟ ବା ଘଟଣା ସଂଗଠିତ ହୁଏ। କୌଣସି କ୍ଷେତ୍ରରେ କାରଣ ବିନା କାର୍ଯ୍ୟ ସୃଷ୍ଟି ହେବା ସମ୍ଭବପର ନୁହେଁ।

ଏହି କାର୍ଯ୍ୟ-କାରଣ ସମ୍ବନ୍ଧୀୟ ତତ୍ତ୍ୱ ହିଁ ହେତୁବାଦ। ବିଜ୍ଞାନ କହିଲେ ନିର୍ଦ୍ଦିଷ୍ଟ ଓ ସୁସଂହତ ଜ୍ଞାନକୁ ବୁଝାଏ। ତେଣୁ ହେତୁବାଦ କହିଲେ କରଣୀକତା ଉପରେ ପର୍ଯ୍ୟବେଶିତ ବୈଜ୍ଞାନିକ ସିଦ୍ଧାନ୍ତକୁ ବୁଝାଏ। ବୁଦ୍ଧିର ମୂଳ ଆଧାର ହେଉଛି କାରଣୀକତା। ସେହିମାନେ ହିଁ ବୁଦ୍ଧିମାନ ଯେଉଁମାନେ କରଣୀକତାର ସଠିକ ନିର୍ଣ୍ଣୟ କରିପାରନ୍ତି। ଏହା ଜ୍ଞାନର ସେହି ଉଚ୍ଚତର ସୋପାନ ଯାହା ପ୍ରକୃତ ସତ୍ୟ ନିକଟରେ ଉପନୀତ ହେବାରେ ସହାୟକ ହୁଏ। ତର୍କବାଦ ଓ ଅନୁଭୂତିବାଦ କାରଣବାଦ ବିନା ସ୍ୱୟଂସମ୍ପୂର୍ଣ୍ଣ ନୁହେଁ। କାରଣବାଦକୁ ଉଦଭାସିତ କରିବା ଉଭୟ ତର୍କବାଦ ଓ ଅନୁଭୂତିବାଦର ଲକ୍ଷ୍ୟ। ହେତୁବାଦୀ ଓ ପରମ୍ପରାବାଦୀଙ୍କ ମଧ୍ୟରେ ଦେଖା ଯାଉଥିବା ବିବାଦର ସମାଧାନ ହୋଇପାରିବ ଯଦି ଉଭୟ ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟପରାଗର ବିଜ୍ଞାନସମ୍ମତ କାରଣକୁ ଗ୍ରହଣ କରାଯିବ ଏବଂ ଏହା ସହିତ ଏହି ସମୟରେ ରୋଷେଇ କଲେ କିମ୍ବା ଖାଇଲେ କେଉଁ ଅସୁବିଧା ହୁଏ ତାହାର ସଠିକ ତଥ୍ୟ ମିଳିପାରିବ।

ଅନ୍ୟ ପକ୍ଷରେ କେତୁବାଦ କହିଲେ ରାହୁ-କେତୁ ସମ୍ବନ୍ଧୀୟ ପୌରାଣିକ ବିଷୟ ଆଧାରିତ କଥନକୁ ବୁଝାଏ। ହିନ୍ଦୁ ପୁରାଣରେ ରାହୁ-କେତୁ ସମ୍ବନ୍ଧରେ ବର୍ଣ୍ଣନା ରହିଛି। ଏଥିରେ ସମୁଦ୍ର ମନ୍ଥନ କଥାର ଉଲ୍ଲେଖ ରହିଛି। ମନ୍ଦରା ପର୍ବତକୁ ମୂଳଖମ୍ବ ଓ ବାସୁକି ନାଗକୁ ଦଉଡି ରୂପେ ବ୍ୟବହାର କରି ଏବଂ ଗୋଟିଏ ପଟେ ଦେବତାମାନେ ଓ ଅନ୍ୟ ପଟେ ଅସୁରମାନେ ଧରି ସମୁଦ୍ର ମନ୍ଥନ କରିଥିଲେ। ସମୁଦ୍ର ମନ୍ଥନରୁ ଅନେକ କିଛି ମଧ୍ୟରୁ ଅମୃତ ମଧ୍ୟ ବାହାରି ଥିଲା। ଯିଏ ଅମୃତ ଖାଇବ ସେ ଅମର ହୋଇଯିବ। ଏହା ଜାଣିପାରି ସ୍ୱର୍ଭାନୁ ନାମକ ଜଣେ ଅସୁର ଅମୃତ ପାନ ପାଇଁ ଦେବତା ରୂପରେ ଉଦ୍ଦିଷ୍ଟ ଧାଡ଼ିରେ ଦେବତାଙ୍କ ମଧ୍ୟରେ ବସିଯାଇଥିଲା। ତାକୁ ଚନ୍ଦ୍ର ଓ ସୂର୍ଯ୍ୟ ଚିହ୍ନି ପାରି ମୋହିନୀ ରୂପରେ ଥିବା ବିଷ୍ଣୁଙ୍କୁ ଜଣାଇ ଦେଇଥିଲେ। ଅସୁର ଜଣକ ଅମୃତ ପାଇ ପାନ କରି ଦେଇଥିଲେ, କିନ୍ତୁ ଏହା ତାର ତଣ୍ଟିପାର ହେବା ପୂର୍ବରୁ ବିଷ୍ଣୁ ସୁଦର୍ଶନ ଚକ୍ର ପେଷି ତା ମୁଣ୍ଡକୁ କାଟି ଅଲଗା ଦେଇଥିଲେ। ଶରୀର ଦୁଇଖଣ୍ଡ ହୋଇଗଲା। ତେବେ ଅମୃତ ପାନ କରିଥିବା ଯୋଗୁଁ ସେ ଅମର ହୋଇଗଲା। ମୁଣ୍ଡ ରାହୁ ଓ ଶରୀର କେତୁ ଭାବେ ପରିଚିତ ହେଲା। ପ୍ରତିଶୋଧ ନେବାପାଇଁ ସେ ଗୋଡାଇଲା ସୂର୍ଯ୍ୟ ଓ ଚନ୍ଦ୍ରକୁ ଗ୍ରାସ କରିବା ପାଇଁ। ରାହୁ-କେତୁ ସୂର୍ଯ୍ୟ ଓ ଚନ୍ଦ୍ରକୁ ଗିଳିଲେ ସୂର୍ଯ୍ୟପରାଗ ଓ ଚନ୍ଦ୍ରଗ୍ରହଣ ହୁଏ। ରାହୁ-କେତୁର ମୁଣ୍ଡ ଓ ଶରୀର ପୃଥକ ହୋଇଥିବା ଯୋଗୁଁ ଗିଳିବା ପରେ ସୂର୍ଯ୍ୟ ଓ ଚନ୍ଦ୍ର ବେକ ଆଡ଼େ ବାହାରି ଆସନ୍ତି। ପରମ୍ପରାବାଦୀ ମାନେ ଏହି ଉପାଖ୍ୟାନକୁ ବିଶ୍ୱାସ କରନ୍ତି।

ହେତୁବାଦୀ ମାନେ ଏ ପ୍ରକାର ମତ ଗ୍ରହଣ କରନ୍ତି ନାହିଁ। ଏମାନେ ବୈଜ୍ଞାନିକ ସିଦ୍ଧାନ୍ତକୁ ଗ୍ରହଣ କରନ୍ତି। ଏହାକୁ ଛାଇ ଆଲୁଅର ଖେଳ ବୋଲି କହନ୍ତି। ବିଜ୍ଞାନସମ୍ମତ ଖୋଗଲଶାସ୍ତ୍ର ଅନୁଯାୟୀ ସୂର୍ଯ୍ୟ ସ୍ଥିର ଓ ସୂର୍ଯ୍ୟ ଚାରିପଟେ ପୃଥିବୀ ଘୁରୁଛି। ପୁଣି ପୃଥିବୀ ଚାରିପଟେ ଚନ୍ଦ୍ର ଘୂରୁଛି। ସୂର୍ଯ୍ୟ ଚାରିପଟେ ପୃଥିବୀ ୩୬୫.୨୫ ଦିନରେ ଥରେ ବୁଲିଆସେ ଓ ପୃଥିବୀ ଚାରିପଟେ ଚନ୍ଦ୍ର ୨୭.୩ ଦିନରେ ଥରେ ବୁଲିଆସେ। ଏହି ପରିକ୍ରମା ମଧ୍ୟରେ ଏପରି ଏକ ସମୟ ଆସେ ସେତେବେଳେ ସୂର୍ଯ୍ୟ, ପୃଥିବୀ ଓ ଚନ୍ଦ୍ର ଗୋଟିଏ ସରଳ ରେଖାରେ ରହନ୍ତି। ଯେତେବେଳେ ସୂର୍ଯ୍ୟ ଓ ଚନ୍ଦ୍ର ମଧ୍ୟରେ ପୃଥିବୀ ରହେ ସେ ସମୟରେ ପୃଥିବୀର ଛାଇ ଚନ୍ଦ୍ର ଉପରେ ପଡେ ଓ ଚନ୍ଦ୍ର ଛାଇ ଭିତରେ ଲୁଚିଯାଏ। ଏହି ସମୟରେ ପୃଥିବୀର ଗୋଟିଏ ଅଞ୍ଚଳର ଲୋକ ଏହାକୁ ଦେଖି ପାରନ୍ତି ନାହିଁ। ଉଭୟ ପୃଥିବୀ ଓ ଚନ୍ଦ୍ରର ଗତି ଯୋଗୁଁ ଛାଇ ଗୋଟିଏ ପଟୁ ଚନ୍ଦ୍ରକୁ ଢାଙ୍କି ଢାଙ୍କି ଆସେ ଓ ପୁଣି ସେହି ପଟୁ ଛାଇ ହଟି ହଟି ଆସେ। ଏହାକୁ ପୁରାଣରେ ଚନ୍ଦ୍ରକୁ ରାହୁ-କେତୁ ଗିଳେ ଓ ପୁଣି ଏହା ବେକଆଡୁ ବାହାରି ଆସେ ବୋଲି କୁହାଯାଇଛି। ସେହିପରି ପରିକ୍ରମା ସମୟରେ ସୂର୍ଯ୍ୟ ଓ ପୃଥିବୀ ମଧ୍ୟରେ ଯେତେବେଳେ ଚନ୍ଦ୍ର ଚାଲିଆସେ ସେତେବେଳେ ଚନ୍ଦ୍ର ପ୍ରତିବନ୍ଧକଭାବେ ସୂର୍ଯ୍ୟ ସମ୍ମୁଖରେ ରହେ ଓ ସୂର୍ଯ୍ୟ ଆଂଶିକଭାବେ ଅଥବା ସମ୍ପୂର୍ଣ୍ଣଭାବେ ଢାଙ୍କିଯାଏ। ଏହାକୁ ପୂରାଣରେ ରାହୁ-କେତୁ ସୂର୍ଯ୍ୟକୁ ଗ୍ରାସକରେ ବୋଲି କୁହାଯାଇଛି। ବେକ କଟା ଯୋଗୁଁ ସୂର୍ଯ୍ୟ ବେକଆଡୁ ବାହାରି ଆସେ।

ହେତୁବାଦୀଙ୍କ ମତରେ ଏପରି ବିଶ୍ୱାସ ବିଜ୍ଞାନସିଦ୍ଧ ନୁହେଁ। ଏହା ସଠିକ ଜ୍ଞାନ ମଧ୍ୟ ନୁହେଁ। ଆଜିର ମନୁଷ୍ୟ ବହୁ ବିବର୍ତ୍ତନ ପ୍ରକ୍ରୀୟା ଦେଇ ବର୍ତ୍ତମାନର ସ୍ଥିତିକୁ ଆସିଛି। କ୍ରମେ ତାର ବୁଦ୍ଧିମତ୍ତାର ବିକାଶ ଘଟିଛି। ଏହି ବିକାଶ ପଛରେ ରହିଛି କରଣୀକତା ସମ୍ବନ୍ଧୀୟ ସଚେତନତା। ସେ ପ୍ରତ୍ୟେକ ଘଟଣାକୁ ଏକ ଆକସ୍ମିକ ବିଷୟଭାବେ ଗ୍ରହଣ କରିବାକୁ କୁଣ୍ଠାବୋଧ କରିଛି। ଘଟଣା ସଂଗଠିତ ହେବା ପଛର କାରଣ ଖୋଜିବାକୁ ଚେଷ୍ଟା କରିଛି। ଅନୁଭୂତି ତାକୁ ପ୍ରେରୀତ କରିଛି ଗ୍ରହଣ କରିବାକୁ ଯେ ପ୍ରତ୍ୟେକ କାର୍ଯ୍ୟ ବା ଘଟଣାର ଯାଥାଯଥ କାରଣ ରହିଛି। ବିନା କାରଣରେ କିଛି ଘଟେ ନାହିଁ। ଯାହାକୁ କାରଣ ବୋଲି ଗ୍ରହଣ କରାଯିବ ତାହା ଘଟଣାକୁ ସଠିକଭାବେ ବ୍ୟାଖ୍ୟା କରିପାରୁଥିବ। ତାହା ବାସ୍ତବବାଦୀ ହୋଇଥିବ। ଅନ୍ୟାନ୍ୟ କାରଣ ସମ୍ବନ୍ଧୀୟ ସୂତ୍ର ସହିତ ସମ୍ବନ୍ଧିତ ହୋଇଥିବ। ଗୋଟିଏ ଅସଂପୃକ୍ତ ବିଷୟକୁ କାରଣ ରୁପେ ଗ୍ରହଣ କରାଯାଇ ପାରିବ ନାହିଁ। କାରଣ ସମ୍ବନ୍ଧୀୟ ଅବଧାରଣା ମନୁଷ୍ୟର ମନରେ ହେତୁ ରୂପରେ ରୋପିତ ହୋଇଛି। ହେତୁବାଦ ବିନା ବିଜ୍ଞାନର ପରିକଳ୍ପନା କରାଯାଇ ପାରିବ ନାହିଁ ଓ ବିଜ୍ଞାନକୁ ଛାଡି ସଭ୍ୟତା ଆଗେଇ ପାରିବ ନାହିଁ। ସଭ୍ୟତାର ବିକାଶରେ ହେତୁବାଦର ଯଥେଷ୍ଟ ଭୂମିକା ରହିଛି।

ରାହୁ-କେତୁ ଉପଖ୍ୟାନକୁ ନେଇ ବିଜ୍ଞାନ ଆଗକୁ ଯାଇପାରିବ ନାହିଁ। ଏହା ଧର୍ମ ବିଶ୍ୱାସର ବିଷୟବସ୍ତୁ। ବିଜ୍ଞାନରେ ବିଶ୍ୱାସ ଯଥେଷ୍ଟ ନୂହେଁ, ଏଥିରେ ବାସ୍ତବ ବ୍ୟାଖାନ ଜରୁରୀ। ରାହୁ-କେତୁ ଉପାଖ୍ୟାନ ଉଭୟ ଜାଗତିକ ଘଟଣାକୁ ସଠିକଭାବେ ବ୍ୟାଖ୍ୟାନ କରିବାକୁ ଅକ୍ଷମ। ସେହିପରି ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟପରାଗ ସମୟରେ କାହିଁକି ପାକ ନିଷେଧ ଓ କାହିଁକି ଖାଦ୍ୟଗ୍ରହଣ ନିଷେଧ, ଏହାର କୁପ୍ରଭାବ କ'ଣ, ଏ ସମ୍ବନ୍ଧୀୟ ତଥ୍ୟ ସମ୍ବଳିତ ବାସ୍ତବ କାରଣ ଉପସ୍ଥାପନ ଅପରିହାର୍ଯ୍ୟ। ଏପରି କଲେ କେଉଁ ପ୍ରକାର ଶାରିରୀକ ସମସ୍ୟା ଜାତ ହୁଏ ତାହାର ସ୍ପଷ୍ଟ ବର୍ଣ୍ଣନା ଜରୁରୀ। ଅଯଥା ଗଣ୍ଡଗୋଳ ସୃଷ୍ଟି ନକରି ବାସ୍ତବତାକୁ ଉପଲବ୍ଧି କରିପାରିଲେ ବିବାଦର ସହଜ ସମାଧାନ ହୋଇପାରିବ।


ବାରିପଦା, ମୟୂରଭଞ୍ଜ,

ମୋ: ୭୦୦୮୯୭୬୧୮୦


# ବିଶିଷ୍ଟ ଜ୍ୟୋତିର୍ବିଦ୍ ପଠାଣି ସାମନ୍ତ



ବିଶ୍ୱବିଜୟୀ ଦାଶ

୧୮୩୫ ମସିହା ଡିସେମ୍ବର ୧୩ ତାରିଖ ପୌଷ କୃଷ୍ଣ ଅଷ୍ଟମୀ ତିଥିରେ ଖଣ୍ଡପଡ଼ା ରାଜବଂଶରେ ଜନ୍ମଗ୍ରହଣ କରିଥିଲେ ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର, ପରବର୍ତ୍ତୀ ସମୟରେ ଉତ୍କଳ ପୁରପଲ୍ଲୀ ରେ ସେ ପଠାଣି ସାମନ୍ତ ନାମରେ ସୁପରିଚିତ।

ତାଙ୍କ ବାପା ହେଉଛନ୍ତି ସାମନ୍ତ ଶ୍ୟାମବନ୍ଧୁ ସିଂହ ଓ ମାତା ହେଉଛନ୍ତି ବିଷ୍ଣୁମାଳି ଦେବୀ।

ପିଲାଦିନୁ ସେ ଉଦାସୀନ, ମନଯୋଗୀ, ଏକାଗ୍ରଚିତ୍ତ ଓ ଅଧ୍ୟବସାୟୀ ଓ ଉଦାରମନା ଥିଲେ । ଗୁରୁ କୃତ୍ତିବାସ ରଥଙ୍କଠାରୁ ବାଲ୍ୟଶିକ୍ଷା ଓ ଗୁରୁ ପଣ୍ଡିତ ଆନନ୍ଦ ଖାଡ଼ଙ୍ଗାଙ୍କଠାରୁ ସଂସ୍କୃତ ଶିକ୍ଷା ଲାଭ କରିଥିଲେ। ତାଙ୍କ ବାପା ସେହି ସମୟରେ ଜଣେ ପ୍ରଧାନ ଗାଣିତିକ ଥିଲେ । ଗଣିତ ଜ୍ୟୋତିଷରେ ତାହାଙ୍କର ଗଭୀର ପାଣ୍ଡିତ୍ୟ ଥିଲା । ଚନ୍ଦ୍ରଶେଖର ବାପାଙ୍କ ଠାରୁ ଗଣିତ ଜ୍ୟୋତିଷର ଆଲୋଚନା ମାଧ୍ୟମରେ ଶିକ୍ଷା ଲାଭ କରିଥିଲେ । ସେ ପୁରାତନ ଜ୍ୟୋତିଷ ଶାସ୍ତ୍ରମାନ ପର୍ଯ୍ୟାଲୋଚନା କରି ତାରା ଜଗତର ଗତିବିଧି ଅନୁଧ୍ୟାନ କରିବା ସହ ସୂକ୍ଷ୍ମ ଯନ୍ତ୍ରମାନ ଉଦ୍ଭାବନ କରିଥିଲେ । ଦୁଇଗୋଟି ବାଉଁଶନଳୀ ସାହାଯ୍ୟରେ ଦୂରଦୂରାନ୍ତର ଗ୍ରହ ମଣ୍ଡଳର ନକ୍ଷତ୍ରମାନଙ୍କର ଗତି ଅବଲୋକନ କରି ସେ ଯେଉଁ ସିଦ୍ଧାନ୍ତରେ ଉପନୀତ ହେଲେ ତାହା ପୁରାତନ ସଂସ୍କୃତ ଜ୍ୟୋତିଷ ଶାସ୍ତ୍ରର ସିଦ୍ଧାନ୍ତ ସହିତ ତାହାର ଅନେକ ଅସମାନତା ଥିଲା । ତାହାଙ୍କର ନିଜ ସିଦ୍ଧାନ୍ତରୁ ପ୍ରମାଣିତ ହେଲା ଯେ, ପୁରାତନ ଭାରତୀୟ ଜ୍ୟୋତିର୍ବିଦମାନଙ୍କ ଗଣନା ଦିବସରୁ ନକ୍ଷତ୍ର ଜଗତର ସ୍ଥିତି ଗତିର ବଦଳିଯାଇଛି । ତାଙ୍କର ନୂତନ ମୌଳିକ ଗଣନା ଅନୁଯାୟୀ ସେ ସିଦ୍ଧାନ୍ତ ଦର୍ପଣ ପୋଥି ରଚନା କଲେ ।

ପଠାଣି ସାମନ୍ତ ୧୮୬୯ ମସିହା ମେଷ ସଂକ୍ରମଣ ଦିନ ସିଦ୍ଧାନ୍ତ ଦର୍ପଣ ଗ୍ରନ୍ଥର ରଚନା ଆରମ୍ଭ କରିଥିଲେ । ୩୪ବର୍ଷ ବୟସରୁ ଆରମ୍ଭ କରିଥିବା ଏହି ଗ୍ରନ୍ଥ ମୁକୁନ୍ଦ ଦେବଙ୍କ ୧୪ଶ ଅଙ୍କ ମାର୍ଗଶୀର କୃଷ୍ଣ ନବମୀ ଶନିବାର ଅର୍ଥାତ ୧୮୯୨ ମସିହା ନଭେମ୍ବର ୧୨ତାରିଖ ଦିନ ସମାପ୍ତ ହୋଇଥିଲା । ଅତି ସୁନ୍ଦର ପଦ୍ୟାବଳି ସହ ସଂସ୍କୃତ ଭାଷାରେ ଲିଖିତ ଏହି ବୃହତ ଗ୍ରନ୍ଥରେ ୨୪ଟି ବିଭାଗ ଏବଂ ୨୫୦୦ଟି ଶ୍ଳୋକ ସ୍ଥାନିତ ହୋଇଛି । ଏଥିମଧ୍ୟରୁ ୨୨୮୪ଟି ଶ୍ଳୋକ ସାମନ୍ତଙ୍କଦ୍ୱାରା ରଚିତ ହୋଇଥିବା ବେଳେ ଅବଶିଷ୍ଟ ପୁରାତନ ସିଦ୍ଧାନ୍ତମାନଙ୍କରୁ ଗୃହୀତ । ଏହି ଗ୍ରନ୍ଥ ମଧାଧିକାର, ସ୍ଫୁଟାଧିକାର, ତ୍ରିପ୍ରଶ୍ନାଧିକାର, ଗୋଲାଧିକାର ଓ କାଳାଧିକାର ପରି ପଞ୍ଚ ଅଧିକାରରେ ବିଭକ୍ତ । ତାଳପତ୍ର ଉପରେ ଲିଖିତ ପଠାଣି ସାମନ୍ତଙ୍କ ହସ୍ତଲିପିକୁ ଘନଶ୍ୟାମ ମିଶ୍ର କାଗଜକୁ ଉତ୍ତାରିଥିଲେ । ତତ୍କାଳିନ କରଦରାଜ୍ୟ ସମୂହର ତଦନାନ୍ତୀନ ସହକାରୀ ସୁପରିଟେଣ୍ଡେଣ୍ଟ ସୁଦାମ ଚରଣ ନାୟକଙ୍କ ଉଦ୍ୟମରେ ଆଠମଲ୍ଲିକ ରାଜା ମହେନ୍ଦ୍ର ଦେଓ ଓ ମୟୂରଭଞ୍ଜ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓଙ୍କ ଆର୍ଥିକ ସହାୟତା କ୍ରମେ କଲିକତା ସ୍ଥିତ ଗିରୀଶ ବିଦ୍ୟାରନ୍ ମୁଦ୍ରଣାଳୟରେ ୧୮୯୪ ମସିହାରେ ଛାପାକାର୍ଯ୍ୟ ଆରମ୍ଭ ହୋଇଥିଲା ।ଏହି ଗ୍ରନ୍ଥଟି ପାଖାପାଖି ୧୦୦ ବର୍ଷ ପର୍ଯ୍ୟନ୍ତ ଅନାଲୋଚିତ ହୋଇ ରହିଥିଲା । ଅଧ୍ୟାପକ ଯୋଗେଶଚନ୍ଦ୍ର ରାୟ ବିଦ୍ୟାନିଧି ''ନେଚର କଲେଜ'' ନାମକ ପତ୍ରିକାରେ ଏ ବିଷୟରେ ଏକ ଲେଖା ପ୍ରକାଶ କରି ଏହାକୁ ଲୋକ ଲୋଚନକୁ ଆଣିଥିଲେ । ପଦାର୍ଥବିଜ୍ଞାନୀ ପ୍ରଫେସର ଲକ୍ଷ୍ମୀଧର ଶତପଥି ଓ ଡଃ ପ୍ରହଲ୍ଲାଦ ଚନ୍ଦ୍ର ନାୟକ ମିଳିତ ଭାବେ ପଠାଣି ସାମନ୍ତ ସମ୍ବନ୍ଧରେ କତିପୟ ପ୍ରବନ୍ଧ ପ୍ରକାଶ କରି ଅଛନ୍ତି । କେତକ ଭାରତୀୟ ଓ ଅଣ-ଭାରତୀୟ ବୈଜ୍ଞାନିକଙ୍କ ଚେଷ୍ଟାରେ ତାଙ୍କ ସମ୍ବନ୍ଧରେ 'ବୌଦ୍ଧିକ ଅବଦାନ' ନାମକ ପୁସ୍ତକ ଦିଲ୍ଲୀର ନିରୋସା ପବ୍ଲିସିଂ ହାଉସ ତରଫରୁ ପ୍ରକାଶିତ ହୋଇଛି।

ପଠାଣି ସାମନ୍ତଙ୍କ ତିଆରି ଯନ୍ତ୍ର ଗୋଲଯନ୍ତ୍ର, ସୂର୍ଯ୍ୟଘଡ଼ି (ଏହା ସୂର୍ଯ୍ୟଙ୍କ ଗତିକୁ ନେଇ ସମୟ ନିରୂପଣ ପାଇଁ ବ୍ୟବହାର କରାଯାଇଥାଏ), ଶଙ୍କୁଦଣ୍ଡ ଉଲମ୍ବୀ ଚକ୍ର, ମାନଯନ୍ତ୍ର, ଖଗୋଳଯନ୍ତ୍ର।

ପଠାଣି ସାମନ୍ତ ଇଂଲଣ୍ଡରେ କେବେ ସୂର୍ଯ୍ୟଗ୍ରହଣ ହେବ ସେ ସମ୍ପର୍କରେ ଆଗୁଆ ସୂଚନା ଦେଇଥିଲେ। ମଞ୍ଜୁଷାର ରାଜା ଏକଥା ମାନ୍ଦ୍ରାଜର ଲାଟଙ୍କୁ ଜଣାଇଥିଲେ। ମାନ୍ଦ୍ରାଜର ତତ୍କାଳୀନ ଲାଟ୍ ? ଏ ସମ୍ପର୍କରେ ଇଂଲଣ୍ଡକୁ ଖବର ଦେଇଦେଲେ। ସେଠାକାର ଜ୍ୟୋତିର୍ବିଦମାନେ ଉତ୍କଣ୍ଠାର ସହିତ ସେ ସମୟକୁ ଅପେକ୍ଷା କରି ରହିଲେ। ପଠାଣିଙ୍କ ଗଣନା ମୁତାବକ ସେଇ ନିର୍ଦ୍ଦିଷ୍ଟ ସମୟରେ ସୂର୍ଯ୍ୟୋପରାଗ ହେଲା। ଠିକ୍ ସେମିତି ଆମେରିକାରେ ଚନ୍ଦ୍ରଗ୍ରହଣର ନିର୍ଦ୍ଦିଷ୍ଟ ସମୟ ବାବଦରେ ସେ ତତ୍କାଳୀନ ରେଭେନ୍‌ସା କଲେଜ୍ ?ର ପଦାର୍ଥ ବିଜ୍ଞାନ ଅଧ୍ୟାପକ ଯୋଗେଶଙ୍କୁ



ପତ୍ର ଦ୍ୱାରା ଜଣାଇଥିଲେ। ନିର୍ଧାରିତ ସମୟର ଦୁଇ ସେକେଣ୍ଡ ବିଳମ୍ବରେ ଚନ୍ଦ୍ରଗ୍ରହଣ ଦୃଶ୍ୟ ? ହୋଇଥିଲା। ଏହା ଜ୍ୟୋତିର୍ବିଜ୍ଞାନୀଙ୍କୁ ଚକିତ କରିଦେଇଥିଲା।

ଫଳିତ ଜ୍ୟୋତିଷର ନିର୍ଭୁଲ ଗଣନା ଯୋଗୁଁ ତାଙ୍କୁ ୧୮୯୩ ମସିହାରେ ମହାମହୋପାଧ୍ୟାୟ ଉପାଧିରେ ବିଭୂଷିତ କରାଯାଇଥିଲା।

ତାଙ୍କ ସ୍ମୃତିରେ ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ଠାରେ 'ପଠାଣି ସାମନ୍ତ ପ୍ଲାନେଟୋରିୟମ୍' ପ୍ରତିଷ୍ଠା ହୋଇଛି।

ଖଣ୍ଡପଡ଼ା ଏନ୍ଏସିର ୧୩ ନମ୍ବର ୱାର୍ଡରେ ରହିଛି, ପଠାଣି ସାମନ୍ତ ମ୍ୟୁଜିୟମ। ଏଠାରେ ତାଙ୍କ ଜନ୍ମ ଠାରୁ ଆରମ୍ଭ କରି ମୃତ୍ୟୁ, ଅନ୍ୟାନ୍ୟ କଥା କଳାକୃତି ମାଧ୍ୟମରେ ବର୍ଣ୍ଣନା କରାଯାଇଛି। ୨୦୧୬ ମସିହାରେ ପର୍ଯ୍ୟଟନ,ବିଜ୍ଞାନ ଓ ବୈଷୟିକ ବିଭାଗ ପକ୍ଷରୁ ଏହା ପ୍ରତିଷ୍ଠା କରାଯାଇଥିଲା। ଏଥିରେ ତାଙ୍କ ବିଜ୍ଞାନ ସମ୍ମତ ବିଭିନ୍ନ ସିଦ୍ଧାନ୍ତର ବର୍ଣ୍ଣନା ରହିଛି। ଏଥିସହିତ ସେ ବ୍ୟବହାର କରୁଥିବା ମାନଯନ୍ତ୍ର, ଖେଳୁଥିବା କାର୍ଡ ଆଦି ପ୍ରଦର୍ଶିତ ହେଉଛି। ନିଜର ଜାତକକୁ ଗଣନା କରି ନିଜର ମୃତ୍ୟୁ ସମୟ ସେ ବହୁ ପୂର୍ବରୁ ଜାଣି ପାରିଥିଲେ । ସେଥିପାଇଁ ଅନ୍ତିମ କାଳରେ ସେ ପୁରୀରେ ଅବସ୍ଥାନ କରିବା ସମୟରେ ୧୧ ଜୁନ୧୯୦୪ରେ ଇହଲୀଳା ସମ୍ବରଣ କରିଥିଲେ । କବିବର ରାଧାନାଥ ତାଙ୍କର ପ୍ରତିଭା ଓ କୃତିକୁ ଲକ୍ଷ୍ୟକରି ଦରବାର କବିତାରେ ଲେଖିଛନ୍ତି

''ଉତ୍କଳମାତାର ଯୋଗ୍ୟତମ ସୂତ,
ତୁମ୍ଭ ଯୋଗୁଁ ଆମ୍ଭେ ସର୍ବେ ହେଲୁ ପୂତ,
ସିଦ୍ଧାନ୍ତ ଦର୍ପଣ ହେବ ନାହିଁ ଲୟ,
ନର ଦେହେଥିବ ଯାବତ ହୃଦୟ।''

ସେହି ମହାନ୍ ବ୍ୟକ୍ତିତ୍ୱଙ୍କ ଜୟନ୍ତୀ ଅବସରରେ ତାଙ୍କୁ ମୋର ବିନମ୍ର ଶ୍ରଦ୍ଧାଞ୍ଜଳୀ ଓ କୋଟି କୋଟି ପ୍ରଣାମ।


ଅଧ୍ୟାପକ, ରସାୟନ ବିଜ୍ଞାନ ବିଭାଗ, ବାଲୁଗାଁ ମହାବିଦ୍ୟାଳୟ

ସମ୍ପାଦକ, ବ୍ରଜବିଳାସ ସାହିତ୍ୟ ପତ୍ରିକା

ମୋ: ୬୩୭୦୨୦୮୪୨୮


କବିତା କୋଣାର୍କ

## ଭ୍ରମ

### କମଳିନୀ କାନ୍ତ

କେତେଥର ଫେରିଆସିଛି ଏ ହାତ
ପଡିଥିବା ପଥର ପାଖରୁ,
ମୋ ଠାରୁ ମୋତେ
ଅଲଗା କଲାବେଳେ ।।
କେହି ଜଣେ ଭିଡିଧରୁଥାଏ ପଛରୁ
ଅକ୍ତିଆର କରିନେଇ
ଯାବତୀୟ ଅବୟବକୁ,
ତଥାପି କ୍ଷତାକ୍ତ କ୍ଷତକୁ ନେଇ
ଚେତନାର ଚଉହଦୀ ଡେଇଁ
ଚୁପ୍ ଚାପ୍ ଚାଲିଆସେ ବାହାରକୁ,
ବାସ୍ ଏତିକିରେ ଖୋଜାପଡେ
ଶାଣିତ ଅସ୍ତ୍ରଟିଏ,
ଘୋଷଣା କରିବାକୁ କେବଳ
ଗୋଟିଏ ଯୁଦ୍ଧ ।।
ଜୀବରୁ ଜନ୍ତୁ ହେବା
ଆତଙ୍କରେ ମଥାନତ
ସେଦିନର ଜଲ୍ଲାଦମାନେ,
ଶୁଣୁଛି ଏବେ ପରା ଗଢି ତୋଳିବେ
ଏକ ପୂର୍ଣାଙ୍ଗ ପୃଥିବୀ ।।



ସତରେ ମୁଁ କେଡେ ନିର୍ବୋଧ
ବାହାରେ ବହିଚାଲିଛି ଶାନ୍ତ ଶୀତଳ
ସୁଲୁ ସୁଲିଆ ପବନ
ଅଥଚ ମୁଁ
ଶ୍ୱାସରୋଧ ଯନ୍ତ୍ରଣାରେ ....।।


ଭୀମପୁରା, ରେମୁଣା
ବାଲେଶ୍ୱର
ମୋ : ୮୨୪୯୮୫୨୦୫୧


## ଶୀତ ଆସିଛି...

### ରୋହିତ ସେଠୀ

ହେମନ୍ତର ଅନ୍ତେ ଶୀତ ଆଗମନ
କୁହୁଡ଼ି ଚାଦର ଘୋଡ଼ାଇ ହୋଇ
ପୂରୁବ ଆକାଶେ ଅଳସ ଭାଙ୍ଗୁଛି
ସୁରୁଜ ଦେବତା ମାରିଣ ହାଇ ।।
ଶୀତ ଆସିଛି ସୋରିଷ ରାଶିର
ହଳଦିଆ ଫୁଲ ବେଣୀ ସଜେଇ
ସୁଦୂ ମଫସଲୀ ମୋ' ଗାଆଁ ଦାଣ୍ଡରେ
ଥିରି ଥିରି କରି ପାଦ ପକେଇ ।।
ଚମ ଧୁଡୁଧୁଡୁ ବୃଦ୍ଧ-ବୃଦ୍ଧା ଦେହେ
ସାଧିବ ବୋଲି ଆସିଛି ଶୀତ
ଜୀବନ ଜୀବିକା ଅସ୍ତବ୍ୟସ୍ତ କରି



ଗାଇବ କେତେ ଯେ କରୁଣ ଗୀତ ।।
ଶୀତ ଆସିଛି ମୋ' କନ୍ଧମାଳକୁ
କାକର ଚାଙ୍ଗୁଡ଼ି ମଥାରେ ବୋହି
ପ୍ରକୃତି ରାଣୀର ଅପରୂପ ବେଶେ
ପର୍ଯ୍ୟଟକ ହୃଦ ମୋହିବା ପାଇଁ ।।


ଖଜୁରୀପଡ଼ା,କନ୍ଧମାଳ
ମୋ: ୭୭୩୫୨୧୪୩୭୦

# କାଉ ଓ ବଗ

## ସନ୍ତୋଷ କୁମାର ଅଦାବର

ଗାଆଁ ମୁଣ୍ଡରେ ଝଙ୍କାଳିଆ ବରଗଛଟିଏ । ବହୁ ବର୍ଷରୁ ଛିଡ଼ା ହୋଇଛି । ସେ ଗଛରେ ବସା ବାନ୍ଧି ରହୁଥାଏ କାଉଟିଏ । ତା'ର ଉପରି ଡାଳରେ ବଗଟିଏ ମଧ୍ୟ ତା'ର ଦୁଇ ଛୁଆ ସହିତ ରହୁଥାଏ।

ଯେହେତୁ ବଗର ଛୁଆ ଦୁଇଟି ଛୋଟଥିଲେ, ତେଣୁ ସେ ପ୍ରତିଦିନ ତା'ର ଦୁଇ ଛୁଆ ପାଇଁ ଖାଦ୍ୟ ଅନ୍ୱେଷଣରେ ବାହାରକୁ ଯାଇଥାଏ । ନିଜେ କିଛି ଖାଏ, ତା'ପରେ ତା'ର ଦୁଇ ଶାବକଙ୍କ ପାଇଁ ଆହାର ଆଣିଦିଏ । ଏଇମିତି କିଛି ଦିନ ଚାଲିଥାଏ। ଦିନେ ତା'ର ଅନୁପସ୍ଥିତିରେ ଗୋଟିଏ ଢାମଣା ସାପ ତାଙ୍କର ବସା ପାଖରେ ଥିବାର ତା'ର ତଳ ବସାରେ ରହୁଥିବା କାଉଟି ଦେଖିପାରିଲା । କୁନି କୁନି ବଗ ଶାବକ ଦ୍ୱୟ





ପ୍ରତି ତା'ର ଦୟା ଭାବ ଜାତ ହେଲା । ଆହାଃ ! ଭଲକରି ଦୁନିଆ ବିଷୟରେ ଜାଣି ନ ଥିବା କୋମଳ ଶିଶୁ ଦୁଇଟିର ଜୀବନ ପ୍ରତି ବିପଦ ଅଛି ଭାବିକି ସେ ଢାମଣା ସାପଟିକୁ ଆକ୍ରମଣ କଲା । ଢାମଣାଟି ସେତେ ବଡ଼ ନ ଥିଲା । କାଉଟିର ଶକ୍ତ ଆକ୍ରମଣରେ ସେଠାରୁ ସେ ତଳକୁ ଖସିପଡ଼ିଲା ଏବଂ ପ୍ରାଣ ବିକଳରେ ସେଠାରୁ ପଳାୟନ କଲା । ଯାହାହେଉ, ବଗଛୁଆ ଦୁଇଟି ବଞ୍ଚିଗଲେ ।

ମାଆ ବଗଟି ଆସିବା ପରେ ସେ କାଉ ଏବଂ ତା'ର ଛୁଆମାନେ ସବୁ ଘଟଣା କହିଲେ । ବଗଟି ଏ ସବୁ ଶୁଣି କାଉକୁ ଧନ୍ୟବାଦ ଦେଲା । ଦିନେ ଦୁଇଦିନ ପରେ ମାଆ ବଗଟି ଏସବୁ ଭୁଲିଗଲା । ଏଇମିତି କିଛି ମାସ ପରେ ସେ ସବୁ ଭୁଲିଗଲା । ତା'ର ଛୁଆ ଦୁଇଟି ବଡ଼ ହୋଇଗଲେ । ନିଜେ ନିଜେ ଉଡ଼ି ବୁଲିଲେ । ଦିନେ ମାଆ ବଗଟି ସେ କାଉ ଆଣିଥିବା ଖାଦ୍ୟରୁ କିଛି ଖାଇବାକୁ ମାଗିଲା, କାରଣ ସେ ସେଦିନ କିଛି ବି ଖାଇବାକୁ ପାଇ ନ ଥାଏ । ଏ କଥାଟି ଶୁଣି କାଉଟି ତାକୁ ଦେବାକୁ ସହମତି ପ୍ରକାଶ କଲା, କିନ୍ତୁ ନିଜର ଏକ ଛୋଟିଆ କାମଟିଏ ଥିବାରୁ ରହ ଟିକିଏ ପରେ ଦେଉଛି କହିଲା ଏବଂ ନିଜ କାମରେ ଲାଗିଲା ।

କିଛି ସମୟ ପରେ ବଗର ପିଲାମାନେ କିଛି ଖାଇବା ଆଣିକି ସେଠାକୁ ଆସିବାର ସେ ଦେଖିଲା । ତା'ର ପିଲାମାନେ ଖାଦ୍ୟ ନେଇକି ଆସିଥିବାରୁ ତାକୁ ଖାଇବା ଦେବେ ଭାବିକି ଆଉ କାଉଟି ଦେଲା ନାହିଁ । କିନ୍ତୁ ବଗଟି କଥାଟିକୁ ଅଲଗା ଭାବିକି ସେଇ ଦିନଠାରୁ ସେ କାଉ ସହ କଥାବାର୍ତ୍ତା ହେଲା ନାହିଁ । କେବେ କେବେ ଅଳ୍ପ ଅଳ୍ପ କଥାବାର୍ତ୍ତା ହୁଏ ଯେ ପୂର୍ବ ଭଳି ହୁଏ ନାହିଁ । ବିଚରା କାଉ ଭାବିଲା- ଏ ଦୁନିଆରେ କିଛି ଅଛନ୍ତି ତାଙ୍କୁ ଯଦି ସାହାଯ୍ୟ କରିବ ଶୀଘ୍ର ଭୁଲିଯିବେ ; ମାତ୍ର ଦୈବାତ୍ କେବେ ଯଦି ତାଙ୍କୁ ସାହାଯ୍ୟକରି ନ ପାରିବ, ତେବେ ସେମାନେ ବହୁଦିନ ପର୍ଯ୍ୟନ୍ତ ସେ କଥା ମନେ ରଖିଥିବେ । କିନ୍ତୁ ଏହା ସମସ୍ତଙ୍କ କ୍ଷେତ୍ରରେ ନୁହେଁ ।


ବୀରମହାରାଜପୁର,ସୁବର୍ଣ୍ଣପୁର
ମୋ-୯୭୭୭୯୧୦୭୨୮


# ଆସିଲାଣି ଶୀତଦିନ...

## ରାମଚନ୍ଦ୍ର ବେହେରା

ଶୀତ ଆସିଲାଣି ଗରମ ପୋଷାକ
ଆସରେ ହରଷେ ପିନ୍ଧିବା
ସକାଳ ହୋଇଲେ ଖଳା ପରେ ବସି
ନରମ ଖରାକୁ ପୋଇଁବା।

କୁଟାକାଠି ନେଇ ଧୂନି ଜଳାଇବା
ଦେହକୁ ଗରମ ରଖିବା
ସଂଜ ଓ ସକାଳେ ଦେହ ହିତ ପାଇଁ
ଉଷୁମ ପାଣିକୁ ପିଇବା।

ନାନା ଜାତି ଫୁଲ ପନି ଓ ପରିବା
ଗାଉଛନ୍ତି ଗୀତ ଗରବେ
ବରଫ ରାଇଜୁ ଉଡି ଆସିଲେଣି
ସୁନ୍ଦର ବିହଂଗ ସରବେ।

ସୋରିଷ କ୍ଷେତରେ ହଳଦିଆ ଫୁଲ
ଆନନ୍ଦରେ ଦୋଳି ଖେଳୁଛି
ଆସ ଆସ ବୋଲି ଅତି ସରାଗରେ
ହାତ ଠାରି ସିଏ ଡାକୁଛି।

ଶୀତ ଆଗମନେ ଉତ୍ତରା ପବନ
ଥିରି ଥିରି ହୋଇ ବହୁଛି
କୁହୁଡିଆ ପାଗ ସଂଜ ଓ ସକାଳେ
ଶୀତକୁ ବଢେଇ ଦେଉଛି।

ଶୀତଦିନ ପରା ଦେହ ପାଇଁ ହିତ
କରିଲେ ସକାଳ ଭ୍ରମଣ
ଶୁଦ୍ଧ ଅମ୍ଳଜାନ ଶରୀରକୁ ମିଳେ
ଦେହ ରୁହେ ଚଳ ଚଂଚଳ।

ଆସ ଶୀତଦିନେ ଅଳସକୁ ତେଜି
ନିଜ କାମ ନିଜେ କରିବା
ଖେଳ କସରତ ଯୋଗାଭ୍ୟାସ କରି
ଦେହକୁ ସବଳ ରଖିବା।


+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬




# ମାମୁ ଘରେ ଗୋଠେ ଗାଈ

## ପ୍ରଦ୍ୟୁମ୍ନ ପଟ୍ଟନାୟକ





ସୋମୁର ମାମୁଘର ମଫସଲ ଗାଁରେ । ବାପା ମା'ଙ୍କ ସହିତ ସେ କିନ୍ତୁ ରହେ ସହରରେ । ଲମ୍ବା ଛୁଟି ହେଲେ ସେ ବୁଲିବାକୁ ଯାଏ ମାମୁଘର । କେବେ ବାପା ମା'ଙ୍କ ସହିତ ଯାଏ ତ ପୁଣି କେବେ ତା' ମାମୁ ଆସି ତାକୁ ନେଇ ଯାଆନ୍ତି ସାଥିରେ ।

ବଡ଼ ଦିନ ଛୁଟି ହୋଇଥିବାରୁ ସୋମୁର ମାମୁ ଆସି ତାକୁ ନେଇ ଯାଇଥିଲେ ତାଙ୍କ ଘରକୁ । ମାମୁ ଘରେ ଅଜା ଆଇ, ମାମୁ ମାଇଁ, ମାଉସୀମାନେ ସୋମୁକୁ ବହୁତ ଗେହ୍ଲା କରନ୍ତି । ପିଠା ପଣା, ଖିରି ପିଠା । ଆଦି ଭଲ ଭଲ ଜିନିଷ ଖାଇବାକୁ ଦିଅନ୍ତି । ସୋମୁକୁ କିନ୍ତୁ ସବୁଠାରୁ ବେଶି ଭଲ ଲାଗେ ମାଇଁ ପରଷି ଦେଉଥିବା ଦୁଧ ଭାତ।

ତା' ମାମୁ ଘରେ କେତେ ଗୁଡ଼ିଏ ଗାଈ ବାଛୁରୀ ଥାଆନ୍ତି । ତା' ମଧ୍ୟରୁ ଗୋଟିଏ ଗାଈର ଛୋଟ ବାଛୁରୀଟିଏ ଥାଏ । ଗାଈଟି ଦେଖିବାକୁ ଧଳା । ତା ବାଛୁରୀଟିର କିନ୍ତୁ କହରା ରଙ୍ଗ।

ଶୀତ ଦିନ ସହ ସ୍କୁଲ ଛୁଟି ହୋଇଥିବାରୁ ସୋମୁ ଡେରିଯାଏ ଶୋଇରହେ । ସିଏ ଉଠିବା ଆଗରୁ ଆଇ ଗାଈ ଦୁହାଁ କାମ ସାରି ଘରକୁ କ୍ଷୀର ଆଣି ଥାଆନ୍ତି । ସୋମୁର ସକାଳ ଜଳଖିଆ ସହ ଥାଏ ଗୋଟିଏ ଗ୍ଲାସ ଉଷୁମ ଗାଈ କ୍ଷୀର । ଦିନ ଦଶଟା ବେଳକୁ ଗାଈ ଗୁଡ଼ିକୁ ଗାଈଆଳ ପିଲା ନେଇ ଯାଏ ବିଲ ଗୋହିରୀରେ ଚରାଇବାକୁ । ଗାଈ ଗୁଡ଼ିକ ଦିନ ସାରା ଚରି ବୁଲି ବୁଲି ଘାସ, ନଡ଼ା, ଡାଳ ପତ୍ର ଆଦି ଖାଇଥାନ୍ତି । ଛୋଟ ବାଛୁରୀ କିନ୍ତୁ ଘରେ ବନ୍ଧା ହୋଇ ରହିଥାଏ । ସୋମୁ ମଝିରେ ମଝିରେ ଗୁହାଳକୁ ଯାଇ ଛୋଟ ବାଛୁରୀ ସହ ଖେଳେ । ତା' ଆଇ ତାକୁ ପାଣି ତୋରାଣି ପିଇବାକୁ ଦେଉଥିବା ଦେଖି ଖୁସି ହୁଏ।

ବେଳ ବୁଡ଼କୁ ଟିକି ବାଛୁରୀକୁ ଭୋକ ଲାଗେ। ସେ ହମ୍ବାରଡ଼ି କରି ତା' ମାଆକୁ ଖୋଜେ। ତା' ମା' ତା' ଡାକ ଶୁଣି ଧାଇଁ ଧାଇଁ ଆସିଯାଏ । ସୋମୁର ଆଇ ବାଛୁରୀକୁ ଫିଟାଇ ତା' ମା' ପାଖକୁ ଛାଡ଼ି ଦିଅନ୍ତି । ବାଛୁରୀ ମନ ଖୁସିରେ ମା' ପାଖକୁ ଦୌଡ଼ି ଯାଇ କ୍ଷୀର ପିଇବା ଆରମ୍ଭ କରିଦିଏ । ସେ ସବୁଯାକ କ୍ଷୀର ପେଟ ପୂରାଇ ପିଇବା ପୂର୍ବରୁ ସୋମୁର ଆଇ ବାଛୁରୀକୁ ତା' ମାଆ ଠାରୁ ଭିଡ଼ି ଆଣନ୍ତି। ନିଜେ କଂସା ଧରି କ୍ଷୀର ଦୁହିଁବା ଆରମ୍ଭ କରି ଦିଅନ୍ତି । ତା' ପରେ ବାଛୁରୀକୁ ଛାଡ଼ି ଦିଆଯାଏ ବାକି କ୍ଷୀର ପିଇବା ପାଇଁ।

ସୋମୁ ବଜାରରେ ମିଳୁଥିବା ପାକେଟ୍ କ୍ଷୀର ଦେଖିଥିଲା ସହରରେ । କେମିତି ଗାଈ ଦୁହିଁ କ୍ଷୀର କଢ଼ା ଯାଏ ସେକଥା ଆଗରୁ ଦେଖି ନଥିଲା କି ଜାଣି ନଥିଲା । ମାମୁ ଘରେ ମିଳୁଥିବା ଭଳି ତାଜା ଓ ଉଷୁମ କ୍ଷୀର ପିଇବା ପାଇଁ ପାଉ ନଥିଲା। ଗାଁର ଖାଣ୍ଟି ଗାଈ କ୍ଷୀର ତାକୁ ସ୍ୱାଦିଷ୍ଟ ଲାଗୁଥିଲା।

ଗାଈ ପାଖରୁ ବାଛୁରୀ ଖୁସିରେ କ୍ଷୀର ପିଉଥିବା ଏବଂ ଗେହ୍ଲା ହେଉଥିବା ଦେଖି ସୋମୁର ତା' ନିଜ ମା' କଥା ମନେ ପଡ଼ିଲା । କେତେ ଦିନ ହେବ ଆସି ମାମୁ ଘରେ ରହି ଯାଇଥିବାରୁ ତା'ର ନିଜ ଘର, ନିଜ ମା' ଙ୍କ ପାଖକୁ ଯିବା ପାଇଁ ମନ କରୁଥିଲା । ସେତେବେଳକୁ ତା'ର ସ୍କୁଲ ଖୋଲିବା ସମୟ ବି ହୋଇ ଯାଇଥାଏ । ସୋମୁ କହିଲା, 'ଆଇ ମୁଁ ଆମ ଘରକୁ ପଳାଇବି । ମାଆ କଥା ମନେ ପଡୁଛି ।'

ଅଜା ଆଇଙ୍କ କହିବା ଅନୁଯାୟୀ ସୋମୁର ମାମୁ ତାକୁ ନେଇ ତା' ମା' ବାପା ରହୁଥିବା ସହରରେ ଛାଡ଼ି ଆସିଲେ। ଶୀତ ଛୁଟି ସରି ସ୍କୁଲ ଖୋଲି ଯାଇଥାଏ । ସୋମୁ ତା' ମାମୁଘର ଗାଈ ବାଛୁରୀଙ୍କ କଥା ତା' ସାଙ୍ଗମାନଙ୍କୁ ଶୁଣାଇଲା । ତା' ସାଙ୍ଗମାନେ ଆଶ୍ଚର୍ଯ୍ୟ ହୋଇ ପଚାରିଲେ, 'ତୋ ମାମୁ ଘରେ କେତେ ଗାଈ ଅଛନ୍ତି ?' ସୋମୁ ଖୁସି ହୋଇ କହିଲା, 'ମୋ ମାମୁ ଘରେ ଗୋଠେ ଗାଈ ।'


ଫ୍ଲାଟ୍ ନମ୍ବର -୧୦୧, ପ୍ରକାଶ ଦୀପ
ଟାୱାର ଜୟ ଦୁର୍ଗା ନଗର,
ଭୁବନେଶ୍ୱର -୭୫୧୦୦୬
ମୋ:୯୯୬୮୨୮୦୮୯୬


# ଶୀତ ସହିତ ବସିବା ମିତ

## ନିରଞ୍ଜନ ସାହୁ

ଶୀତ ଋତୁଟା ଏବେ ଆସିଲା
ବଢ଼ିବ ଏବେ ଶୀତ
ଶୀତ ଆସିଲେ ସାରା ସୃଷ୍ଟିର
ହୁଅଇ ବଡ଼ ହିତ ।

ଶୀତ ଆସିବା ସୂଚନା ଦେଇ
ଗଲା ହେମନ୍ତ ଋତୁ
ପୌଷ , ମାଘରେ ଶୀତ ରହିବ
ଲାଗିବ କୁତୁକୁତୁ ।

ଦିନଟା ହେବ ଛୋଟିଆ ପୁଣି
ରାତି ହୋଇବ ବଡ଼
ଥଣ୍ଡା ଆହୁରି ବଢ଼ି ତ ଯିବ
ଯଦି ହୋଇବ ଝଡ଼ ।

ଖରାର ଟାଣ କମି ଆସିବ
ନିହାତି ସତ କଥା
ଥଣ୍ଡା ପ୍ରଭାବେ ଅତି ସହଜେ
ହୋଇବ ମୁଣ୍ଡ ବଥା ।

ହେମାଳ ବାୟୁ ବହି ଆସିବ
ଉତ୍ତର ଦିଗ ପଟୁ
ସର୍ଦ୍ଦି, ଜ୍ୱରରେ ଆକ୍ରାନ୍ତ ହେବେ
ଥଣ୍ଡା ହଟୁ ନ ହଟୁ ।

କୁହୁଡି ହେବ ସକାଳ ବେଳା
ହୋଇଲେ ଅଧ ରାତି
ଶିଶିର ବିନ୍ଦୁ ଝରିବ ପୁଣି
କୁହୁଡି ସାଥେ ମାତି ।

ଉଷୁମ ବସ୍ତ୍ର ଲୋଡ଼ା ହୋଇବ
ଶୀତରୁ ରକ୍ଷା ପାଇଁ
ସକାଳେ କିଏ ନିଆଁ ଜାଳିଲେ
ଲୋକେ ଆସିବେ ଧାଇଁ ।

ଖରା ଲାଗିବ ଭାରି ଆପଣା
ଜଳକୁ ହେବ ଭୟ
ଭୋଜିଭାତରେ ଲୟ ଲାଗିବା
କଥାଟା ନିଶ୍ଚେ ଥୟ ।

ଗରମ ଖାଦ୍ୟ ଖାଇବା ପାଇଁ
ସଭିଙ୍କ ଇଛା ହେବ
ଚାହା ସହିତ ଜଳଖିଆରେ
ମନୋନିବେଶି ଦେବ ।

ପରିଭ୍ରମଣ ଲାଗି ରହିବ
ବୁଲାବୁଲିରେ ମନ
ହାତଖୋଲାରେ ଖରଚ ହେବ
ଅଣ୍ଟି ସାଇତା ଧନ ।

କ୍ରୀଡା ଉତ୍ସବ ପାଳନ ହେବ
ନିହାତି ନାନା ସ୍ଥାନେ
ନାନାଦି ମହୋତ୍ସବ ଚାଲିବ
ଦେଖିବେ ଲୋକମାନେ ।

ଶୀତକାଳୀନ ପନିପରିବା
ଫଳିବେ ଚାଷୀ କ୍ଷେତେ
ଶୀତକାଳୀନ ଫୁଲ ଫୁଟିବେ
ତୋଳୁଥା ' ଯିଏ ଯେତେ ।

ଶୀତକାଳୀନ ପର୍ବ ପାଳନେ
ସର୍ବେ ହୋଇବେ ଖୁସି
ହସଖୁସିରେ ସମୟ ଯିବ
କିଏ ବସିବ ରୁଷି ?

ଶୀତ ପ୍ରଭାବେ ଦୂରେଇ ଯାଏ
ନାନାଦି ରୋଗ ଜାଣ
ଶୀତ ଆମର ମିତ ଅଟଇ
ଏକଥା ମନେ ଆଣ ।


ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ -- ୭୫୯୦୧୬
ମୋ:-- ୯୯୩୮୭୪୧୫୮୩


# କୁହୁକ ରଙ୍ଗତୂଳୀ

## ନଗେନ୍ଦ୍ର ନାଥ ପଟ୍ଟନାୟକ





ଏକଦା ଏକ ଛୋଟ ଗାଁରେ ଲିଓ ବୋଇଲେ କିଶୋର ପିଲାଟେ ରହୁଥାଏ । ଛବି ଆଙ୍କିବାରେ ତା'ର ଭାରି ସଉକ । ସେ ଧନୀ ନ ଥିଲା । ତା'ଛଡା ସୌଖିନ କଳା ଉପକରଣମାନ ମଧ୍ୟ ତାକୁ ଯୋଗାଇ ଦିଆଯାଉ ନଥିଲା । କିନ୍ତୁ ଖୁବ୍ ସୁନ୍ଦର ଛବିସବୁ ସୃଷ୍ଟି କରିବାର କଳା ତାଠାରେ ଥିଲା । ଯେତେବେଳେ ତା' ନଜର କୌଣସି ଚିଜ ଉପରେ ଲାଖି ଯାଉଥିଲା ସେ ସଙ୍ଗେ ସଙ୍ଗେ ତାର ଅବିକଳ ଚିତ୍ର ଆଙ୍କି ପାରୁଥିଲା । ଗଛର ଛୋଟଡାଳ ଗୁଡିକୁ ସେ ତୂଳୀ, ହରେକ ରଙ୍ଗସବୁ ମିଶାଇବା ପାଇଁ ପଥରଖଣ୍ଡ ଓ ତାର ସୃଷ୍ଟିକି ଜୀବନ୍ୟାସ ଦେବାପାଇଁ କଳ୍ପନାଶକ୍ତିର ଉପଯୋଗ କରୁଥିଲା ।

ସେ ଦିନେ ନିଘଂଚ ଜଙ୍ଗଲ ଦେଇ ଚାଲୁଥିବା ବେଳେ ଜଣେ ବୁଢୀକୁ ହାବୁଡିଲା । ବୁଢୀ ଗୋଟେ ଅଦ୍ଭୁତ ରଙ୍ଗତୂଳୀ ତା'ହାତରେ ଧରାଇଦେଲା । 'ଏଟା ଗୋଟେ କୁହୁକ ରଙ୍ଗତୂଳୀ,' ବୁଢୀ ତାକୁ ବୁଝାଇ କହିଲା, 'ଏ ତୂଳୀରେ ତୁ ଯାହା ଆଙ୍କିବୁ ତାହା ଜୀବନ୍ତ ହୋଇ ଉଠିବ ।' କିନ୍ତୁ ମନେରଖ , ଅପରଙ୍କୁ କ୍ଷତି ପହଁଚିବାର ନୁହେଁ, ବରଂ ସାହାଯ୍ୟ ସହାୟତାର ହାତ ବଢାଇବା ପାଇଁ ଏଟା ଉଦ୍ଦିଷ୍ଟ ।

ଲିଓ ବୁଢୀକୁ ଧନ୍ୟବାଦ ଦେଇ ଘରକୁ ବାହୁଡି ଆସିଲା । ସେ ଛୋଟ ଗଛଟିଏ ରଙ୍ଗତୂଳୀରେ ଆଙ୍କିଲା । ସେଇ ଗଛଟି ତା'ସାମନାର ଡାହାଣ ପଟରେ ଆକାଶକୁ ମୁଣ୍ଡଟେକି କ୍ରମେ ବଢିବାକୁ ଲାଗିଲା । ସେଥିରେ ସତେଜ ଶାଗୁଅ ପତ୍ରସବୁ ଲଦି ହୋଇ ପଡିଲା । ତା'ପରେ ସେ ଜୀବନ୍ତ ପଶୁପକ୍ଷୀ,ରଙ୍ଗ ବେରଙ୍ଗର ଜାତି ଜାତିର ଫୁଲ ଏପରିକି ଛୋଟ ଘରଟିଏ ଆଙ୍କିଲା । ଗାଆଁଲୋକେ ତା ନୂଆ ପ୍ରତିଭା ପାଇଁ ଲିଓକୁ ଭୂରି ଭୂରି ପ୍ରଶଂସା କଲେ । ଲିଓର ଯଶ ଓ ଖ୍ୟାତି କ୍ରମେ ବଢିଚାଲିଲା । ତା ସହିତ ତା'ର ଲୋଭ ବି । ତା'ପରେ ନିଜକୁ ସୁବିଧା ଦେଲା ଭଳି ଛବିସବୁ ଆଙ୍ଗିବାକୁ ଲାଗିଲା । ନିଜପାଇଁ ଗୋଟେ ସୁନାର ଝରଣା, ମନୋରମ ମହଲ ଓ ତାରାଫୁଲ ଭଳି ଝିଲ୍‌ମିଲ୍ କରୁଥିବା ହୀରା ଲୀଳା ମୋତି ମାଣିକ ଖଚିତ ଅଳଙ୍କାରମାନ ରଙ୍ଗତୂଳୀରେ ସୃଷ୍ଟିକଲା । ପ୍ରଥମେ ଏସବୁ ବିସ୍ମୟକର ଜଣାପଡିଲା; କିନ୍ତୁ ଆଖି ପିଛୁଳାକେ କୁହୁକ ତା' ହାତଛଡା ହୋଇଗଲା ।

ଏବେ ଗାଆଁବାଲାଏ ସମସ୍ତେ ତା' ଉପରେ ଅସୁଖୀ । ଏକଦା ଖୁବ୍ ସୁନ୍ଦର ଘଂଚ ଜଙ୍ଗଲଟି ଏବେ ଆଚ୍ଛାଦିତ ହୋଇଗଲା ବିରାଟକାୟ ଗଛବୃଛରେ । ଯାହାଫଳରେ ବଣଜନ୍ତୁମାନେ ବାସହରା ହେଲା ଭଳି ଅନୁଭବ କଲେ । ତାର ସ୍ୱାର୍ଥପରତା ଗାଁର ପ୍ରଭୂତ କ୍ଷତି ଘଟାଇଛି ବୋଲି ସେ ଅନୁତାପ କରିବାକୁ ଲାଗିଲା । ଅବିଳମ୍ବେ ରଙ୍ଗତୂଳୀ ଓ ଆଙ୍କିଥିବା ଅନ୍ୟାନ୍ୟ ଚିତ୍ରିତ ଚିଜସବୁ ନେଇ କ୍ଷତିକୁ ସୁଧାରିବାରେ ଲାଗିପଡିଲା । ତତ୍‌କ୍ଷଣାତ୍ ସେଇ ବୃଦ୍ଧା ସ୍ତ୍ରୀଲୋକଟି ପୁଣି ତା'ଆଗରେ ଉଭାହୋଇ କହିଲେ-ଲିଓ ! ପ୍ରକୃତ କୁହୁକ ତାହା ନୁହେଁ ଯାହା ତୁ ନିଜପାଇଁ ସୃଷ୍ଟି କରିଛୁ । ଅସଲି କୁହୁକ ତାକୁଇ ବୁଝାଏ ଯାହା ତୁ ଅନ୍ୟମାନଙ୍କୁ ଦେଇପାରିବୁ । ତେଣୁ ତୁ ତୋର କଳାକୁ ବୁଦ୍ଧିମତାର ସହ ବ୍ୟବହାର କର । ସେଇଦିନଠୁ ଲିଓ ତୃଷାର୍ତ୍ତ ଯାତ୍ରୀଙ୍କ ପାଇଁ ଝରଣା, ଗ୍ରାମବାସୀଙ୍କ ପାଇଁ ଉଦ୍ଦିଷ୍ଟ ବଗିଚା ଓ ସମସ୍ତଙ୍କ ଉପଭୋଗ ଲାଗି ଶାନ୍ତିପ୍ରଦ ମନୋରମ ଉପତ୍ୟକାମାନ ଆଙ୍କିଚାଲିଲା । ଏସବୁ କେବଳ ଆନନ୍ଦ ସୁଖ ସନ୍ତୋଷ ଦେଉଥିଲା । ତାର କୁହୁକ ରଙ୍ଗତୂଳୀଟି ଏବେ ଦୟା,କରୁଣା ଓ ଅନୁକମ୍ପାର ଉପକରଣ ପାଲଟି ଯାଇଥିଲା ।


+ ଓସ୍କାର ସିଟି,
ଲେନ ନଂ-୯,ପ୍ଲଟ ନଂ-୪୫୬
ଲକ୍ଷ୍ମୀସାଗର
କେନାଲ ରୋଡ୍, ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮

# ଜିଲ୍ଲା ସ୍ତରୀୟ ଇକୋ କ୍ଲବ୍ ପ୍ରକଳ୍ପ ପ୍ରଦର୍ଶନୀ

ପୁରୀ,୧୨/୧୨ (ନି.ପ୍ର): ପୁରୀ 'ଜିଲ୍ଲା ସ୍ତରୀୟ ଇକୋ କ୍ଲବ୍ ପ୍ରକଳ୍ପ ପ୍ରଦର୍ଶନୀ ' ପୁରୀ ସଦର ବ୍ଲକ୍ ର ରାମହରି ନୋଡାଲ ବିଦ୍ୟାପୀଠ, ଶାସନ ଦାମୋଦରପୁର ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପୁରୀ ଜିଲ୍ଲାର ପ୍ରତି ବ୍ଲକ୍ ରୁ ୫ଟି ଲେଖାଏଁ ବଛା ବଛା ପ୍ରକଳ୍ପକୁ ନେଇ ମୋଟ୍ ୫୫ ଗୋଟି ପ୍ରକଳ୍ପ ଅ ?ଂଶଗ୍ରହଣ କରିଥିଲେ । ଏହାର ଉଦ୍ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶରତ ଚନ୍ଦ୍ର ମହାପାତ୍ର, ପୁରୀ ଯୋଗଦାନ କରିଥିଲେ ଓ ପିଲାମାନେ ଛାତ୍ରାବସ୍ଥାରୁ ବିଭିନ୍ନ ପ୍ରକଳ୍ପ ନିର୍ମାଣ କଲେ ଭବିଷ୍ୟତରେ ସେମାନଙ୍କ ମନରେ ବୈଜ୍ଞାନିକ ମନୋଭାବ ସୃଷ୍ଟି ହେବା ସହ ସେମାନେ ନିଜ ନିଜ ପ୍ରତିଭା ବଳରେ ନୂଆ ନୂଆ ପ୍ରକଳ୍ପ ସୃଷ୍ଟି କରି ଦେଶ ଓ ଜାତିକୁ ଗୌ ।ରବାନ୍ୱିତ କରିପାରିବେ ବୋଲି ମତପୋଷଣ କରିଥିଲେ । ସମ୍ମାନିତ ଅତିଥି ରୂପେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗର ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଯୋଗଦାନ କରି ନିଜର ଓଜସ୍ୱୀ ବକ୍ତବ୍ୟ ଦ୍ୱାରା କୁନି ବୈଜ୍ଞାନିକ ମାନଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ରାଜ୍ୟ ସେଂଟର୍ ଫର୍ ଏନଭର୍ଣମେଂଟ ଷ୍ଟଡି ର ପ୍ରୋଗ୍ରାମ ଅଫିସର ପ୍ରଭାତ ମୋହନ ଦାଶ,ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଦ୍ୱିତୀକାନ୍ତ ପ୍ରଧାନ ଓ ଭବମ୍ ପ୍ରଧାନ, ଉଦ୍ୟୋଗପତି ଦିବ୍ୟ ପ୍ରକାଶ ପଟ୍ଟନାୟକ, ଅଭିରାମ ନୋଡାଲ ବିଦ୍ୟାପୀଠ, କରମଳାର ପ୍ରଧାନ ଶିକ୍ଷକ ସୁଶୀଲ କୁମାର ମହାପାତ୍ର, ଇକୋ କ୍ଲବ୍ ଜିଲ୍ଲା ସଂଯୋଜକ ସନ୍ତୋଷ କୁମାର ଚୌ ।ଧୁରୀ ଅଂଶଗ୍ରହଣ କରି ଛାତ୍ରଛାତ୍ରୀ ମାନଙ୍କୁ ଭବିଷ୍ୟତ ପାଇଁ ପ୍ରେରଣା ଦେଇଥିଲେ । ଏହାର ଉଦ୍ଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୁରୀ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦିବାକର ପାତ୍ର ଉପସ୍ଥିତ ରହି ପିଲାମାନଙ୍କ ପ୍ରକଳ୍ପ ଗୁଡ଼ିକୁ ପ୍ରଶଂସା କରିଥିଲେ ଓ ଉତ୍ସାହମୂଳକ ଭାଷଣ ଦ୍ୱାରା ସେମାନଙ୍କୁ ଆହୁରି ଆଗକୁ ଯିବାପାଇଁ ମତବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବିଦ୍ୟାଳୟ ଆଲୁମିନି କମିଟି ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମିଶ୍ର ଓ ପରିଚାଳନା କମିଟି ଅଧ୍ୟକ୍ଷ ବଂଶୀଧର ଜେନା ଉପସ୍ଥିତ ଥିଲେ । ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ (ରାଷ୍ଟ୍ରୀୟ ଆବିଷ୍କାର ଯୋଜନା ମାଧ୍ୟମରେ)ଏକ ବିଜ୍ଞାନ କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏହି କୁଇଜ୍ ଓ ପ୍ରଦର୍ଶନୀକୁ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଶ୍ରୀକୁମାର ଆଚାର୍ଯ୍ୟ ପରିଚାଳନା କରିଥିଲେ । ତିନି ଗୋଟି ଉତ୍ତମ ପ୍ରକଳ୍ପ ଓ କୁଇଜ୍ ର ତିନି ଗୋଟି ବିଭାଗରୁ ମୋଟ୍ ୯ ଜଣଙ୍କୁ ରାଜ୍ୟ ସ୍ତରୀୟ ପ୍ରଦର୍ଶନୀରେ ଅଂଶଗ୍ରହଣ ପାଇଁ ପଠାଯାଇଥିଲା । କାର୍ଯ୍ୟକ୍ରମର ସଭାପତି ତଥା ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସାମଗ୍ରିକ ଭାବେ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା । ରାମହରି ନୋଡାଲ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ବନ୍ଦିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ଓ ଶିକ୍ଷକ ପ୍ରତାପ ଚନ୍ଦ୍ର ରାଉତ, ଶିକ୍ଷୟିତ୍ରୀ ଅଳକାନନ୍ଦା, ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ସାହୁ, ବିଦ୍ୟାଳୟର ଆଲୁମିନି କମିଟି ଓ ପରିଚାଳନା କମିଟିର ସଭ୍ୟ ସଭ୍ୟା ଉପସ୍ଥିତ ରହି ଶୃଙ୍ଖଳିତ ରୂପେ ଏହାକୁ ପରିଚାଳନା କରିଥିଲେ ।

# ଉଦ୍‌ଘାଟିତ ହେଲା ପ୍ରସିଦ୍ଧ ଆଧ୍ୟାତ୍ମିକ ଧନୁଯାତ୍ରା: ମଂଚସ୍ଥ ହେଲା ନାଟକ 'ଧର୍ମ ସଂସ୍ଥାପନାର୍ଥାୟେ'

ବୌଦ୍ଧ,୧୨/୧୨ (ନି.ପ୍ର): ଉଦଘାଟିତ ହୋଇଛି ବୌଦ୍ଧର ପ୍ରସିଦ୍ଧ ଆଧ୍ୟାତ୍ମିକ ଧନୁଯାତ୍ରା । ଐତିହାସିକ ବୌଦ୍ଧ ସହର ପାଲଟିଛି ମଥୁରା ନଗରୀ । ବୌଦ୍ଧର ଧନୁଯାତ୍ରା ଜିଲା ତଥା ଜିଲା ବାହାରର ଦର୍ଶକମାନଙ୍କ ପାଇଁ ଏବେ ଆକର୍ଷଣର କେନ୍ଦ୍ର ହୋଇପାରିଛି । ବୌଦ୍ଧ ଭୈରବୀ ପଡିଆ ଠାରେ ୮ ଦିନ ଧରି ଚାଲିବ ଏହି ଧନୁଯାତ୍ରା। ମଦନ ମୋହନ ନାଟ୍ୟକଳା ପରିଷଦ ପକ୍ଷରୁ ଆରମ୍ଭ ହୋଇଥିବା ନାଟ୍ୟା ମହୋତ୍ସବର ଉଦ୍‌ଘାଟନି ସନ୍ଧ୍ୟାରେ ନାଟକ ଧର୍ମ ସଂସ୍ଥାପନାର୍ଥାୟ ମଂଚସ୍ଥ ହୋଇଛି । ନାଟକରେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ସ୍ୱର୍ଗାରୋହଣ, କୃଷ୍ଣ ଅବତାର ନେଇ ପରିକଳ୍ପନା, କଂସ ଜନ୍ମ, ଦେବକୀ-ବସୁଦେବଙ୍କ ବିବାହ ମଂଚସ୍ଥ ହୋଇଛି । ଏହି ନାଟକରେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ସ୍ୱର୍ଗାରୋହଣ ଏବଂ ଦ୍ୱାପରେ କୃଷ୍ଣ ଅବତାର ପାଇଁ ପରିକଳ୍ପନା କରିବା ସଙ୍ଗେ ସଙ୍ଗେ କଂସର ଜନ୍ମ ଏବଂ ଦେବକୀ ଓ ବସୁଦେବଙ୍କ ବିବାହ ପରେ ଶୂନ୍ୟବାଣୀ (ଦେବକୀର ଅଷ୍ଟମ ଗର୍ଭର ସନ୍ତାନ ତୋର ବଧ କରିବ ) ଶୂନ୍ୟବାଣୀ ଶୁଣି କଂସ ଉତକ୍ଷିତ ହୋଇ ଦେବକୀ ଓ ବସୁଦେବଙ୍କୁ କାରାବାସ ଦେଇ ଉଗ୍ରସେନ ଓ ଇନ୍ଦୁମତିକୁ ମଧ୍ୟ କାରାବାସ ଦେଇ ନିଜେ ମଥୁରାର ରାଜା ହୋଇ ତ୍ରିପୁର ବିଜୟ କରିବା ପାଇଁ ଯାତ୍ରା ଆରମ୍ଭ କରିଛି । ଏହା ସହ ପଦ୍ମବତୀ ସହ କଂସର ବିବାହ ହେବା ସହ ଜରାସନ୍ଧକୁ ବଧ ଆଦି ନାଟକ ପରିବେଷଣ ହୋଇଥିଲା । ନାଟକକୁ ନାଟ୍ୟାକାର ହୃଦାନନ୍ଦ ମେହେର ରଚନା କରିଥିବା ବେଳେ ନାଟ୍ୟ ନିର୍ଦ୍ଦେଶନା ଦେଇଛନ୍ତି ଦେବାଙ୍ଗନ ମେହେର । ଆଜିର ନାଟକରେ କଳାକାରଙ୍କ ନିଖୁଣ ଅଭିନୟ ଦର୍ଶକଙ୍କ ମନ ମୋହିଥିଲା । ଏହି ଯାତ୍ରାକୁ ଦେଖିବା ପାଇଁ ଆଖପାଖ ଅଂଚଳରୁ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା । ଯାତ୍ରା ଆରମ୍ଭ ପୂର୍ବରୁ ମହାନଦୀରୁ ଏକ କଳସ ଶୋଭଯାତ୍ରା ସହର ପରିକ୍ରମା କରି ମନ୍ଦିରକୁ ଆସିଥିଲା । ଏହି ନାଟ୍ୟୋତ୍ସବରେ ଭଗବାନ ଶ୍ରୀକୃଷ୍ଣଙ୍କ ଲୀଳା ବା ପୌରାଣିକ କଥାବସ୍ତୁକୁ ଯାତ୍ରା ନାଟକ ଶୈଳୀରେ ପ୍ରତିଦିନ ପରିବେଷିତ ହେଉଛି । ନାଟ୍ୟୋତ୍ସବର ସଭାପତି ବୃନ୍ଦାବନ ମେହେର ଓ ସଂପାଦକ ପଙ୍କଜ ମେହେରଉ ତତ୍ତ୍ୱବଧାନରେ ଏହି ଯାତ୍ରା ପରିଚାଳନା ହେଉଅଛି । ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବୌଦ୍ଧଗଡ ବିଜ୍ଞାପିତ ଅଂଚଳ ପରିଷଦର ଅଧ୍ୟକ୍ଷ ମୃତ୍ୟୁଂଜୟ ମିଶ୍ର, ସମ୍ମାନିତ ଅତିଥି ଭାବରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରିତାକନ୍ତି ବଲିୟାରସିଂହ, ନାଟ୍ୟକାର ହୃଦାନନ୍ଦ ମେହେର ଯୋଗ ଦେଇଥିଲେ । ଅନୁଷ୍ଠାନର ନାଟ୍ୟ ନିର୍ଦ୍ଦେଶକ ଦେବାଙ୍ଗନ ମେହେର ଅଧ୍ୟକ୍ଷତା କରିଥିଲେ । ରମେଶ ମେହେର ମଂଚ ପରିଚାଳନା କରିଥିଲେ । ଏହି ଧନୁଯାତ୍ରା ନାଟ୍ୟୋତ୍ସବ ଦୀର୍ଘ ୮ ଦିନ ଧରି ଅନୁଷ୍ଠିତ ହେବ । ଏହି ନାଟ୍ୟୋତ୍ସବରେ ବୌଦ୍ଧଜିଲ୍ଲାର ଜଣାଶୁଣା ବରିଷ୍ଠ ନାଟ୍ୟକାର ହୃଦାନନ୍ଦ ମେହେରଙ୍କ ରଚିତ ଓ ଦେବାଙ୍ଗନ ମେହେରଙ୍କ ନିର୍ଦ୍ଦେଶନାରେ ଭଗବାନ ଶ୍ରୀକୃଷ୍ଣଙ୍କ ଲୀଳା ବା ପୌରାଣିକ କଥାବସ୍ତୁ କୁ ଯାତ୍ରା ନାଟକ ଶୈଳୀରେ ପ୍ରତିଦିନ ପରିବେଷଣ ହେବ । ଏହି ଯାତ୍ରା ସମୟରେ ସହରବାସୀଙ୍କୁ ନାଟକର ଭାବଧାରାରେ ବାନ୍ଧି ରଖିବା ପାଇଁ ସହରର ବିଭିନ୍ନ ଛକଜାଗା ମାନଙ୍କରେ ପଥପ୍ରାନ୍ତ ନାଟକ ଆୟୋଜନର ବ୍ୟବସ୍ଥା କରାଯାଇଛି । ଏହା ସହ ଯାତ୍ରାକୁ ଅଧିକ ସରସ ସୁନ୍ଦର କରିବାକୁ ମୀନାବଜାର ଆୟୋଜନ କରାଯାଇଛି । ନାଟକ ଦେଖିବା ପାଇଁ ଲୋକଙ୍କ ଗହଳି ହେଉଥିବା ଦେଖିବାକୁ ମିଳିଛି । ଉଦ୍‌ଘାଟନୀ ଦିବସରେ ନାଟ୍ୟ କଳାପରିଷଦ ପକ୍ଷରୁ ସକାଳେ ମହାନଦୀର ଆଳତୀ ଘାଟରୁ ଏକ କଳସ ଶୋଭଯାତ୍ରା ବାହରି ମଦନ ମୋହନ ମନ୍ଦିରକୁ ଆସିବା ପରେ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା ।

# ଶିଶୁମାନଙ୍କଠାରେ ନୂତନ ବୈଜ୍ଞାନିକ ଚିନ୍ତାଧାରା ଉଦ୍ରେକର ମାଧ୍ୟମ ହେଉଛି ବିଜ୍ଞାନ ପ୍ରଦର୍ଶନୀ

କେନ୍ଦୁଝର,୧୨/୧୨ (ନି.ପ୍ର): ଜିଲ୍ଲା ସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ୨୦୨୫-୨୬ ସ୍ଥାନୀୟ ପି.ଏମ.ଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟ, କେନ୍ଦୁଝର ଠାରେ ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଘାଟନୀ ସମାରୋହରେ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା ମୁଖ୍ୟ ଅତିଥି ଭାବରେ ଯୋଗଦେଇ କୁନି ବୈଜ୍ଞାନିକ ମାନଙ୍କୁ ଅଭିନବ ଚିନ୍ତାଧାରାରେ ପରିବେଶ ଉପଯୋଗୀ ବିଜ୍ଞାନ ପ୍ରକଳ୍ପ ଗୁଡିକୁ ପ୍ରସ୍ତୁତ କରିବା ପାଇଁ ଆହ୍ୱାନ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ, କେନ୍ଦୁଝରର ଅଧ୍ୟକ୍ଷା କଲ୍ୟାଣୀ ମାଝୀ ଉପସ୍ଥିତ ରହି ନିଜର ବକ୍ତବ୍ୟ ଛଳରେ ବିଜ୍ଞାନ ପ୍ରଦର୍ଶନୀ ମାଧ୍ୟମରେ ଶିଶୁ ମାନଙ୍କ ଠାରେ ନୂତନ ବୈଜ୍ଞାନିକ ଚିନ୍ତାଧାରାର ଅଭ୍ୟୁଦୟ ଘଟିଥାଏ ବୋଲି ପ୍ରକାଶ କରିଥିଲେ ଓ ଶିଶୁ ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ରୁଦ୍ର ନାରାୟଣ ସାମଲ ଓ ମଣ୍ଡଳ ଶିକ୍ଷାଧିକାରୀ,ପାଟଣାର ପୂର୍ଣ୍ଣଚନ୍ଦ୍ର ଅମାନ୍ତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ । ଜିଲ୍ଲା ବିଜ୍ଞାନ ପରିଦର୍ଶକ ପରମେଶ୍ୱର ମହାନ୍ତ ବିଜ୍ଞାନ ପ୍ରଦର୍ଶନୀର ବିବରଣୀ ପ୍ରଦାନ କରିଥିବା ବେଳେ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ, କେନ୍ଦୁଝର ସଦରର କପିଳ ଚନ୍ଦ୍ର ଦାଶ ମଂଚ ପରିଚାଳନା କରିଥିଲେ । ମଣ୍ଡଳ ଶିକ୍ଷାଧିକାରୀ, ଘଟଗାଁ ତଥା ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କେନ୍ଦୁଝରର ପ୍ରଧାନ ଶିକ୍ଷକ ସଭାପତିତ୍ୱ କରିଥିବା ବେଳେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସତ୍ୟ ନାରାୟଣ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲା ସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀର ମୁଖ୍ୟ ବିଷୟ ବସ୍ତୁ : 'ବିଜ୍ଞାନ, ପ୍ରଯୁକ୍ତି, ଯାନ୍ତ୍ରିକ ବିଜ୍ଞାନ ଓ ଗଣିତ ମାଧ୍ୟମ ରେ ଭାରତକୁ ଉନ୍ନତ ଓ ସ୍ୱାବଲମ୍ବୀ କରିବା' ଏବଂ ଉପରୋକ୍ତ ମୁଖ୍ୟ ବିଷୟ ବସ୍ତୁ ଆଧାରିତ ୭ଟି (ସାତ ) ଉପମୁଖ୍ୟ ବିଷୟବସ୍ତୁରେ ସମୁଦାୟ ୯୧ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ତନ୍ମଧ୍ୟରୁ ପ୍ରତି ଉପ ବିଷୟ ବସ୍ତୁରୁ ସର୍ବୋତ୍କୃଷ୍ଟ ୭ଟି ପ୍ରକଳ୍ପ ରାଜ୍ୟ ସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀରେ କେନ୍ଦୁଝର ଜିଲ୍ଲା ତରଫରୁ ଅଂଶ ଗ୍ରହଣ କରିବେ। ଉଦଯାପନୀ ସମାରୋହରେ ଧରଣୀଧର ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର, ପ୍ରତିଭା ପୃଷ୍ଟି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନିଜର ବକ୍ତବ୍ୟ ରଖିଥିଲେ। ସର୍ବଶେଷରେ କୃତି ବୈଜ୍ଞାନିକ ମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ । ଉପ ବିଷୟବସ୍ତୁ ମଧ୍ୟରୁ ଧାରଣକ୍ଷମ କୃଷିରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଟୁଙ୍ଗୁରୁଢ଼ିର ରାନୀ ପ୍ରଧାନ, ଆବର୍ଜନା ପରିଚାଳନା ଓ ପ୍ଲାଷ୍ଟିକର ବିକଳ୍ପରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗୋବିନ୍ଦପୁରର କୋମଳ ମହାନ୍ତି, ସବୁଜଶକ୍ତିରେ ଓଡିଶା ଆଦର୍ଶ ବିଦ୍ୟାଳୟ, ଶାଳପଡ଼ା, ଆନନ୍ଦପୁରର ବି. ଯଶସ୍ୱୀ ପ୍ରୀତମ, ଆମୋଦଦାୟକ ଗାଣିତିକ ପ୍ରକଳ୍ପରେ ଓଡିଶା ଆଦର୍ଶ ବିଦ୍ୟାଳୟ,ଶାଳପଡ଼ା, ଆନନ୍ଦପୁରର ଆଦ୍ୟସ୍ରଷ୍ଟା ପଟ୍ଟନାୟକ, ବିକାଶଶୀଳ ପ୍ରଯୁକ୍ତି ବିଦ୍ୟାରେ ଓଡିଶା ଆଦର୍ଶ ବିଦ୍ୟାଳୟ, ଶାଳପଡ଼ା, ଆନନ୍ଦପୁରର ଦେବାଞ୍ଜନ ଘଡେଇ, ସ୍ୱାସ୍ଥ୍ୟ ଓ ପରିଚ୍ଛନ୍ନତାରେ ଓଡିଶା ଆଦର୍ଶ ବିଦ୍ୟାଳୟ, ସୁଆଁପଦା ର ଅନୁସୂୟା ପୃଷ୍ଟି , ଜଳ ସଂରକ୍ଷଣ ଓ ପରିଚାଳନାରେ ଆଶାଦେବୀ ଉଚ୍ଚ ବିଦ୍ୟାଳୟ,ଜମ୍ବୀରା, ହାଟଡିହିର ଲିପ୍ସାରାଣୀ ରାଉତ ପ୍ରଭୃତି ରାଜ୍ୟସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ପାଇଁ ମନୋନୀତ ହୋଇଛନ୍ତି।

ଏହି ଅବସରରେ ୨୦୨୪-୨୫ ଶିକ୍ଷା ବର୍ଷର ରାଷ୍ଟ୍ରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ, ଭୋପାଳ ଠାରେ ଅନୁଷ୍ଠିତ ହୋଇଥିବା ବିଜ୍ଞାନ ପ୍ରଦର୍ଶନୀରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗୋବିନ୍ଦପୁରର କୁନି ବୈଜ୍ଞାନିକ ଦେବସ୍ମିତା ରାଉତ ଓ ମାର୍ଗଦର୍ଶୀ ବିଜ୍ଞାନ ଶିକ୍ଷକ ବିଜୟ କୁମାର ମିଶ୍ରଙ୍କୁ ଜିଲ୍ଲା ତରଫରୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା । ବିଜ୍ଞାନ ପ୍ରକଳ୍ପ ବିଚାରକ ଭାବେ ଯୋଗେଶ୍ୱର ପତି, ପ୍ରାକ୍ତନ ଅଧ୍ୟାପକ, ପଦାର୍ଥ ବିଜ୍ଞାନ , କୁଳମଣି ପ୍ରଧାନ, ଅଧ୍ୟକ୍ଷ ପି.ଏନ. ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଟିକେଶ୍ୱର ବାରିକ, ଅଧ୍ୟାପକ, ଜଗବନ୍ଧୁ ଡିଗ୍ରୀ ମହାବିଦ୍ୟାଳୟ ହରିଚନ୍ଦନପୁର ଓ ସନତ କୁମାର ଦାସ, ଅଧ୍ୟାପକ,ଉଦ୍ଭିଦ ବିଜ୍ଞାନ , ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପଦ୍ମପୁର ଯୋଗ ଦେଇଥିଲେ ।

# ସଭିଙ୍କ ପ୍ରିୟ ମହିନ୍ଦ୍ର ଅଜାଙ୍କ ବିୟୋଗ



ବାଲେଶ୍ୱର ,୧୨/୧୨ (ନି.ପ୍ର): ବାଲେଶ୍ୱର ସଦର ବ୍ଲକର ଗେଙ୍ଗୁଟି ପଞ୍ଚାୟତର ଜୟେଶ୍ୱର ପୁର ଗ୍ରାମର ସଭିଙ୍କ ପ୍ରିୟ ମହିନ୍ଦ୍ର ଅଜାଙ୍କ ବିୟୋଗ କେହି ସହଜରେ ଗ୍ରହଣ କରିପାରୁ ନାହାନ୍ତି । ତାଙ୍କ ପାଖରେ ପ୍ରାୟତଃ ଭିଡ ଜମେ କୁନିକୁନି ପିଲାଙ୍କର, ଯାହା ଆଣିଥାନ୍ତି ବଡ ଶ୍ରଦ୍ଧାରେ ବାଣ୍ଟି ଦିଅନ୍ତି ସେମାନଙ୍କ ଭିତରେ। ସମସ୍ତେ ଶ୍ରଦ୍ଧାରେ ଅଜା ଭାବରେ ତାକୁ ଡାକନ୍ତି। ସେ ବାହାରେ ରହୁଥିଲେ, ପିଲାମାନେ ଫେରିବା ବାଟକୁ ଅନାଇ ରହିଥାନ୍ତି, ସାରା ଗାଁର ଅଜା ହୋଇଥାନ୍ତି। ବୟସାଧିକ ହେତୁ କିଛି ଦିନ ଧରି ସେ ଶଯ୍ୟାଶାୟୀ ଥିଲେ। ପିଲାମାନେ ପ୍ରତେକ ଦିନ ତାଙ୍କ ଘରୁ ଫେରୁଥିଲେ। ଆଜି ତାଙ୍କର ଆମର ଆତ୍ମା ପାର୍ଥିବ ଶରୀର ଛାଡି ମୋକ୍ଷଗାମୀ ହୋଇଛି। ପିଲାମାନେ ଝୁରୁଛନ୍ତି ଗାଁ ଝୁରୁଛି। ତାଙ୍କର ମୃତ୍ୟୁ ବହୁଦିନ ଆଗରୁ ନିଜର ପ୍ରତିମୂର୍ତ୍ତି ସ୍ଥାପନ କରି ଯାଇଛନ୍ତି। ମୃତ୍ୟୁ ବେଳକୁ ଝିଅ ନାତିନାତୁଣୀ ପାଖରେ ଥିଲେ। ପୂର୍ବତନ ସରପଞ୍ଚ ବିରୁପାକ୍ଷ୍ୟ ମହାପାତ୍ର, ସମାଜସେବୀ ଜଳଧର ସାମଲ, ସତ୍ୟନାରୟଣ ଆଚାର୍ଯ୍ୟ, ମାନବଧିକାର କର୍ମୀ ସୁଧାକର ସେଠୀ, ଅଭ୍ୟୁଦୟମ ର ମୁଖ୍ୟ ସବ୍ୟସାଚୀ ପ୍ରଧାନ, ଶିକ୍ଷୟତ୍ରୀ ସାବିତ୍ରୀ ଦାସ, ଅନିଲ କୁମାର ଜେନା, ପୀତବାସ ଆଚାର୍ଯ୍ୟ, ସନତ କୁମାର ପରିଡା ପ୍ରମୁଖ ଜଣେ ଧର୍ମପ୍ରାଣା ବ୍ୟକ୍ତି ବିୟୋଗ ରେ ଶୋକ ବ୍ୟକ୍ତ କରିଛନ୍ତି।

# ବିଜ୍ଞାନ ପ୍ରକଳ୍ପ ଶିଶୁଙ୍କୁ ଅନୁଭବ ପ୍ରଦାନ କରି ବିଜ୍ଞାନ ମନସ୍କ କରେ

ବାଲେଶ୍ୱର,୧୨/୧୨ (ନି.ପ୍ର): ବାଲେଶ୍ୱର ସହର ଉପକଣ୍ଠ ଗବଗାଁଛକ ସ୍ଥିତ ସାଇ ଶିଶୁ ବିଦ୍ୟା ମନ୍ଦିରରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷ ମଧୁସୂଦନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ବରିଷ୍ଠ ପ୍ରଧାନଶିକ୍ଷକ ପଦ୍ମ ଲୋଚନ ଦାସ ,ମୁଖ୍ୟବକ୍ତା ଭାବେ ଚାନ୍ଦିପୁର ହାଇସ୍କୁଲର ବିଜ୍ଞାନ ଶିକ୍ଷକ ପାର୍ଥ ସାରଥୀ ମହାନ୍ତି ଏବଂ ସମ୍ମାନିତ ଅତିଥି ଭାବେ ତରଜୁମାନ ନ୍ୟୁଜ୍ ଟାଇମ୍ ରୋ ସମ୍ପାଦକ ଅଜିମ ବାଲେଶ୍ୱରୀ ଯୋଗଦେଇ ବକ୍ତବ୍ୟ ଦେବା ସହିତ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ । ସର୍ବମୋଟ ୬୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ସର୍ବ କନିଷ୍ଠ ବର୍ଗରେ ବୈଷ୍ଣବି ବେହେରା ପ୍ରଥମ , ରମ୍ୟାଶା ପରିଡା ଦ୍ୱିତୀୟ ,ଜୟସ୍ମିତା ମାଝୀ ତୃତୀୟ ,ଶିଶୁ ବର୍ଗରେ ଆଶିଷ ମାଇତି ପ୍ରଥମ , ସଗୁପ୍ତା ଫତେମା କ୍ୱାଦ୍ରୀ ଦ୍ୱିତୀୟ , ତେଜସ୍ ବେହେରା ତୃତୀୟ । ବାଲ ବର୍ଗରେ ଦିବ୍ୟାଶା ପରିଡା ପ୍ରଥମ , କୌଶିକ ବେହେରା ଦ୍ୱିତୀୟ ,ବୀରେନ୍ଦ୍ର ବେହେରା ତୃତୀୟ । କିଶୋର ବର୍ଗରେ ସତ୍ୟବ୍ରତ ମାଝୀ , ହ୍ରିତିକ ରଞ୍ଜନ ଦାସ ପ୍ରଥମ, ମୌର୍ଯ୍ୟାଂଶୁ ଦାଶ ଦ୍ୱିତୀୟ , ରୋହିତ କୁମାର ହାଜରା, ସୌରଭ ମାଇତି ତୃତୀୟ ସ୍ଥାନ ଅଧିକାର କରିଥିଲେ । ବିଦ୍ୟାଳୟର ଶିକ୍ଷୟିତ୍ରୀ ସଂଯୁକ୍ତା ଓଝା , ବିଜୟଲକ୍ଷ୍ମୀ ପାଢ଼ୀ , ଆଭାମୟୀ ବାରିକ , ସୁଭଦ୍ରା ତରେଇ , ସୁପ୍ରଭା ଦଲାଇ , ଅର୍ପିତା ପ୍ରଧାନ , ଜହୁରା ଖାତୁନ , ନେହା ଫାରୁକି ,ପୁଷ୍ପକାନ୍ତି ମିଶ୍ର , କମଳା ରାଣୀ କର,ନିମାଇ ଚରଣ ମାଇତି ,ଶିବଶଙ୍କର ବେହେରା , ନିହାର ରଞ୍ଜନ ମହାପାତ୍ର , ହେମନ୍ତ ଦାସ , ତଥା ସହାୟକ କର୍ମଚାରୀ ଦେବସ୍ମିତା ଦାସ ,ନଜାରା ବିବି ,ବାସନ୍ତୀ ଗିରି ଛାତ୍ରଛାତ୍ରୀଙ୍କୁ ପ୍ରକଳ୍ପ ପ୍ରଦର୍ଶନରେ ସହଯୋଗ କରିଥିଲେ ।




# ଡାଲମିଆ ଭାରତ ଗ୍ରୁପ୍ ପକ୍ଷରୁ ସେବା ଦିବସ ପାଳନ

ରାଜଗାଙ୍ଗପୁର,୧୨/୧୨ (ନି.ପ୍ର): ଭାରତରେ ଏକ ଅଗ୍ରଣୀ ସିମେଣ୍ଟ ଓ ଚିନି ଉତ୍ପାଦନକାରୀ ଗ୍ରୁପ୍ ଡାଲମିଆ ଭାରତ ଗ୍ରୁପ୍ଏହାର ପରମପୂଜ୍ୟ ପ୍ରତିଷ୍ଠାତା ତଥା ଏକନିଷ୍ଠ ମୂଲ୍ୟବୋଧ ଓ ନିଃସ୍ୱାର୍ଥପର ସେବାରେ ନିଜ ଜୀବନକୁ ଆଗେଇ ନେଇଥିବା ଜଣେ ଦୂରଦ୍ରଷ୍ଟା ଶିଳ୍ପପତି ଓ ବଦାନ୍ୟ ବ୍ୟକ୍ତିତ୍ୱ ଜୟ ଦୟାଲ ଡାଲମିଆ ଜୀଙ୍କ ୧୨୧ତମ ଜନ୍ମ ବାର୍ଷିକୀ ପାଳନ ଅବସରରେ ସମଗ୍ର ଭାରତରେ ତାହାର ବ୍ୟବସାୟ ପରିଚାଳନା ଅଞ୍ଚଳରେ 'ସେବା ଦିବସ' ପାଳନ କରିଥିଲା। ଗ୍ରୁପ୍ ର ଉତ୍ପାଦନକାରୀ ୟୁନିଟ, ଆଂଚଳିକ କାର୍ଯ୍ୟାଳୟ, କର୍ପୋରେଟ କାର୍ଯ୍ୟାଳୟ ସମେତ ଭାରତର ୨୫ଟି ସ୍ଥାନରେ ଡିସେମ୍ବର ୪ରୁ ୧୧ ତାରିଖ ପର୍ଯ୍ୟନ୍ତ ସେବା ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ଗ୍ରୁପ୍ ତାହାର ପ୍ରତିଷ୍ଠାତାଙ୍କର କରୁଣା, ବିନମ୍ର ଭାବ, ସଚ୍ଚୋଟତା ଏବଂ ସମାଜ ପ୍ରତି ସେବାର ସ୍ଥାୟୀ ଐତିହ୍ୟକୁ ସମ୍ମାନ ପ୍ରଦର୍ଶନ କରିଥିଲା । ଚଳିତ ବର୍ଷ ଏହି ଉତ୍ସବ ପାଳନ ଦୀର୍ଘସ୍ଥାୟିତ୍ୱ ବିଷୟବସ୍ତୁ ଉପରେ ଆଧାରିତ ଥିଲା, ଯାହା ତାଙ୍କର ଦାୟିତ୍ୱସମ୍ପନ୍ନ ଅଭିବୃଦ୍ଧି ଏବଂ ପରିବେଶଗତ ନେତୃତ୍ୱ ସମ୍ପର୍କରେ ଆଲୋକପାତ କରିଥିଲା। ସମସ୍ତ ସ୍ଥାନରେ କର୍ମଚାରୀବୃନ୍ଦ, ସହଭାଗୀ ଏବଂ ଜନସାଧାରଣ ସାମୂହିକ କାର୍ଯ୍ୟକ୍ରମ ଜରିଆରେ ବୃକ୍ଷ ଚାରା ରୋପଣ ଏବଂ ସଫେଇ ଅଭିଯାନ, ପୁନଃଚକ୍ରଣ ପ୍ରୟାସ ସମ୍ପର୍କିତ ସଚେତନତା ହାତକୁ ନେଇଥିଲେ। ଏଥିସହିତ ସେମାନେ 'ଅନ୍ନ ଦାନ'ର ଅଂଶ ଭାବରେ ଅନାଥାଶ୍ରମ ଓ ଜରାଶ୍ରମଗୁଡିକୁ ଗସ୍ତ କରିବା ସହିତ ପାରିପାର୍ଶ୍ୱିକ ଅଞ୍ଚଳରେ ଭିତ୍ତିଭୂମି ଓ ପୁନଃବିକାଶମୂଳକ କାର୍ଯ୍ୟ କରିଥିଲେ। ମୂଲ୍ୟଭିତ୍ତିକ ଭାବ ବିନିମୟ ଏବଂ ଗୋଷ୍ଠୀ ନିୟୋଜନକାରୀ 'ପଥପ୍ରାନ୍ତ ନାଟକ' ଆଦି ଏହାର ପ୍ରତିଷ୍ଠାତାଙ୍କ ମାର୍ଗଦର୍ଶିତ ଦାୟିତ୍ୱସମ୍ପନ୍ନ ନାଗରିକତା ସଂସ୍କୃତି ଏବଂ ନୈତିକ ଜୀବନ ନିର୍ବାହ ବ୍ୟବସ୍ଥାକୁ ପୁନଃ ସୁଦୃଢ଼ କରିଥିଲା ।ସେବା ଦିବସ ପାଳନର ଅଂଶ ଭାବରେ ଡାଲମିଆ ସିମେଂଟ ରାଜଗାଙ୍ଗପୁରରେ ଏକାଧିକ ଉନ୍ନୟନମୂଳକ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିଥିଲା, ଯଦ୍ୱାରା ୨୦୦୦ରୁ ଅଧିକ ଜନସାଧାରଣ ଉପକୃତ ହୋଇଥିଲେ। କମ୍ପାନୀ ବିଶାଳ ବୃକ୍ଷ ଚାରା ରୋପଣ କାର୍ଯ୍ୟ ହାତକୁ ନେଇ ୧୧୦୬ ଚାରାରୋପଣ କରିଥିଲା ଏବଂ ସୋଲାର ଆଣ୍ଡ୍ ଇଲେକ୍ଟ୍ରିକାଲ ଲାବ୍ ଉଦ୍‌ଘାଟନ କରିଥିଲା। ଏଥିସହିତ ସ୍ଥାୟୀ ଏବଂ ଉନ୍ନତ ଗୋଷ୍ଠୀ ସୁବିଧାଗୁଡିକ ପ୍ରତି ନିଜର ପ୍ରତିବଦ୍ଧତା ପୁନଃଦୃଢୀକରଣ କରିବାକୁ ଏକ ଉତ୍ସର୍ଗୀକୃତ ସଫେଇ ଅଭିଯାନ ଏବଂ ସ୍କ୍ରାପ୍ ପୃଥକୀକରଣ ଅଭିଯାନ ପରିଚାଳନା କରିଥିଲା। ଅନ୍ୟାନ୍ୟ ପ୍ରମୁଖ କାର୍ଯ୍ୟକଳାପ ମଧ୍ୟରେ ସିଲାଇ ମେସିନ ଏବଂ ଯକ୍ଷ୍ମା ରୋଗୀଙ୍କ ପାଇଁ ପୋଷଣ କିଟ୍ ଆବଣ୍ଟନ ଆଦି ଅନ୍ତର୍ଭୁକ୍ତ ଥିଲା। କମ୍ପାନୀ ମଧ୍ୟ ଗୋଷ୍ଠୀ ବିକାଶ ପ୍ରୟାସକୁ ସମର୍ଥନ କରିବା ନିମନ୍ତେ ୨୩ ଜଣ ଗ୍ରାମ ସ୍ୱେଚ୍ଛାସେବୀଙ୍କୁ ସମ୍ମାନିତ କରିଥିଲା। ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ୨ ହଜାର ଟଙ୍କା ଏବଂ ଏକ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ୨୫୦୦ରୁ ଅଧିକ ଲୋକଶକ୍ତି (ଏକ୍‌ଜିକ୍ୟୁଟିଭ, କର୍ମଚାରୀ, ଗୋଷ୍ଠୀ ସ୍ୱେଚ୍ଛାସେବୀଙ୍କ ସମେତ) ମଧ୍ୟ ଏହି କାର୍ଯ୍ୟକ୍ରମଗୁଡିକରେ ଅଂଶଗ୍ରହଣ କରିଥିଲେ। ଏହି ଉତ୍ସବ ପାଳନର ଗୁରୁତ୍ୱ ସମ୍ପର୍କରେ ଉଲ୍ଲେଖକରି ଚେତନ ଶ୍ରୀବାସ୍ତବ, ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର, ଡିସିବିଏଲ୍ ଏବଂ ୟୁନିଟ ହେଡ, ରାଜଗାଙ୍ଗପୁର କହିଥିଲେ, "ଡାଲମିଆ ଭାରତରେ ସେବା ଦିବସ କେବଳ ଆମର ପ୍ରତିଷ୍ଠାତାଙ୍କ ଉଦ୍ଦେଶ୍ୟରେ ସମ୍ମାନ ପ୍ରଦର୍ଶନ ନୁହେଁ, ଏହା ତାଙ୍କର ଆଦର୍ଶଗୁଡିକର ଏକ ଜୀବନ୍ତ ପରିପ୍ରକାଶ। ଏହି ସପ୍ତାହରେ ହାତକୁ ନିଆଯାଇଥିବା ପ୍ରତ୍ୟେକ ପ୍ରୟାସ ଦାୟିତ୍ୱସମ୍ପନ୍ନ ସହିତ ନିର୍ମାଣ କରିବା, ଗଭୀର ଭାବରେ ଯତ୍ନ ନେବା ଏବଂ ଆମକୁ ବଜାୟ ରଖିଥିବା ଜନସମୁଦାୟ ଓ ପରିବେଶ ବ୍ୟବସ୍ଥା ପ୍ରତି ଅର୍ଥପୂର୍ଣ୍ଣ ଅବଦାନ ରଖିବା ନିମନ୍ତେ ଉଦ୍ଦିଷ୍ଟ । ସବୁଜ ବଳୟକୁ ସୁଦୃଢ଼ କରିବା ଠାରୁ ଗୋଷ୍ଠୀ ସ୍ଥଳଗୁଡିକର ପୁନରୁଦ୍ଧାର ଏବଂ ଆପଦପ୍ରବଣଙ୍କୁ ଯତ୍ନଶୀଳ ହାତ ବଢାଇବାକୁ ପ୍ରତ୍ୟେକ ପ୍ରୟାସ ସଚେତନ ପ୍ରଗତି ନିମନ୍ତେ ତାଙ୍କର ସ୍ଥାୟୀ ଦୂରଦୃଷ୍ଟିକୁ ପ୍ରତିଫଳିତ କରୁଛି। ଏହା ଆମକୁ ସ୍ମରଣ କରାଇ ଦେଉଛି ଯେ, ଅଭିବୃଦ୍ଧି ନିଶ୍ଚିତ ଭାବରେ ଉଭୟ ଜନସାଧାରଣ ଏବଂ ପୃଥିବୀ ପାଇଁ ଦାୟିତ୍ୱସମ୍ପନ୍ନ ଆଧାରିତ ହେବା ଆବଶ୍ୟକ ।ସେବା ଦିବସ ପାଳ ପାଳନର ଅଂଶ ଭାବରେ ଡାଲମିଆ ଭାରତ ମଧ୍ୟ ଏହାର ପରମ୍ପରାଗତ ସମ୍ମାନ ପ୍ରଦାନ ପ୍ରୟାସଗୁଡ଼ିକୁ ଆଗେଇ ନେଇ ଦୀକ୍ଷା କେନ୍ଦ୍ର ସର୍ବଶ୍ରେଷ୍ଠ ପ୍ରଦର୍ଶକ ଜରିଆରେ ଦୀର୍ଘକାଳୀନ ଅବଦାନ ଏବଂ ରୂପାନ୍ତରଣକୁ ସମ୍ମାନିତ କରିଥିଲା। ଏଥିରେ ଦକ୍ଷତା ବିକାଶ ଏବଂ ଗୋଷ୍ଠୀଗତ ପ୍ରଭାବରେ ଉତ୍କର୍ଷ ହାସଲ କରିଥିବା ୧୦ ଜଣ ଦୀକ୍ଷା ପ୍ରାର୍ଥୀଙ୍କୁ ସମ୍ମାନିତ କରାଯାଇଥିଲା।

# ବାଂଶପାଳ ବ୍ଲକ୍ ହୋ ଭାଷା କ୍ରିୟାନୁଷ୍ଠାନ କମିଟି ଗଠିତ

କେନ୍ଦୁଝର,୧୨/୧୨ (ନି.ପ୍ର): ଅଖିଳ ଭାରତୀୟ ହୋ ଭାଷା କ୍ରିୟାନୁଷ୍ଠାନ କମିଟି ତରଫରୁ ବିର୍ସା ମୁଣ୍ଡା ହୋ ସମାଜ ମାର୍ଶାଲ ଅକାଳାର ଉପସଭାପତି ଦୁଃଖବନ୍ଧୁ ବାଲମୁଚୁଙ୍କ ସଭାପତିତ୍ୱରେ ବାଂଶପାଳ ବ୍ଲକ୍ କମିଟି ଗଠନ କରାଯାଇଛି । ହୋ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସାମିଲ, ହୋ ଭାଷାକୁ ଦ୍ୱିତୀୟ ରାଜଭାଷାର ମାନ୍ୟତା, କୋଲ କ୍ଲୋହ, ମୁଣ୍ଡା, ହୋ ଜାତିକୁ ସରକାରୀ ସ୍ତରରେ କେବଳ ହୋ ଜନଜାତି ରୂପେ ବିବେଚିତ କରିବା, ୮୦ ଭାଗରୁ ଅଧିକ ହୋ ଜନଜାତି ପଢୁଥିବା ପ୍ରାଥମିକ ବିଦ୍ୟାଳୟରେ ହୋ ଶିକ୍ଷକ ନିଯୁକ୍ତି ଆଦି ଦାବୀ ନେଇ ପଲ୍ଲୀ ଠାରୁ ରାଜ୍ୟ ପର୍ଯ୍ୟନ୍ତ ସରକାରଙ୍କୁ ବିଶାଳ ଗଣଧାରଣା ମାଧ୍ୟମରେ ବିଧାନସଭାର ଲୋୟର ପିଏମଜି ଠାରେ ଆଦିବାସୀ ହୋ ସମାଜ ତରଫରୁ ରଣହୁଙ୍କାର ପାଇଁ ପ୍ରସ୍ତୁତ ରଖି ବ୍ଲକ୍ ସ୍ତରରେ କମିଟି ଗଠନ କରାଯାଇଛି। କମିଟିର ସଭାପତି ସୁକ୍ରା ମୁଣ୍ଡା, ଉପସଭାପତି ଧର୍ମୁ ସିଦୁ, ସାହେବ୍ ବଦରା, କାର୍ଯ୍ୟକାରୀ ସଭାପତି ସଞ୍ଜୟ ତପାନଃ, ସମ୍ପାଦକ ଘାସି ଗାଗରାଇ, ସାଙ୍ଗଠନିକ ସମ୍ପାଦକ ସମାର ସାଏ, କୋଷାଧ୍ୟକ୍ଷ ବିଭୀଷଣ ଶିର୍କା ମନୋନୀତ ହୋଇଛନ୍ତି। କମିଟି ପ୍ରତ୍ୟେକ ସାହି, ପଡାରେ, ଗାଁ, ପଂଚାୟତ, ବ୍ଲକ୍ ମାନଙ୍କରେ ଜନ ସଚେତନତା ସୃଷ୍ଟି କରିବ ବୋଲି ସେମାନେ ସୂଚନା ଦେଇଛନ୍ତି। ବେଟାନାବୁ ଭୁବନେଶ୍ୱର ୨.୦କୁ ଅଧିକ କ୍ରିୟାଶୀଳ କରିବା ପାଇଁ ରାଜ୍ୟ କମିଟିର ଆହ୍ୱାନକୁ ଶତ ପ୍ରତିଶତ କାର୍ଯ୍ୟକ୍ଷମ କରିବ ବୋଲି ନିଷ୍ପତି ନିଆଯାଇଛି। କମିଟି ଗଠନ ପରେ ସଭାରେ ଜିଲ୍ଲା ସାଂଗଠନିକ ସମ୍ପାଦକ ଶିବ ପୂର୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ରୋଟାରୀ କ୍ଲବ ଜୟପୁର ପ୍ରାଇଡ ତରଫରୁ କମ୍ବଳ ବଂଟନ

ଜୟପୁର,୧୨/୧୨ (ନି.ପ୍ର): ରୋଟାରୀ କ୍ଲବ ଜୟପୁର ପ୍ରାଇଡ ତରଫରୁ ଶୀତ ପାଇଁ କମ୍ବଳ ବଣ୍ଟନ କରାଯାଇଛି । କୋରାପୁଟ ଜିଲାରେ ଶୀତର ପ୍ରକୋପ ବଢୁଥିବାରୁ ଏହାକୁ ଦୃଷ୍ଟିରେ ରଖି ଜୟପୁର ବ୍ଲକ ଅନ୍ତର୍ଗତ ବାରିଣିପୁଟ ପଂଚାୟତର ମହୁଲ ଭଙ୍ଗା, ଗଡିଗୁଡା, ଶୁଣ୍ଡିଗୁଡା ରାଣ୍ଡିପାଲ୍ଲି ପଂଚାୟତର କଣ୍ଡାପୁଟ ଗ୍ରାମରେ ପ୍ରାୟ ଏକ ଶହ କମ୍ବଳ ବଂଟନ କରାଯାଇଛି।
କମ୍ବଳ ବଂଟନ ସମୟରେ ପ୍ରାଇଡର ସଭାପତି ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ରାମ ସାହୁ, କାଳୁ ରାମ ପଣ୍ଡା, ସଞ୍ଜିବ ମିଶ୍ର, ମୁରଲି ସାବତ, ନରେଶ ମହାକୁଳ, ଜ୍ୟୋତି ଭୋଇ, ବିଭୁ ପଣ୍ଡା, ସ୍ନେହିତ ମିଶ୍ର, ବର୍ଷା ବଣ୍ଡୋଳି ଉପସ୍ଥିତ ଥିଲେ ।

# ବାଦୀ କ୍ଲଷ୍ଟର ସ୍ତରୀୟ ସୁରଭି ଅନୁଷ୍ଠିତ

ନୂଆପଡ଼ା,୧୨/୧୨ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ବାଦୀ କ୍ଲଷ୍ଟରରେ କ୍ଲଷ୍ଟର ସ୍ତରିୟ ଶିଶୁ ମହୋତ୍ସବ ସୁରଭି ପଦମପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମହାସମାରୋହରେ ଆଜି ପାଳିତ ହୋଇଛି । କ୍ଲଷ୍ଟର ସଂଯୋଜକ ମିତ୍ରାଦୀ ମଲ୍ଲିକ ଓ ପଦ୍ମପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବେନ୍ଦ୍ର ପାଣ୍ଡେଙ୍କ ତତ୍ତ୍ୱାବଧାନରେ ବାଦୀ କ୍ଲଷ୍ଟରର ବାରଟି ବିଦ୍ୟାଳୟର ପ୍ରାୟ ଏକ ଶହ ସତୁରୀ ପ୍ରତିଯୋଗୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ । ଉଦଘାଟନୀ ଉତ୍ସବରେ ସ୍ଥାନୀୟ ସରପଂଚ ମୀନା ଜାଲ ମୁଖ୍ୟ ଅତିଥି ଭାବରେ ତଥା ସମ୍ମାନିତ ଅତିଥି ଭାବରେ ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦ୍ୱେରାଜ ମହାନ୍ତି, ଲକ୍ଷ୍ମାନ୍ ବାଗ, ରୀତାଞ୍ଜଳୀ ଶବର, ରଞ୍ଜିତା ହୋତା, ଚିତ ରଞ୍ଜନ ସୁନା, ସୁରଜିତ ବାଗ ତଥା ମୁଖ୍ୟ ବକ୍ତା ଭାବରେ ବିବେକ ପୋଡ଼ ଯୋଗଦେଇ ପ୍ରତିଯୋଗୀ ମାନଙ୍କୁ ଉତ୍ସାହିତ କରିଥିଲେ ।

# ବଣିଆପାଟ ଶିଶୁ ମନ୍ଦିରର ଜେଜେବାପା ଜେଜେମାଆ ସମ୍ମିଳନୀ

କେନ୍ଦୁଝର,୧୨/୧୨ (ନି.ପ୍ର): ସ୍ଥାନୀୟ କଲେଜରୋଡ଼ ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର, ବଣିଆପାଟର ବାର୍ଷିକ ଜେଜେବାପା ଜେଜେମାଆ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀକୁ ଅବସରପ୍ରାପ୍ତ ଅତିରିକ୍ତ ଶ୍ରମ କମିଶନର ଉପେନ୍ଦ୍ର ମହାନ୍ତ ମୁଖ୍ୟ ଅତିଥିଭାବେ ଯୋଗଦେଇ ବର୍ତମାନ ସମୟର ଜେଜେବାପା ଜେଜେମାଆଙ୍କ ସମାଜରେ ଭୂମିକା ସମ୍ବନ୍ଧରେ ବର୍ଣ୍ଣନା କରିଥିଲେ । ଆସିଥିବା ଜେଜେବାପା ଜେଜେମାଆ ମାନଙ୍କ ମଧ୍ୟରେ ବେଲୁନ ଫଟା ଓ ମ୍ୟୁଜିକ ଚେୟାର ଖେଳ କରାଯାଇ ପ୍ରଥମ, ଦ୍ୱିତୀୟ, ତୃତୀୟ ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା । ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଡଃ. ଅନିଲ କୁମାର ଦାସଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ପରିଚାଳନା କରାଯାଇଥିବା ବେଳେ ଉପସଭାପତି ହୃଦାନନ୍ଦ ପ୍ରଧାନ, ସଂପାଦକ ଭାଗୀରଥି ଗିରି ଉପସ୍ଥିତ ରହି ବିଦ୍ୟାଳୟର କାର୍ଯ୍ୟକ୍ରମ ବିଷୟରେ ଆଲୋକପାତ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ଦୀନବନ୍ଧୁ ମହାକୁଡ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ ସଦସ୍ୟା ମନ୍ଦାକିନୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବିଦ୍ୟାଳୟର ୪ର୍ଥ ଓ ୨ୟ ଶ୍ରେଣୀ ଭଉଣୀ ମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ ବେଶ ମନୋମୁଗ୍ଧକର ଥିଲା । ତତସଂଗେ ସଂଗେ ଶିଶୁ ବାଟିକା ଶ୍ରେଣୀର ଶିଶୁ ଭାଇ ଭଉଣୀ ମାନଙ୍କ ଦ୍ୱାରା ପ୍ରାତଃ ପର୍ଯ୍ୟ ।ୟରେ ଫଳ ପ୍ରଦର୍ଶନୀ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସମସ୍ତ ଗୁରୁଜୀ ଓ ଗୁରୁମା ମାନେ ପରିଚାଳନା କରିଥିଲେ ।

# ଅନ୍ଧକାର ମଧ୍ୟକୁ ଠେଲିହୋଇ ଯାଉଛି କଖାରୁଶୋଳ ଗ୍ରାମର ଆଦିବାସୀ ବସ୍ତି



ଉଦଳା, ୧୨/୧୨ (ନି.ପ୍ର): ଯେ ହେଉଛି ମୟୂରଭଂଜ ଜିଲ୍ଲା କୁଳିଅଣା ବ୍ଲକ ଚାନ୍ଦୁଆ ପଂଚାୟତ ଅନ୍ତର୍ଗତ କଖାରୁଶୋଳ ଗ୍ରାମରେ ଥିବା ଆଦିବାସୀ ବସ୍ତିର ଦୃଶ୍ୟ । ଏହି ବସ୍ତିରେ ପ୍ରାୟ ୫୦ରୁ ଅଧିକ ଆଦିବାସୀ ପରିବାର ଦିର୍ଘ ବର୍ଷ ଧରି ବସବାସ କରି ଆସୁଛନ୍ତି । ଅଥଚ ଏହି ବସ୍ତି ପିଲାଙ୍କ ପାଇଁ ଏଠାରେ ପ୍ରାଥମିକ ବିଦ୍ୟାଳୟ ନାହିଁ । ପିଲାଙ୍କୁ ପାଠ ପଢ଼ିବା ପାଇଁ ଦୁଇ କିଲୋମିଟର ଦୂରରେ ଅନ୍ୟଏକ ସାହିରେ ଥିବା ବିଦ୍ୟାଳୟ ଉପରେ ନିର୍ଭର କରିବାକୁ ପଡୁଛି । ଫଳରେ ଏହି ବସ୍ତିର ଅଧିକାଂଶ ପିଲାଙ୍କ ନାମ ବିଦ୍ୟାଳୟ ଖାତାରେ ଗଡୁଥିଲେ ମଧ ସେମାନେ ବିଦ୍ୟାଳୟ ଯାଆନ୍ତି ନାହିଁ । ବିଦ୍ୟାଳୟ ଦୁରରେ ଥିବାରୁ ଏପରି ସମସ୍ୟା ଏଠାରେ ଦିର୍ଘ ବର୍ଷ ଧରି ଲାଗି ରହିଛି । ପାଠଠାରୁ ଦୁରେଇ ଯାଉଥିବା ଏହି ବସ୍ତି ପିଲାଙ୍କ ଭାଗ୍ୟ ଅନ୍ଧକାର ମଧ୍ୟକୁ ଠେଲି ହୋଇ ଯାଉଥିବାର ଦୃଶ୍ୟ ବେଶ ସ୍ପଷ୍ଟ ଦେଖିବାକୁ ମିଳୁଛି । ସବୁଠାରୁ ଅଧିକ ଆଶ୍ଚର୍ଯ୍ୟର ବିଷୟ ଏଠାରେ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ କରୁଥିଲେ ମଧ ଉକ୍ତ ବସ୍ତି ବାସିନ୍ଦାଙ୍କ ଦୁଃଖ ବୁଝିବା ପାଇଁ କୌଣସି ଅଧିକାରୀ ତତ୍ପରତା ପ୍ରକାଶ କରି ନାହାଁନ୍ତି । ଯେଉଁଥିପାଇଁକି ଦିନକୁ ଦିନ ଜନଅସନ୍ତୋଷ ବଢ଼ିବାରେ ଲାଗିଛି । ଜିଲ୍ଲା ପ୍ରଶାସନ ତୁରନ୍ତ ଉକ୍ତ ଘଟଣାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାକୁ ବହୁ ସ୍ୱେଚ୍ଛାସେବୀ ଦାବି ଜଣାଇଛନ୍ତି । ଉକ୍ତ ବସ୍ତିରୁ ଖବର ସଂଗ୍ରହ ସମୟରେ ଏପରି ଦୁଇଜଣ ପିଲା ନଜରକୁ ଆସିଥିଲେ । ସେମାନେ ହେଲେ କାହ୍ନାଇ ଟୁଡୁ ଓ ମାତା- ଜବା ଟୁଡୁଙ୍କର ଜ୍ୟେଷ୍ଠ ପୁତ୍ର 'ବିକାଶ' ଓ କନିଷ୍ଠ ପୁତ୍ର 'ବିଷ୍ଣୁ' । 'ବିକାଶ' ଙ୍କୁ ବର୍ତ୍ତମାନ ବୟସ ୧୨ ବର୍ଷ ହୋଇଥିବା ବେଳେ 'ବିଷ୍ଣୁ' ୮ ବର୍ଷ ବୟସରଙ୍କ ପଦାର୍ପଣ କଲେ । ପରିବାର ଲୋକଙ୍କ କହିବାନୁସାରେ 'ବିକାଶ' ଦ୍ୱିତୀୟ ଶ୍ରେଣୀରେ ପଢୁଥିବା ସମୟରେ କିଛିଦିନ ପାଇଁ ବିଦ୍ୟାଳୟ ଯାଇଥିଲେ । ତହିଁ ପରଠାରୁ ଦିର୍ଘ ବର୍ଷ ଧରି ସେ ବିଦ୍ୟାଳୟ ଯାଇ ନାହାଁନ୍ତି । ତେବେ ବିଦ୍ୟାଳୟ ଖାତାରେ ତାଙ୍କର ନାମ ଗଡୁଛି କି କଟି ଯାଇଛି ତାହା ତାଙ୍କୁ ଜଣାନଥିବାର କହିଛନ୍ତି । ସେହିପରି 'ବିଷ୍ଣୁ' ଅଙ୍ଗନୱାଡ଼ି ପାସ କରିବା ପରେ ବିଦ୍ୟାଳୟରେ ନାମ ଲେଖାଇ ନଥିବାର କଥା ପରିବାରର ଲୋକେ ଜଣାଇଛନ୍ତି । ଏହି ଦୁଇ ଭାଇଙ୍କର ଆଧାର କାର୍ଡ଼ ମଧ ନାହିଁ । ଫଳରେ ସରକାର ମୁଣ୍ଡ ପିଛା ଯୋଗାଇ ଦେଉଥିବା ୫ କିଗ୍ରା ଚାଉଳ ପାଇବାରୁ 'ବିକାଶ' ଓ 'ବିଷ୍ଣୁ' ଉଭୟେ ବଂଚିତ ଅଛନ୍ତି । ଉକ୍ତ ଘଟଣାରେ ବିଭାଗୀୟ କର୍ତ୍ତୃପକ୍ଷ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ରାଜଧାନୀରେ ଭୟାବହ ...

ଉପର ମହଲାରେ ଚାଲିଥିଲା ରେଷ୍ଟୁରାଣ୍ଟ । ତେବେ ସୌଭାଗ୍ୟବଶତଃ ନିଆଁ ଅନ୍ୟ ଫ୍ଲୋରକୁ ବ୍ୟାପିବା ପୂର୍ବରୁ ପହଞ୍ଚିଯାଇଥିଲା ଅଗ୍ନିଶମ ବାହିନୀ । ସର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଥିବା ବେଳେ ରେଷ୍ଟୁରାଣ୍ଟ ମାଲିକ କହିଛନ୍ତି, କୌଣସି ଦୁର୍ବୃତ୍ତ ଆକ୍ରୋଶମୂଳକ ଭାବେ ନିଆଁ ଲଗାଇ ଦେଇଛନ୍ତି । ଗୋଆରେ ନାଇଟ୍ କ୍ଲବ୍‌ରେ ଅଗ୍ନିକାଣ୍ଡ ପରେ ଏବେ ଭୁବନେଶ୍ୱରରେ ରେଷ୍ଟୁରାଣ୍ଟରେ ନିଆଁ ଲାଗିବା ଘଟଣା ସାମ୍ନାକୁ ଆସିଛି । ଯାହାକୁ ନେଇ ରାଜଧାନୀବାସୀଙ୍କ ମନରେ ପଶିଛି ଛନକା । ସବୁ ରେଷ୍ଟୁରାଣ୍ଟରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଅଛି ନା ନାହିଁ ସେ ନେଇ ବି ଉଠିଛି ପ୍ରଶ୍ନ । ଅଗ୍ନିଶମ ବାହିନୀ ଏ ନେଇ କେବେ ତନାଘନା କରୁଛି ତାହା ଦେଖିବାର କଥା ।

### ଭାରତକୁ ଆସିବେ ...

କିଛି କମ୍ପାନିରେ ମାଲିକାନା ଥିବାବେଳେ କିଛି କମ୍ପାନିରେ ପାର୍ଟନର ଅଛନ୍ତି ସୌରଭ ଓ ଗୌରବ ଲୁଥ୍ରା । ଡିସେମ୍ବର ୬ । ଗୋଆର ଅନ୍ୟତମ ନାମୀଦାମୀ ନାଇଟ୍ କ୍ଲବ ରୋମିଓ ଲେନର ରୋଷେଇ ଘରେ ଗ୍ୟାସ୍ ସିଲିଣ୍ଡର ଫାଟିବା ଯୋଗୁଁ ଭୟଙ୍କର ଅଗ୍ନିକାଣ୍ଡ ଘଟିଥିଲା । ୨୫ଜଣଙ୍କ ମୃତ୍ୟୁ ସହ ୫୦ରୁ ଅଧିକ ଲୋକ ଆହତ ହୋଇଥିଲେ ।

### ସାରାରାଜ୍ୟକୁ ...

କହିଛନ୍ତି ପୀଡିତାଙ୍କ ପରିବାର । ବଡ ଝିଅ ସହ ଯାହା ଘଟିଲା, ତାପରେ ସାନ ଝିଅଟି ଏବେ କେତେ ଯେ, ସୁରକ୍ଷିତ ସେନେଇ ପ୍ରଶ୍ନ ଉଠାଇଲା ପରିବାର । ଆଉ ନୁହେଁ, ସିଧା ଭୁବନେଶ୍ୱର ଛାଡି ଗାଁକୁ ପଳାଇବାକୁ ନିଷ୍ପତି ନେଇଛନ୍ତି ପୀଡିତାଙ୍କ ପରିବାର । ସେପଟେ ନାବାଳିକା ଜଣକ ହସ୍ପିଟାଲ ବେଡରେ ଜୀବନ ମରଣ ସହ ସଙ୍ଘର୍ଷ କରୁଛନ୍ତି । ଡାକ୍ତରୀ ମାଇନା ସହ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳକୁ ଯାଇ ଛାନଭିନ୍ କରିଛି । ଅଭିଯୁକ୍ତ ନରେଶକୁ କୋର୍ଟ ଚାଲାଣ କରାଯାଇଛି। କ୍ୟାପିଟାଲ ହସ୍ପିଟାଲକୁ ଯାଇ ପୀଡିତାଙ୍କ ବୟାନ ରେକର୍ଡ କରିଛି ପୁଲିସ ।

### ସାରା ରାଜ୍ୟରେ ...

ଟୋପି, କମ୍ବଳ ଓ ଅନ୍ୟ ଶୀତବସ୍ତ୍ରକୁ ଏ ଜାଡ଼ ମାନୁନଥିବାରୁ କାଠୁଆ ଶୀତକୁ କାଟିବାକୁ ଗରିବ ଲୋକଙ୍କ ସାହାରା ପାଲଟିଛି ଏହି ନିଆଁ। ଅତ୍ୟଧିକ ଶୀତ ସାଙ୍ଗକୁ ଏପଟେ ରାଜ୍ୟର କିଛି ଜିଲ୍ଲାରେ ସମସ୍ୟା ବଢାଇ ଦେଇଛି ଘନ କୁହୁଡ଼ି। ସୋନପୁର ଓ ଝାରସୁଗୁଡ଼ା ଭଳି ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଶୀତ ସାଙ୍ଗକୁ ବହଳ କୁହୁଡ଼ି ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ଏପଟେ ରାଜ୍ୟରେ ଶୀତର ପ୍ରଭାବ ଆହୁରି ୪୮ ଘଣ୍ଟା ଯାଏଁ ଲାଗି ରହିବ ବୋଲି ପୂର୍ବାନୁମାନ କରିଛି ଆଞ୍ଚଳିକ ପାଣିପାଗ ବିଭାଗ କାର୍ଯ୍ୟାଳୟ। କାଲି ପାଇଁ ରାଜ୍ୟର ୩ ଜିଲ୍ଲା କଳାହାଣ୍ଡି, ଅନୁଗୁଳ ଓ ଝାରସୁଗୁଡ଼ାରେ ଶୀତ ପାଇଁ ୟେଲ୍ଲୋ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ କନ୍ଧମାଳ, କଳାହାଣ୍ଡି ଓ ସୁନ୍ଦରଗଡ଼ ପାଇଁ ଜାରି ହୋଇଛି କୁହୁଡ଼ି ସତର୍କତା। ହାଡ଼ଭଙ୍ଗା ଶୀତର ପ୍ରଭାବ ଟ୍ୱିନ ସିଟି ଉପରେ ମଧ ପଡ଼ିଛି। ସେପଟେ ଗତ ୨୪ ଘଣ୍ଟାରେ ରାଜ୍ୟର ୧୨ ସହରରେ ରାତିର ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଛି।

# ନୂତନ ଅବକାରୀ ନୀତି ପ୍ରଚଳନ କରିବା ପାଇଁ ମିଳିତ ନିଶା ନିବାରଣ ଅଭିଯାନ (ମନା)ର ଦାବି



ବାଲେଶ୍ୱର, ୧୨/୧୨ (ନି.ପ୍ର): ମିଳିତ ନିଶା ନିବାରଣ ଅଭିଯାନ (ମନା), ବାଲେଶ୍ୱରର ଚଳିତ ମାସର ମାସିକ ବୈଠକ ସଭାପତି ଶ୍ରୀ ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ଅପରାହ୍ନ ୪ ଘଟିକା ସମୟରେ ନେଳିଆବାଗସ୍ଥିତ ଅଫିସ୍ ଗୃହରେ ଅନୁଷ୍ଠିତ ହୋଇଯାଇଛି। ସଭା ପ୍ରାରମ୍ଭରେ 'ମନା'ର ଆଜୀବନ ସଭ୍ୟ ସ୍ୱର୍ଗତ ଡ. ବଂଶୀଧର ଚୌଧୁରୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହିତ ତାଙ୍କର ସ୍ମୃତିଚାରଣ କରାଯାଇଥିଲା। ଉକ୍ତ ସଭାରେ ସମସ୍ତ ସଭ୍ୟସଭ୍ୟାଙ୍କ ସମ୍ମତିକ୍ରମେ ରାଜ୍ୟରୁ ନିଶାର ପ୍ରାଦୁର୍ଭାବ ହ୍ରାସ କରିବା ନିମନ୍ତେ ନୂତନ ଅବକାରୀ ନୀତି ପ୍ରଣୟନ କରିବା ପାଇଁ (ମନା) ତରଫରୁ ମୁଖ୍ୟମନ୍ତ୍ରୀ ଓ ଅବକାରୀ ମନ୍ତ୍ରୀଙ୍କୁ ଏକ ଦାବିପତ୍ର ଦେବା ପ୍ରସ୍ତାବ ଗୃହୀତ ହେଲା। ଏହି ଆଲୋଚନାରେ ଉପଦେଷ୍ଟା ସୁବ୍ରତକର, ଉପସଭାପତି ଡ. କ୍ଷିତୀଶ୍ୱର ଦାଶ, ସମ୍ପାଦିକା ସୁଶ୍ରୀ ଗୀତାଞ୍ଜଳି ସିଂହ, ତ୍ରିଦିପ ନାୟକ, ବେଣୁଧର ସାହୁ, ପ୍ରଫୁଲ୍ଲ କୁମାର ଦାସ, ସୀତାରାମ ପ୍ରଧାନ, କଲ୍ୟାଣୀ ନନ୍ଦ, ଗଙ୍ଗାଧର ପୃଷ୍ଟି, ସନତ କୁମାର ନାୟକ, ରବିନାରାୟଣ ଭୋଳ, ପ୍ରଭାକର ସାହୁ (ଖ), ଡ. ଲକ୍ଷ୍ମଣ ଚରଣ ବିଶ୍ୱାଳ, ଭାସ୍କର ଚନ୍ଦ୍ର ମିଶ୍ର, ବସନ୍ତ ପ୍ରଧାନ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ରାଜେନ୍ଦ୍ରନାଥ ରାଉତ ଧନ୍ୟବାଦ ଜ୍ଞାପନ କରିଥିଲେ।

# ଶିବ ପାର୍ବତୀ ଯୁବ ପରିଷଦ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ବାସୁଦେବପୁର , ୧୨/୧୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ସୁଦର୍ଶନପୁର ପଞ୍ଚାୟତରେ ଆଗାମୀ ୨୦୨୬ ଶିବରାତ୍ରି ଉତ୍ସବ ପାଳନ ପାଇଁ ଶିବ ପାର୍ବତୀ ଯୁବ ପରିଷଦ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ବିଶେଶ୍ୱର ମହାଦେବ ପାଖରେ ଜାଗର ଯାତ୍ରା ଅନୁଷ୍ଠିତ ହେବା ସହିତ ଶିବ ପାର୍ବତୀ ଯୁବ ପରିଷଦ ପକ୍ଷରୁ ବାର୍ଷିକ ଉତ୍ସବ ଏହି ଅବସରରେ ଅନୁଷ୍ଠିତ ହେବ ବୋଲି ବୈଠକରେ ସ୍ଥିର ହୋଇଛି। ଶିବ ପାର୍ବତୀ ଯୁବ ପରିଷଦ ପକ୍ଷରୁ ତିନି ରାତି ନାଟକ ମଞ୍ଚସ୍ଥ ହେବ। ୨୦୨୬ ଫେବୃଆରୀ ୧୭ ତାରିଖରେ ମଞ୍ଚସ୍ଥ ହେବ ଭିନ୍ନ ସ୍ୱାଦର ନାଟକ ତୁ ବୋଧେ ମୋ ଭାଗ୍ୟରେ ନାହୁଁ। ସେହିପରି ୧୮ ତାରିଖରେ ମଞ୍ଚସ୍ଥ ହେବ ନାଟକ ଗୁହାରୀ ଶୁଣ ଦୀନବନ୍ଧୁ। ସେହିପରି ୧୯ ତାରିଖରେ ମଞ୍ଚସ୍ଥ ହେବ ନାଟକ କହିବାକୁ ଲାଜ ଶୁଣିଲେ ପାପ। ସୁଦର୍ଶନ ପୁର ପଞ୍ଚାୟତର ସମସ୍ତ ସଦସ୍ୟ ଓ ଶିବ ପାର୍ବତୀ କାଟରିଙ୍ଗ ସର୍ଭିସ୍ ଏହି ଉତ୍ସବରେ ସହଯୋଗ କରିବେ। ଏହି ପ୍ରସ୍ତୁତି ବୈଠକରେ ସଭାପତି ହରିହର ନାୟକ, ସମ୍ପାଦକ ଚିତ୍ତ ରଞ୍ଜନ ପଲାଇ, ସଦସ୍ୟ ସତ୍ୟ ସୁନ୍ଦର ରାଉତ,ଅଭିରାମ ନାୟକ, ଚିନ୍ମୟ ନାୟକ, କାଳନ୍ଦୀ ସାହୁ, ସୁଶାନ୍ତ ପଲାଇ, ସରୋଜ ମୁଦୁଲି, ଉମାକାନ୍ତ କର, ବିଶେଶ୍ୱର କର, ଇଞ୍ଜିନିୟର ଅକ୍ଷୟ ସାମଲ ଓ ଅନ୍ୟାନ୍ୟ ସଦସ୍ୟ ବନ୍ଧୁ ଯୋଗ ଦେଇଥିଲେ।

# ଅବସର କାଳୀନ ସମ୍ବର୍ଦ୍ଧନା ସମାରୋହ ଓ ବାର୍ଷିକ କ୍ରୀଡା ସହ ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ



ଜଳେଶ୍ୱର, ୧୨/୧୨ (ନି.ପ୍ର): ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଅନ୍ତର୍ଗତ ରାଇବଣିଆ ପଞ୍ଚାୟତର ସରକାରୀ ଉନ୍ନୀତ ଉ:ପ୍ରା: ବିଦ୍ୟାଳୟ,ରାଇବଣିଆରେ ଶୁକ୍ରବାର ବିଦ୍ୟାଳୟର ଗୁରୁକୁଳ ର ମଉଡ଼ମଣି ଶ୍ରୀଯୁକ୍ତ ସୁଦେବ ଚନ୍ଦ୍ର ବାଗ ସହ ଶିକ୍ଷକ ପଦରୁ ଅବସର ରେ ଗୁରୁଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯିବା ସହ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ ଉତ୍ସବ ପାଳନ ହୋଇଛି ।ଏଥିପାଇଁ ସଭା କାର୍ଯ୍ୟ ଦୁଇଟି ଅଧିବେଶନ ହୋଇ ଥିଲା ।ସକାଳ ୧୦ ଘଟିକାରେ ବିଦାୟ ସମ୍ବର୍ଦ୍ଧନା ଓ ସନ୍ଧ୍ୟାର କ୍ରୀଡା-ସାଂସ୍କୃତିକ ସଭା କାର୍ଯ୍ୟର ସଭାପତିତ୍ୱ କରିଥିଲେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ଲକ୍ଷ୍ମଣ ମୁର୍ମୁ,ମୁଖ୍ୟ ଅତିଥି ପ୍ରାକ୍ତନ ଗୋଷ୍ଠୀଶିକ୍ଷା ଅଧିକାରୀ ଜଳେଶ୍ୱର ଶ୍ରୀଯୁକ୍ତ ଲଲାଟେନ୍ଦୁ କେଶରୀ ଜେନା,ମୁଖ୍ୟ ବକ୍ତା ପ୍ରାକ୍ତନ ପ୍ରଧାନଶିକ୍ଷକ ରାୟ ବଳୀୟାର ସିଂହ ଉଚ୍ଚ ବିଦ୍ୟାଳୟ ରାଇବଣିଆର ଶ୍ରୀଯୁକ୍ତ ରାଜାରାମ କର ଶର୍ମା,ସମ୍ମାନୀତ ଅତିଥିଙ୍କ ଭିତରୁ ରାଇବଣିଆ ସଂଯୋଜକ ଆଞ୍ଚଳିକ ସାଧନକେନ୍ଦ୍ର ଶ୍ରୀଯୁକ୍ତ ରାଧାକାନ୍ତ ସିଂ,ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସରକାରୀ ପ୍ରାଥମିକ ବିଦ୍ୟାଳୟର, ମାଗୁଣିଆପଡା ଶ୍ରୀଯୁକ୍ତ ମହେଶ୍ୱର ଘୋଷ ଓ ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ଶ୍ରୀଯୁକ୍ତ ଉପୃଳେନ୍ଦୁ ଶୁକ୍ଳ।ସେହିପରି ସନ୍ଧ୍ୟାର ସଭା କାର୍ଯ୍ୟର ମୁଖ୍ୟ ଅତିଥି ପୂର୍ବତନ ଜଳେଶ୍ୱର ବ୍ଲକ ଚେୟାରମ୍ୟାନ ଶ୍ରୀଯୁକ୍ତ ସୁକୁମାର ଘୋଷ, ମୁଖ୍ୟବକ୍ତା ପ୍ରାକ୍ତନ ପ୍ରଧାନଶିକ୍ଷକ ନହଞ୍ଜରା ଉ:ପ୍ରା: ବିଦ୍ୟାଳୟର ଶ୍ରୀଯୁକ୍ତ ଯୋଗେଶ ଚନ୍ଦ୍ର ରାଉଳ,ସମ୍ମାନୀତ ଅତିଥିଙ୍କ ଭିତରୁ ଥିଲେ ଓଷ୍ଟା ରାଇବଣିଆ ମଣ୍ଡଳୀର ସଭାପତି ଓ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ମୁଣତୁଣିଆର ଶ୍ରୀଯୁକ୍ତ ସୁକୁମାର ପ୍ରଧାନ,ଶ୍ରୀଯୁକ୍ତ ଅରୁଣ କୁମାର ପଣ୍ଡା ।ଉଭୟ ସଭାରେ ଅତିଥିଙ୍କ ପରିଚୟ ଓ ଧନ୍ୟବାଦ ଅର୍ପଣ ବିଦ୍ୟାଳୟର ସହ ଶିକ୍ଷକ ଶ୍ରୀଯୁକ୍ତ ଚନ୍ଦନ କୁମାର ସାସମଲ ଦେଇଥିଲେ ।ଏପରି ଏକ ଦିନତମାମ କାର୍ଯ୍ୟକ୍ରମ ରେ ପୁରାତନ ଛାତ୍ରଛାତ୍ରୀମାନେ ଓ ବିଦ୍ୟାଳୟର ଶିକ୍ଷୟିତ୍ରୀଙ୍କ ଭିତରୁ ସୋନାଲୀ ସିଂ,ମଧୁସ୍ମିତା ମଲ୍ଲିକ ,ଡିନା ଫୁଲମିନା ଫୁଲ୍ଲଟନ୍ ,ରଶ୍ମୀତା ନାୟକ ତମସା ନୟନୀ ସୋରେନ ,ଶିକ୍ଷକ କମଳାକାନ୍ତ ସୋରେନ ଓ ରଣଜିତ ଜେନା ସହଯୋଗ କରିଥିଲେ। ସଭାର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଅତିଥି ସ୍ୱାଗତ ସଙ୍ଗୀତ ସହ ନାଚଗୀତର ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ସମସ୍ତେ ଝୁମିଥିଲେ। ଅତିଥିମାନଙ୍କୁ ଫୁଲତୋଡା ଓ ଉତ୍ତରୀ ଦେଇ ସମ୍ବର୍ଦ୍ଧିତ କରାଯାଇ ଥିଲା। କ୍ରୀଡା ଓ ସାଂସ୍କୃତିକ ପ୍ରତିଯୋଗିତାରେ କୃତିତ୍ୱ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ ବିଦ୍ୟାଳୟ ତରଫରୁ କରାଯାଇ ଥିଲା।

# ମୟୂରଭଞ୍ଜ ଫଳ ଓ ପନିପରିବା କୃଷକ ଉତ୍ପାଦକ କମ୍ପାନୀ ଆନୁକୂଲ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ



ବାରିପଦା , ୧୨/୧୨ (ନି.ପ୍ର): ଆଜି ମୁର୍ଗାବାଡି ସ୍ଥିତ ପ୍ରୟାସ ହଲ ପରିସର ଠାରେ ଓରମାସ ପରିଚାଳିତ ମୟୂରଭଞ୍ଜ ଫଳ ଓ ପନିପରିବା କୃଷକ ଉତ୍ପାଦକ କମ୍ପାନୀ ତରଫରୁ ଦ୍ୱିତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଛି । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦୁଖବନ୍ଧୁ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉକ୍ତ ରକ୍ତଦାନ ଶିବିରକୁ ଉଦଘାଟନ କରିଛନ୍ତି । ଏହି ଅବସରରେ ବର୍ତ୍ତମାନର ପରିବର୍ତ୍ତିତ ସମୟରେ ଥାଲସେମିଆ, ସିକିଲସେଲ ଭଳି ଦୂରାରୋଗ୍ୟ ତଥା ଆକସ୍ମିକ ଦୁର୍ଘଟଣା ପାଇଁ ଓ ଅନ୍ୟାନ୍ୟ ଅସାଧ ରୋଗର ଜରୁରୀ ଅସ୍ତ୍ରୋପଚାର ପାଇଁ ରୋଗୀର ଅମୂଲ୍ୟ ଜୀବନକୁ ବଞ୍ଚାଇବା ପାଇଁ ବହୁ ସମୟରେ ରକ୍ତର ହଠାତ ଆବଶ୍ୟକତା ଦେଖାଦେଉଛି । ଏହାର ଦୂରୀକରଣ ପାଇଁ ରକ୍ତଦାନର ଆବଶ୍ୟକତା ଉପରେ ବକ୍ତବ୍ୟ ରଖିଥିଲେ । କର୍ପୋରେଟ ସାମାଜିକ ଉତ୍ତରଦାୟିତ୍ୱ ଅଭିଯାନ ଅନ୍ତର୍ଗତ ସମାଜର କଲ୍ୟାଣ ପାଇଁ ଏହି ଶିବିର ଆୟୋଜନ କରିଥବାରୁ କୃଷକ ଉତ୍ପାଦକ କମ୍ପାନୀର ଏହି ମହତ ଉଦ୍ୟମ ନିଶ୍ଚିତ ପ୍ରଶଂସନୀୟ ବୋଲି କହିଥିଲେ। ଏହି ଅବସରରେ ରକ୍ତ ଦାତା ମାନଙ୍କୁ ଏହି ମହତ ଦାନ ପାଇଁ କୃତଜ୍ଞତା ଜଣାଇବା ସହିତ ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ସଚେତନତାକୁ ବ୍ୟାପକରୁ ବ୍ୟାପକତର କରିବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି କହିଥିଲେ। ବାରିପଦା ରକ୍ତ ଭଣ୍ଡାରର ଅଧିକାରୀ ଡା. ସୌମ୍ୟ ରଞ୍ଜନ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନ୍ୟ ସହକର୍ମୀ ଡଃ ନିଲେଶ ଦାସ, ଲ୍ୟାବ ଟେକ୍ନେସିଆନ୍ ପ୍ରଫୁଲ୍ଲ ମାଝୀ, ଷ୍ଟାଫ୍ ନର୍ସ ରୁଚିକା ଖୁରାନା, ଶକୁନ୍ତଳା ମହାନ୍ତ, କରୁଣାକର ଜେନା ପ୍ରମୁଖଙ୍କ ସହଯୋଗରେ ରକ୍ତ ସଂଗ୍ରହ କାର୍ଯ୍ୟ ସମ୍ପାଦନ ହୋଇଥିଲା। ଉକ୍ତ ଶିବିରରୁ ସମୁଦାୟ ୩୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । କାର୍ଯ୍ୟକ୍ରମରେ ଓରମାସର ଡେପୁଟି ସିଇଓ ଭାଗ୍ୟଲକ୍ଷ୍ମୀ ରାଉତ, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଶାନ୍ତନୁ କୁମାର ନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି,ବାରିପଦା, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶିଶିର କୁମାର ମୁନ୍ଦୁୟା, ଜିଲ୍ଲା ରେଡ଼କ୍ରସ ଶାଖାର ଆଜୀବନ ସଦସ୍ୟ ତଥା ରକ୍ତଦାତା ଅମର କୁମାର ସେଠୀ, ଶୁଭକାନ୍ତ ଜେନା, ପ୍ରକାଶ ମାଝୀ, ଜ୍ଞାନରଞ୍ଜନ ଦାସ, ସନ୍ଦୀପ ସବୁ, ସୁପ୍ରିୟା ଜେନା, ମୋନାଲିସା ପଡିହାରୀ, ରଞ୍ଜନ କୁମାର ବେହେରା ଓ ବିଭିନ୍ନ କୃଷକ ଉତ୍ପାଦକ ସଂଗଠନର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ।

# ଚତୁର୍ଦ୍ଦଶ ଭଦ୍ରକ ଜିଲ୍ଲା ମହୋତ୍ସବର ନବମ ସନ୍ଧ୍ୟା

## ଯୁଗେ ଯୁଗେ ବିଶ୍ୱ ଅନୁକରଣ କରିଛି ଓଡ଼ିଶାର ସଂସ୍କୃତି - ଡାକ୍ତର ପ୍ରଦୀପ ନାୟକ

ଭଦ୍ରକ, ୧୨/୧୨ (ନି.ପ୍ର): ଓଡ଼ିଶାର କିମ୍ବଦନ୍ତୀ , ଇତିହାସ, ଲୋକ ଜୀବନ, ସଂସ୍କୃତି ଓ ପରମ୍ପରା ସ୍ୱତନ୍ତ୍ର। ଓଡ଼ିଶାର ଲୋକମାନଙ୍କର ପୋଷାକପତ୍ର , ଚାଲିଚଳଣି , ଆଚାର ବ୍ୟବହାର ପୃଥିବୀରେ ଅନ୍ୟ କେଉଁଠି ଦେଖିବାକୁ ମିଳେ ନାହିଁ। ଓଡ଼ିଆରେ ମାଆ ଡାକ, ଗୁରୁଜନ ମାନଙ୍କ ପ୍ରତି ଭକ୍ତି ବାସ୍ତବରେ ନିଆରା। ଏଠାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ନେଇ ପାଳନ କରାଯାଏ ବାର ମାସରେ ତେର ପର୍ବ।ଓଡ଼ିଶାକୁ ଛାଡ଼ି ପୃଥିବୀର ଇତିହାସ ସୃଷ୍ଟି ହୋଇ ପାରିବ ନାହିଁ। ସେଥିପାଇଁ ଯୁଗେ ଯୁଗେ ଓଡ଼ିଶାକୁ ଅନୁକରଣ କରିଆସିଛି ସମଗ୍ର ବିଶ୍ୱ। ଦୀର୍ଘ ଚଉଦ ବର୍ଷ ଧରି ପାଳିତ ହେଉଥିବା ଭଦ୍ରକ ଜିଲ୍ଲା ମହୋତ୍ସବର ନବମ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଶିଷ୍ଟ ଚକ୍ଷୁ ବିଶେଷଜ୍ଞ ତଥା ସମାଜସେବୀ ଡାକ୍ତର ପ୍ରଦୀପ ନାୟକ କହିଛନ୍ତି। ଭଦ୍ରକ ସହରାଂଚଳର ଥାନା ଅଧିକାରୀ ପ୍ରଭଂଶୁ ମିଶ୍ର ମୁଖ୍ୟ ବକ୍ତା ଭାବେ ଯୋଗଦେଇ କହିଛନ୍ତି, ମହାନ ଉଦ୍ଦେଶ୍ୟ ରଖି ଯେଉଁ ଉତ୍ସବ ପାଳନ କରାଯାଏ ତାହା ହିଁ ମହୋତ୍ସବ। ଏହାକୁ ମୁଖ୍ୟତଃ ଗୁରୁତ୍ୱ ଦେଇ ଭଦ୍ରକ ଜିଲ୍ଲା ମହୋତ୍ସବ କାର୍ଯ୍ୟ କରୁଥିବାରୁ ଅନୁଷ୍ଠାନର ସମସ୍ତ କର୍ମ କର୍ତ୍ତା ମାନଙ୍କୁ ଧନ୍ୟବାଦ ଜଣାଉଛି। ଭଦ୍ରକର ବିକାଶ ଏବଂ ପ୍ରଚାର - ପ୍ରସାର ଦିଗରେ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ଆମେ ସମସ୍ତେ ମିଳମିଶି ଏହି ମହୋତ୍ସବକୁ ଆପଣେଇବା ଉଚିତ୍। ଯାହାକୁ ପ୍ରାଧାନ୍ୟ ଦେଇ ସ୍ୱର୍ଗତ ବିଷ୍ଣୁ ସେଠୀ ପ୍ରତିଷ୍ଠା କରିଥିଲେ ଭଦ୍ରକ ଜିଲ୍ଲା ମହୋତ୍ସବ ଟ୍ରଷ୍ଟ ବୋର୍ଡ। ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ଚଳଚ୍ଚିତ୍ର ଅଭିନେତା ସଞ୍ଜୟ ପଣ୍ଡା କହିଥିଲେ , ମୋ ଗର୍ବ , ମୋ ଭଦ୍ରକ। ଏହି ଅବସରରେ ସଞ୍ଜୟ ଓରଫ ପପୁ ପଣ୍ଡାଙ୍କ ନିଖୁଣ ଅଭିନୟ ସଭାକୁ ମନ୍ତ୍ରମୁଗ୍ଧ ପରି ସ୍ତବ୍ଧ କରିଦେଇଥିଲା। ସମ୍ମାନିତ ଅତିଥି ଭାବେ ଯୋଗଦେଇ ରଶ୍ମିତା ଦାଶ, ରାଜଲକ୍ଷ୍ମୀ ମହାପାତ୍ର, ଶଶିକଳା ମିଶ୍ର ଭଦ୍ରକ ଜିଲ୍ଲା ମହୋତ୍ସବର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ' ନୀଳମଣି ରାଉତରାୟ ମଂଚ'ର ' ଓଡ଼ିଶାର ଲୋକ ଜୀବନ 'ଶୀର୍ଷକ ଆଲୋଚନା ଚକ୍ରରେ ସଭାପତି ପଣ୍ଡିତ ଦୈତ୍ୟାରି ମହାପାତ୍ର ସଭାପତିତ୍ୱ କରିଥିବାବେଳେ କାର୍ଯକାରୀ ସଭାପତି ଦୁର୍ଗା ଶଙ୍କର ବିଶ୍ୱାଳ ସ୍ୱାଗତ ଭାଷଣ ରଖିଥିବାବେଳେ ସମ୍ପାଦକ ସତ୍ୟଭୂଷଣ ସ୍ୱାମୀ ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। ପଣ୍ଡିତ ସଞ୍ଜୟ ପାଢ଼ୀଶର୍ମା ବେଦ ପାଠ କରିଥିଲେ। ଏହି ଅବସରରେ ଅତିଥି ମାନଙ୍କୁ କମିଟି ପକ୍ଷରୁ ଉପସଭାପତି ସାମ୍ବାଦିକ ପ୍ରମୋଦ ରାୟ,କାର୍ଯ୍ୟକାରୀ ସଭାପତି ଶ୍ରୀ ବିଶ୍ୱାଳ, ସମ୍ପାଦକ ଶ୍ରୀ ସ୍ୱାମୀ ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ ।ପରେ ପରେ ଅତିଥି ମାନଙ୍କ ଦ୍ୱାରା ସାଇ ବିନାୟକ ନୃତ୍ୟ ଏକାଡେମୀର କୁନି କୁନି ପିଲାମାନଙ୍କୁ ପ୍ରମାଣପତ୍ର ସହ ସମ୍ମାନିତ କରାଯାଇଥିଲା। ସଭାରମ୍ଭରେ କୁନି କୁନି କଳିକା ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ରଶ୍ମିତା ଦାଶ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆଦର୍ଶ ଶିକ୍ଷକ ଅରୁଣ କୁମାର ମଲ୍ଲିକ ଦେଶାତ୍ମକ ବନ୍ଦନା ଗାନ କରିଥିଲେ ଏବଂ ଶେଷରେ ପ୍ରଶାନ୍ତ କୁମାର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।ଆଜିର ସନ୍ଧ୍ୟାରେ ସାଇ ବିନାୟକ ଇଂଟରନେସନାଲ ଏକାଡେମୀର କଳାକାରଙ୍କ ନୃତ୍ୟ ପରିବେଷଣ ଓ ଓଡ଼ିଶା ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆୟୋଜିତ ଛଉନୃତ୍ୟ ବେଶ୍ ଚିତାକର୍ଷକ ଥିଲା। ଗୀତ ସଙ୍ଗୀତର ନିର୍ଦ୍ଦେଶକ କୁମାର ଗୌତମ ଓ ସାଥୀଙ୍କ ସଙ୍ଗୀତ ନୃତ୍ୟରେ ଦର୍ଶକମାନେ ବିମୋହିତ ହୋଇ ମନଭରି ଉପଭୋଗ କରିଥିଲେ। କମିଟିର ଆବାହକ ଶଶି ଭୂଷଣ ସ୍ୱାମୀ, ସଂଗଠନ ସମ୍ପାଦକ ରମେଶ ଚନ୍ଦ୍ର ସ୍ୱାଇଁ, ଉପ ସଭାନେତ୍ରୀ କଳ୍ପନା ଜେନା, ଯୁଗ୍ମ ସମ୍ପାଦକ ଅରୁଣ କୁମାର ମଲ୍ଲିକ,ପ୍ରଶାନ୍ତ କୁମାର ତ୍ରିପାଠୀ, ମନସ୍ମିତା ଦାସ, ଦୀପାଳୀ ନାୟକ, ସୁମିତ୍ରା ପାଣି , ଗୋସ୍ୱାମୀ ଅରୂପ ଦାସ, ସୁନିଲ ଦତ ପ୍ରମୁଖଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବ ପ୍ରତ୍ୟେହ ସନ୍ଧ୍ୟାରେ ସାଧାରଣ ସଭା, ଆଲୋଚନାଚକ୍ର, ସମ୍ବର୍ଦ୍ଧନା ସମାରୋହ, ଆଧାତ୍ମିକ କାର୍ଯ୍ୟକ୍ରମ, କବିତା ପାଠୋତ୍ସବ, ନୃତ୍ୟ, ସଙ୍ଗୀତ, ନାଟକ ଭିତିକ ସାଂସ୍କୃତିକ ବିଚିତ୍ରା,ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଓଡ଼ିଶା ଓ ଜିଲ୍ଲା ପ୍ରଶାସନ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଲୋକ କଳା, ଲୋକ ନୃତ୍ୟ, ଚଳଚ୍ଚିତ୍ର ଅଭିନେତା, ଅଭିନେତ୍ରୀ , ମଂଚ କଳାକାର, ହାସ୍ୟ ଅଭିନେତା, ଅଭିନେତ୍ରୀ, ଯାତ୍ରା କଳାକାର, ବିଶିଷ୍ଟ ସଙ୍ଗୀତଜ୍ଞଙ୍କ ସମାରୋହରେ ଗତ ୨ତାରିଖରୁ ଆରମ୍ଭ ୧୨ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ଜଣା ପଡ଼ିଛି।

# ଜୀ ସାର୍ଥକର ନୂଆ ଚଳଚ୍ଚିତ୍ର 'ସାହା ହେବେ ମୋତେ ମା ମଙ୍ଗଳା'ର ଅଡିଓ ରିଲଜ୍, ରବିବାର ସନ୍ଧ୍ୟା ୬:୩୦ ହେବ ୱାର୍ଲଡ ଟିଭି ପ୍ରିମିଅର



ଭୁବନେଶ୍ୱର, ୧୨/୧୨ (ନି.ପ୍ର): ଜୀ ସାର୍ଥକର ନୂଆ ଚଳଚ୍ଚିତ୍ର 'ସାହା ହେବେ ମୋତେ ମା ମଙ୍ଗଳା' ର ୱାର୍ଲଡ ଟିଭି ପ୍ରିମିୟର ଆସନ୍ତା ରବିବାର ସନ୍ଧ୍ୟା ୬:୩୦ ହେବ । ସେଇ ଅବସରରେ ଏକ ଘରୋଇ ହୋଟେଲ ରେ ଏହାର ଅଡିଓ ରିଲିଜ୍ କାର୍ଯ୍ୟକ୍ରମ ହୋଇଥିଲା । ଅଡିଓ ରିଲିଜ୍ କାର୍ଯ୍ୟକ୍ରମ ରେ ଜୀ ସାର୍ଥକ ମାର୍କେଟିଂ ହେଡ୍ ବିଶ୍ୱ ରଞ୍ଜନ ବରାଳ, ପ୍ରୋଗ୍ରାମିଂ ମ୍ୟାନେଜର ଦିବ୍ୟ ସାମଲ, ନିର୍ଦ୍ଦେଶକ ଅଜୟ କୁମାର ସିଂହ, ସଂଳାପ ଲେଖକ ପ୍ରିୟବ୍ରତ ପଣ୍ଡା, ସଂଗୀତ ନିର୍ଦ୍ଦେଶକ ପ୍ରଶାନ୍ତ ପାଢ଼ୀ, ଅଭିନେତା ପ୍ରଶାନ୍ତ ପାତ୍ର, ନାୟକ ତୁଷାର, କୁନି କଳାକାର ଦିବ୍ୟାଂଶା ପ୍ରମୁଖ ଉପସ୍ଥିତ ଥିଲେ । କ୍ଷୀରୋଦ ପଟ୍ଟନାୟକଙ୍କ ଦ୍ୱାରା ନିର୍ମିତ ଏବଂ ଅଜୟ ସିଂଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ସାମାଜିକ ଜୀବନରେ ଭକ୍ତିର ଶକ୍ତି କିପରି ଆମକୁ ସବୁବେଳେ ରକ୍ଷା କରେ ତା ଉପରେ ଏକ ସୁନ୍ଦର କାହାଣୀ । ପ୍ରିୟବ୍ରତ ପଣ୍ଡାଙ୍କ ଲିଖିତ ଏହି ଏହି ଫିଲ୍ମରେ ତୁଷାର ଏବଂ ସିମ୍ରନ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି । 'ସାହା ହେବେ ମୋତେ ମା ମଙ୍ଗଳା' ହେଉଛି ଗୌରୀ ନାମକ ଏକ ଝିଅର ବିବାହର ଓ ତାର ପରବର୍ତ୍ତୀ ରୋମାଞ୍ଚ ଉପରେ ଏକ ଭିନ୍ନ କାହାଣୀ । ମା ମଙ୍ଗଳାଙ୍କ ଆଶୀର୍ବାଦପ୍ରାପ୍ତ ଏକ ସରଳ ଗ୍ରାମୀଣ ଝିଅ ଗୌରୀ ଆକସ୍ମିକ ଭାବେ ସୁପରଷ୍ଟାର ରାଜକୁମାର ଚୌଧୁରୀ ସହ ଏକ ମିଛ ବିବାହ ହୋଇଯାଏ । ଏହା ପରେ ଗୌରୀଙ୍କ ଶାନ୍ତ ଜୀବନରେ ଆସେ ବହୁତ କିଛି ପରିବର୍ତ୍ତନ କାରଣ ଗୌରୀ ଏହି ବିବାହକୁ ପ୍ରକୃତ ବୋଲି ବିଶ୍ୱାସ କରିଛନ୍ତି । ପରିସ୍ଥିତିର ବାଧ୍ୟବାଧକତା ପାଇଁ ରାଜଙ୍କ ପରିବାର ଗୌରୀଙ୍କୁ ତାଙ୍କ ସ୍ତ୍ରୀ ଭାବରେ ଗ୍ରହଣ କରନ୍ତି। ଅନ୍ୟପଟେ ଈର୍ଷାଳୁ ଅଙ୍କିତା, ଯିଏକି ରାଜଙ୍କୁ ଭଲ ପାଆନ୍ତି ତାଙ୍କୁ ପାଇବା ପାଇଁ ବ୍ୟାକୁଳ ହୋଇ କଳା ଯାଦୁ ଆଡକୁ ମୁହାଁଇଥାଏ, ରାଜକୁ ରହସ୍ୟମୟ ଭାବରେ ଆଘାତ ଦେଇଚାଲନ୍ତି । ବର୍ତ୍ତମାନ, କେବଳ ଗୌରୀଙ୍କ ଦିବ୍ୟ ଶକ୍ତି ହିଁ ପ୍ରକୃତ ସତ୍ୟକୁ ଉନ୍ମୋଚନ କରିପାରିବ ଏବଂ ତାଙ୍କୁ ରକ୍ଷା କରିପାରିବ କିନ୍ତୁ ଏକ ପ୍ରାଚୀନ ଭବିଷ୍ୟବାଣୀ ସୂଚିତ କରେ ଯେ ପ୍ରକୃତ ବିପଦ ଏବେ ଆରମ୍ଭ ହୋଇଛି ମାତ୍ର । ଏହି ଚଳଚିତ୍ରରେ ଡ଼. ନିର୍ମଳ ନାୟକଙ୍କ ଲିଖିତ ଗୀତ ଗୁଡ଼ିକୁ ସଙ୍ଗୀତରେ ସଜାଇଛନ୍ତି ପ୍ରଶାନ୍ତ ପାଢ଼ୀ ଓ କଣ୍ଠ ଦାନ କରିଛନ୍ତି ଓଡ଼ିଶାର ଲୋକପ୍ରିୟ କଣ୍ଠ ଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ ଓ ସତ୍ୟଜିତ୍ । ପୂର୍ବରୁ ଜୀ ସାର୍ଥକର ପ୍ରତିଟି ଫିଲ୍ମକୁ ମିଳିଛି ଦର୍ଶକଙ୍କ ଭଲ ପାଇବା, 'ସାହା ହେବେ ମୋତେ ମା ମଙ୍ଗଳା' ଜୀ ସାର୍ଥକରେ ସପରିବାର ମନୋରଞ୍ଜନର ଖୋରାକ ଯୋଗାଇବା ସହ ଭଗବାନଙ୍କ ଉପରେ ବିଶ୍ୱାସ କେତେ ଶକ୍ତି ଦେଇଥାଏ ତାହା ଆମ ଦର୍ଶକ ଦେଖି ଉତ୍ସାହିତ ହେବେ ବୋଲି କହିଛନ୍ତି ଜୀ-ସାର୍ଥକର ଚିଫ୍ ଚ୍ୟାନେଲ୍ ଅଫିସର ରାହୁଲ ରାଓ ।

ଶନିବାର, ଡିସେମ୍ବର ୧୩, ୨୦୨୫

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ବସନ୍ତପୁର କ୍ଲଷ୍ଟର ସ୍ତରୀୟ 'ଆସ ସ୍କୁଲ ଯିବା' ଶିକ୍ଷାସଭା ଅନୁଷ୍ଠିତ

ବସ୍ତା ୧୨/୧୨(ନିପ୍ର):ବସ୍ତା ଶିକ୍ଷା ବିଭାଗ ଅଧିନସ୍ଥ ୧୭ ଟି କ୍ଲଷ୍ଟର ରେ ' ଆସ ସ୍କୁଲ ଯିବା ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି ।ସୂଚନା ଥାଉ କି ଯେ,ଅଧାରୁ ପାଠ ଛାଡି ଥିବା ପିଲାଙ୍କୁ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରିବା ସରକାରଙ୍କ ଅଭିନବ ପ୍ରୟାସ ଯାହା ସାରା ରାଜ୍ୟରେ ଏହି କାର୍ଯ୍ୟକ୍ରମ ଚାଲୁରହିଥିବା ବେଳେ ଆଜି ବସନ୍ତ ପୁର କ୍ଲଷ୍ଟର ସ୍ତରୀୟ ବସ୍ତା ଶିକ୍ଷା ଅଧିନସ୍ଥ ପୁରୁଷୋତ୍ତମପୁର ପଞ୍ଚାୟତର ଶରିଶା ଗ୍ରାମ ସ୍ଥିତ ଭାଗବତ ଜିୟୁ ଉପ୍ରାମଇ ବିଦ୍ୟାଳୟ ପରିସରରେ ଏକ ସଚେତନତା । ସଭା ଅନୁଷ୍ଠିତ ହୋଇଥିଲା ।ଉକ୍ତ ସଭାରେ ବିଦ୍ୟାଳୟରର ପ୍ରଧାନ ଶିକ୍ଷୟତ୍ରୀ ଅଞ୍ଜଳି ଦେ ଙ୍କ ପୌରହିତ୍ୟରେ ମୁଖ୍ୟ ଅତିଥି ଭାବେ ବସନ୍ତପୁର କ୍ଲଷ୍ଟର ର ସି ଆରସିସି ଗଣେଶ ଜେନା,ମୁଖ୍ୟବକ୍ତା ଭାବେ ଅବସର ପ୍ରାପ୍ତ ଏବିଓ ରାଧା ମୋହନ ଘୋଷଦାସମହା ପାତ୍ର,ସମ୍ମାନୀତ ଅତିଥି ଭାବେ ହଦମୌଦ ପ୍ରାଇମେରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ଦାସ,ପାଟପୁର ୟୁଜିୟୁପି ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନାରାୟଣ କିସ୍କୁ,ବେଲାଖଣ୍ଡପସା ୟୁଜିୟୁପି ପ୍ରଧାନ ଶିକ୍ଷକ ଉମାକାନ୍ତ ପଣ୍ଡା ପ୍ରମୁଖ ଯୋଗଦେଇ ପିତା ମାତାଙ୍କ ସୋତନ୍ତ ଅନୁଧ୍ୟାନ ରହିପାରିଲେ ଆଜିର ସମାଜରେ ଛାତ୍ର/ଛାତ୍ରୀ ମାନଙ୍କର ଭବିଷ୍ୟତ ଉଜ୍ଜଳ ହୋଇପାରିବ ବୋଲି ମତ ଦେଇଥିଲେ ।ସଭା ଶେଷ ହେବା ପରେ ସ୍କୁଲ ପରିସରରୁ ଶିକ୍ଷକ,ଶିକ୍ଷୟତ୍ରୀ, ଛାତ୍ର, ଛାତ୍ରୀ ଓ ଅଭିଭାବକଙ୍କ ମାନେ ଫ୍ଲାଗ କାର୍ଡ ଧରି ଏକ ଶୋଭାଯାତ୍ରା ବାହାରି ଗ୍ରାମରେ ସଚେତନତା ସ୍ଲୋଗାନ ଦେଇ ଗ୍ରାମ ଭ୍ରମଣ କରି ଶରିଶା ଗ୍ରାମର ଦେବବ୍ରତ ଜେନାଙ୍କ ବାସଭବନରେ ପହଞ୍ଚି ଶିକ୍ଷକମାନେ ପାଲା ଓ ନୃତ୍ୟ ମାଧ୍ୟମରେ ଗ୍ରାମବାସୀ ମାନଙ୍କୁ 'ଆସ ସ୍କୁଲ ଯିବା 'ସରକାରଙ୍କ ଆଭିମୁଖ୍ୟ ବିଷୟରେ ସଚେତନ କରାଇଥିଲେ ।ଶେଷରେ ପ୍ରଧାନ ଶିକ୍ଷକ ନାରାୟଣ କିସ୍କୁ ଧନ୍ୟବାଦ ଦେଇ ସଭା ଭଙ୍ଗ କରିଥିଲେ ।

## ପୁଣି ଟାଟା ପାୱାର କର୍ମଚାରୀଙ୍କ ଜୁଲମ ନେଇ ଥାନାରେ ଅଭିଯୋଗ



ବସ୍ତା , ୧୨/୧୨ (ନି.ପ୍ର): ଦିନକୁ ଦିନ ବିଜୁଳି ବିଭାଗ ଟାଟା କର୍ମଚାରୀଙ୍କ ଜୁଲୁମ ଉପଭୋକ୍ତା ଅତିଷ୍ଠ ହୋଇ ପଡିଥିବାବେଳେ ଆଜି ପୁଣି ରୂପସାଥାନା ଅଧିନସ୍ଥ କସିପଦା ପଞ୍ଚାୟତ ହାତିଆଡିହା ଗ୍ରାମର ସ୍ୱର୍ଗତ କୃଷ୍ଣଚନ୍ଦ୍ର ବୈଠା ର ଝିଅ ଗେହ୍ଲମଣି ବୈଠା ଘରକୁ ତିନିଜଣ ଯୁବକ ଟାଟା ଇଲେକ୍ଟ୍ରୀ କର୍ମଚାରୀ କହି ମି ଟର ରିଡିଙ୍ଗ ନେବାକୁ ଆସିଥିଲେ ।ଏବଂ ତାଙ୍କ ସାଥିରେ ଆଣିଥିବା ମେସିନ ଅଚଳଥିବାରୁ ସେମାନେ ଖୁଣ୍ଟରୁ ଲାଇନ ବିଛିନ୍ନକରି ଘରେ ଲଗାଯାଇଥିବା ମିଟର କୁ ନେଇ ପଳାଇ ଯାଇଥିଲେ । ଧାନକଟା ସମୟରେ ଘରେ କେହି ପୁରୁଷ ନଥିବା ଯାଣି ଏହିକର୍ମଚାରୀ ମାନେବିଭିନ୍ନ ବାହାନାକରି ଉପଭୋକ୍ତା ମାନଙ୍କୁ ହଇରାଣ କରୁଛନ୍ତି । ଏନେଇ ଗ୍ରାମର ବହୁ ମହିଳା ରୁଣ୍ଡ ହୋଇ ରୂପସା ଇଲେକ୍ଟ୍ରୀ ଅଫିସ ଘେରାଉକରିବା ସହିତ ରୂପସା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।

## ଡଗରପଡାରେ ଶିକ୍ଷା ସଭା: ସବୁ ଶିଶୁଙ୍କୁ ପ୍ରାଥମିକ ଶିକ୍ଷା ପ୍ରଦାନ ଉପରେ ଗୁରୁତ୍ୱ ଆରୋପ

ଖଇରା, ୧୨/୧୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଡଗରପଡା ଆଞ୍ଚଳିକ ସାଧନ କେନ୍ଦ୍ର କାର୍ଯ୍ୟାଳୟରେ ବିଭିନ୍ନ ବିଦ୍ୟାଳୟର ଶିକ୍ଷୟତ୍ରୀ ଶିକ୍ଷକ,ଅଭିଭାବିକା ଓ ଅଭିଭାବକ ତଥା ସ୍ଥାନୀୟ ଲୋକପ୍ରତିନିଧିଙ୍କ ଉପସ୍ଥିତିରେ ଶିକ୍ଷା ସଭା ଅନୁଷ୍ଠିତ ହୋଇ ଯାଇଛି । ସିଆରସିସି ନିରଞ୍ଜନ ନାୟକଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଦିନ ଆୟୋଜିତ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ସମସ୍ତ ଶିଶୁଙ୍କ ପାଇଁ ପ୍ରାଥମିକ ଶିକ୍ଷା ବାଧ୍ୟତାମୂଳକ ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା । ସରପଞ୍ଚ ରତ୍ନାକର ଦଳେଇ ଓ ସମିତିସଭ୍ୟ ବିଦ୍ୟାଧର ଦଳେଇ ବକ୍ତବ୍ୟରେ ଅଧାରୁ ପାଠ ଛଡୁଥିବା ପିଲା ମାନଙ୍କୁ କିଭଳି ମୁଖ୍ୟସ୍ରୋତରେ ସାମିଲ କରାଯାଇ ପାରିବ ସେ ସମ୍ପର୍କରେ ସୁଚିନ୍ତିତ ପରାମର୍ଶ ପ୍ରଦାନ କରିଥିଲେ । ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ୦ରୁ୧୮ ବର୍ଷ ମଧ୍ୟରେ ଡ୍ରପ ଆଉଟ ତଥ୍ୟ ପ୍ରଦାନ କରିଥିଲେ । ଉପସ୍ଥିତ ଶିକ୍ଷୟତ୍ରୀଶିକ୍ଷକ ଏଭଳି ମହତ କାର୍ଯ୍ୟକ୍ରମରେ ପୂର୍ଣ୍ଣମାତ୍ରାରେ ନିଜକୁ ସାମିଲ କରିବାକୁ ପ୍ରତିଶୃତି ପ୍ରଦାନ କରିଥିଲେ ।

## ବୈଶିଙ୍ଗା ଓଭରବ୍ରିଜ୍ ଦୁର୍ଘଟଣା ସ୍ଥଳ ପାଲଟିଛି : ଦ୍ୱିତୀୟ ଓଭରବ୍ରିଜର ଆବଶ୍ୟକତାକୁ ଅଣଦେଖା

ବୈଶିଙ୍ଗା, ୧୨/୧୨ (ନି.ପ୍ର): କେନ୍ଦ୍ର ସରକାରଙ୍କ ଦ୍ୱାରା ୧୮ ନଂ ଜାତୀୟ ରାଜପଥ କୁ ଚାରିଥାକିଆ କରିବା ପାଇଁ ବର୍ଷ ବର୍ଷ ସର୍ଭେ ହେଲା । ବାଲେଶ୍ୱର ଜିଲ୍ଲାର ନହରପାଟଣା ଠାରୁ ଝାରପୋଖରିଆ ପର୍ଯ୍ୟନ୍ତ ୮୨ କିଲୋମିଟର ରାସ୍ତାରେ କେତେ ପୋଲ ହେବ, କେତେ ଉଡନ୍ତା ପୋଲ ହେବ, କେତେ ବସଷ୍ଟାଣ୍ଡ ନିର୍ମାଣ ହେବ, କେତୋଟି ଉଡନ୍ତା ପୋଲ ନିର୍ମାଣ ହେବ ସେ ନେଇ ସର୍ଭେ ହେଲା । ଗାଡି ମୋଟର ସହଜ ଚଳାଚଳ ପାଇଁ ବଙ୍କା ରାସ୍ତାକୁ ସିଧାସଳଖ କରିବା ପାଇଁ ଦରକାର ପଡିଲେ ରାଜପଥ ବିଭାଗର ନିଜସ୍ୱ ଜମି ବାହାରେ ଜମି କ୍ରୟ କରାଯିବ । ମାତ୍ର କାମ ହେଲା ଓଲଟା, ବୈଶିଙ୍ଗା ବଜାର ମଧ ଦେଇ ଯାଇଥିବା ଜାତୀୟ ରାଜପଥର ୨୦୦ ମିଟର ବ୍ୟବଧାନରେ ଦୁଇଟି ସ୍ଥାନରେ ଦୁଇଟି ଗଳାପୋଲ ନିର୍ମାଣ ର ସିଦ୍ଧାନ୍ତ ଦିଆଯାଇଥିଲା । ଠାକୁରମୁଣ୍ଡା-ବରହମପୁର ରାସ୍ତାଟି ୬୦ନଂ ଜାତୀୟ ରାଜପଥ ସହିତ କୋଲକାତାକୁ ସଂଯୋଗ କରୁଛି । ଏଥିପାଇଁ ନିର୍ମାଣାଧନ ଉଡନ୍ତା ପୋଲର ୨୦୦ମିଟର ବ୍ୟବଧାନରେ ବୈଶିଙ୍ଗା ଠାରେ ଦୁଇଟି ଗଳାପୋଲ ନିର୍ମାଣ କରାଯିବାର ସର୍ଭେ କରାଯାଇଥିଲା । ମାତ୍ର ଠିକାଦାରୀ ନେଇଥିବା ବେକ ବୋନ୍ କମ୍ପାନୀ ଏବଂ ନିର୍ମାଣକାରୀ ସଂସ୍ଥା ଆଇରନ୍ ଟ୍ରାଙ୍ଗଲ୍ର ଅଧିକାରୀମାନେ ସାଧାରଣ ଲୋକଙ୍କ କଥା ନ ଶୁଣି ନିଜ ଇଚ୍ଛାରେ ଉଡନ୍ତା ପୋଲର ମଝିରେ ଗୋଟିଏ ଗଳା ପୋଲ ନିର୍ମାଣ କରିଦେଲେ । ଫଳରେ ଠାକୁରମୁଣ୍ଡା - ବରହମପୁର ରାସ୍ତାର ଗାଡିଗୁଡିକ ରାଜପଥ ପାରି ହେବା ପାଇଁ ଉଭୟ ପଟୁ ନିଜ ନିଜ ଡାହାଣ ପଟକୁ ଭୁଲ୍ ରାସ୍ତାରେ ଯିବା ଦ୍ୱାରା ଅଧିକାଂଶ ସମୟରେ ଦୁର୍ଘଟଣାର ଶୀକାର ହେବା, ଘଣ୍ଟା ଘଣ୍ଟା ଧରି ରାସ୍ତା ଜାମ୍ ରହିବା ଦ୍ୱାରା ବାଲେଶ୍ୱର - ବାରିପଦା ରୁ ଯାତ୍ରୀବାହୀ ବସଗୁଡିକ ହଇରାଣ ହେବା ନୀତିଦିନିଆ ଘଟଣା ପାଲଟିଛି । ଏହାବ୍ୟତୀତ ଉଡନ୍ତା ପୋଲର ଉଭୟ ପାର୍ଶ୍ୱରେ ଦୁଇ କି.ମି ବ୍ୟବଧାନରେ ପାସିଂ ଦିଆଯାଇଛି । ଫଳରେ ସାଧାରଣ ଲୋକଙ୍କ ପାଇଁ ଆଗକୁ ବହୁ ବିପଦ ଆସିବାର ସମ୍ଭାବନା ରହିଛି । ଏଣୁ ଏହାର ପ୍ରତିକାର ପାଇଁ ମାଣତ୍ରୀରୁ ଆସି ରାଜପଥକୁ ସଂଯୋଗ କରୁଥିବା ସ୍ଥାନରେ ଦ୍ୱିତୀୟ ଗଳା ପୋଲର ନିର୍ମାଣ ନିତାନ୍ତ ଜରୁରୀ ହୋଇପଡିଛି । ଏଥି ପାଇଁ ରାଜପଥ ବିଭାଗ ସହିତ ବିଭାଗୀୟ ମନ୍ତ୍ରୀ , ଯନ୍ତ୍ରୀଙ୍କୁ ଅଭିଯୋଗ କରାଯାଇଥିଲେ ମଧ ସମସ୍ତେ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛନ୍ତି ।



## ପୋଲିସ ଭ୍ୟାନ ଦେଖି ବାଇକ୍ ଛାଡି ମଦୁଆ ମାରିଲେ ଚଂପଟ: ବାଇକ ଜବତ

ନୀଳଗିରି, ୧୨/୧୨ (ନି.ପ୍ର): ନୀଳଗିରି ସହରରେ ଦିନକୁଦିନ ନିଶାଡି ମାନଙ୍କର ପ୍ରାଦୃଭାବ ବଢ଼ି ଚାଲିଛି । ସନ୍ଧ୍ୟାହେଲେ ନିଛାଟିଆ ସ୍ଥାନରେ ବିଭିନ୍ନ ପ୍ରକାରର ନିଶାଦ୍ରବ୍ୟ ସେବନକରୁଥିବା ସେମାନଙ୍କର ନିତିଦିନିଆ ହବି । ମଦ, ଗଞ୍ଜେଇ, ବ୍ରାଉନସୁଗାର ଭଳି ନିଶାରେ ଚୁରହୋଇ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହିଥାନ୍ତି ଏତେବେ ବିଗତ କିଛିଦିନ ଧରି ନୀଳଗିରି ପୋଲିସ ନିଶାଡ଼ିଙ୍କ ଉପରେ ତୀକ୍ଷ୍ଣଦୃଷ୍ଟି ରଖିଥିବା ବେଳେ ଅଧିକାଂଶ ସମୟରେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଇଛି । ପୁନର୍ବାର ଏଭଳି କାର୍ଯ୍ୟରେ ଲିପ୍ତଥିବା ତିନିଜଣ ଯୁବକ ଶୁକ୍ରବାର ସନ୍ଧ୍ୟାରେ ନୀଳଗିରି ସହରର ଘାଟଘରସାହି କାଳେନ୍ଦ୍ରୀ ପୋଖରୀ ତୁଠ ନିକଟରେ ମଦପିଉ ଥିବାବେଳେ ହଠାତ୍ ପୋଲିସଗାଡି ସେଠାରେ ପହଂଚି ଯିବାରୁ ଯୁବକମାନେ ନିଜ ନିଜର ବାଇକ୍ ଛାଡ଼ି ପଳାଇ ଯାଇଥିଲେ । ଶେଷରେ ପୋଲିସ ବାଇକ୍ ତିନୋଟିକୁ ଥାନାକୁ ଆଣିଥିବାର ଦେଖିବାକୁ ମିଳିଛି ।

## ମହାବୀର କ୍ରିକେଟ କ୍ଲବ୍ର ପ୍ରଥମ ସେମିଫାଇନାଲ: ଫାଇନାଲରେ ୟୁ ଏଣ୍ଡ ମି



ନୀଳଗିରି , ୧୨/୧୨ (ନି.ପ୍ର): ନୀଳଗିରି ମହାବୀର କ୍ରିକେଟ କ୍ଲବ୍ ପରିଚାଳିତ କୌଶିକ ମେମୋରିଆଲ ପ୍ରାୟୋଜିତ ପ୍ରଥମସେମିଫାଇନାଲ ମ୍ୟାଚ ବାଲେଶ୍ୱର ୟୁ ଏଣ୍ଡ ମି ଏବଂ କଟକ ନିମପୁର କ୍ରିକେଟ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ନିମପୁର ଟସଜିତି ପ୍ରଥମେ ଫିଲଡିଂ କରିବାକୁ ନିଷ୍ପତ୍ତି ନେଇଥିଲା ।ୟୁ ଏଣ୍ଡ ମି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ଓଭରରେ ୧୫୩ରନ୍ କରିପାରିଥିଲା । ୟୁ ଏଣ୍ଡ ମି ର ଖଗେଶ ମିଶ୍ର ଧୂଆଁଧାର ବ୍ୟାଟିଂକରି ୨୦ବଲ୍ ରୁ ୩୧ରନ୍ ସଂଗ୍ରହ କରିଥିବା ବେଳେ ଏହାର ଜବାବରେ ନିମପୁର ଦଳ ନିର୍ଦ୍ଧାରିତ ୨୦ଓଭରରେ ୯ ଓ୍ୱିକେଟ ବିନିମୟରେ ୧୪୬ରନ୍ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା । ଖଗେଶ ମିଶ୍ରଙ୍କ ଧୂଆଁଧାର ଇଂନିସ୍ ପାଇଁ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି । ତେବେ ବାଲେଶ୍ୱରର ୟୁ ଏଣ୍ଡ ମି ଆଜିର ଏହି ମ୍ୟାଚଜିତି ଚଳିତବର୍ଷର ଫାଇନାଲ ମ୍ୟାଚ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛି ।

## କେକେଏସ ମହିଳା କଲେଜର ୬୨ତମ ବାର୍ଷିକ କ୍ରୀଡ଼ା ଉତ୍ସବ



ବାଲେଶ୍ୱର, ୧୨/୧୨ (ନି.ପ୍ର): ବାଲେଶ୍ୱର ପରମିଟ ପଡ଼ିଆରେ ଶୁକ୍ରବାର କୁନ୍ତଳା କୁମାରୀ ସାବତ ମହିଳା ମହାବିଦ୍ୟାଳୟ ଏବଂ କୁନ୍ତଳା କୁମାରୀ ସାବତ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୬୨ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷା ଡ. ଝାନ୍ସୀ ଜେନା କ୍ରୀଡ଼ା ପତାକା ଉତ୍ତୋଳନ କରିବା ସହ ମଶାଲ ଜଳାଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଶହେ, ଦୁଇ ଶହ ଓ ୪ ଶହ ମିଟର ଦୌଡ଼ ସହ ଲମ୍ଫଡିଆଁ, ଗୋଳା ଫିଙ୍ଗା(ସଟଫୁଟ), ଥାଳିଆ ଫିଙ୍ଗା(ଡିସକସ), ତେଣ୍ଟା ପିଙ୍ଗା(ଜାଭଲିନ), ଧୀର ସାଇକଲ ଚାଳଣା, ଖୋ-ଖୋ ଏବଂ କବାଡ଼ି ଭଳି ବିଭିନ୍ନ କ୍ରୀଡ଼ାରେ ଦୁଇଟି ବିଭାଗରେ ବହୁ ସଂଖ୍ୟକ ଛାତ୍ରୀ ଅଂଶଗ୍ରହଣ କରିଥିଲେ । କ୍ରୀଡ଼ା ପ୍ରଶିକ୍ଷକ ଚିତ୍ତରଞ୍ଜନ ପାସା ଏବଂ ତାଙ୍କ ଟିମ୍ ବିଚାରକ ଭାବେ ଯୋଗଦେଇ କୃତୀ ଖେଳାଳିଙ୍କ ମୂଲ୍ୟାଙ୍କନ କରିଥିଲେ । ଚଳିତ ବର୍ଷ ପାଇଁ ଉଚ୍ଚ ମାଧ୍ୟମିକ ଶ୍ରେଣୀରେ ଫୁଲମଣି ମାଝୀ ଚମ୍ପିଆନ ହୋଇଥିବାବେଳେ ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଣୀ ପାଇଁ ଯୁଗ୍ମ ଭାବରେ ରେଣୁକା ମାରାଣ୍ଡି ଓ ଲିଜା ମାଝୀ ଚମ୍ପିଆନ ହୋଇଥିଲେ । ଉଦ୍‌ଯାପନୀ ଉତ୍ସବରେ ମହାବିଦ୍ୟାଳୟର ଅଧକ୍ଷା ଡ. ଝାନ୍ସୀ ଜେନା ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଅଧକ୍ଷା ପ୍ରଫେସର ରଶ୍ମିରେଖା ପତି ଏବଂ ସମ୍ମାନନୀୟ ଅତିଥି ଭାବେ ବାଲେଶ୍ୱର ଏଚଆରପିସି ଡିଏସପି ନିବେଦିତା ସୋରେନ ଯୋଗ ଦେଇଥିଲେ । ଶିକ୍ଷାନୁଷ୍ଠାନରେ କୃତୀ କ୍ରୀଡ଼ାବିତଙ୍କୁ ଖୋଜି ପାଇବାରେ ବାର୍ଷିକ କ୍ରୀଡ଼ା ଉତ୍ସବର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । କ୍ରୀଡ଼ା ଶରୀରକୁ ସୁସ୍ଥ ରଖିବା ସହ ମାନସିକସ୍ତରରେ ମଣିଷକୁ ସଶକ୍ତ କରିଥାଏ । ତେଣୁ ପାଠପଢ଼ା ସହିତ ଛାତ୍ରୀମାନେ ଖେଳକୁଦରେ ଅଂଶଗ୍ରହଣ କରିବା ଅତ୍ୟନ୍ତ ଜରୁରୀ ବୋଲି ଅତିଥିମାନେ ବକ୍ତବ୍ୟ ରଖିଥିଲେ । ଅଧାପକ ଡ. ନୀରୋଜ କୁମାର ସେଠୀ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବାବେଳେ ଅଧାପକ ନବୀନ କୁମାର ଧାରୁଆ ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ କୃତୀ କ୍ରୀଡ଼ାବିତମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ । ଅଧାପକ ଅଭିକ କୁମାର ନାୟକ ଧନ୍ୟବାଦ ଦେଇଥିଲେ । ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ମହାବିଦ୍ୟାଳୟର ସମସ୍ତ ଅଧାପକ/ ଅଧାପିକା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅନ୍ୟାନ୍ୟ କର୍ମଚାରୀ, ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀ ଏବଂ ଛାତ୍ରୀମାନେ ଏଥିରେ ସହଯୋଗ କରିଥିଲେ ।

## ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ୟୁନିର୍ଭସାଲ୍ ହେଲଥ୍ କଭରେଜ୍ ଡେ ୨୦୨୫ ପାଳିତ

ଭଦ୍ରକ, ୧୨/୧୨ (ନି.ପ୍ର): ଜାତୀୟ ଆଇନ୍‌ସେବା ପ୍ରାଧିକରଣ, ନୂଆଦିଲ୍ଲୀ ଏବଂ ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ, କଟକଙ୍କ ନିର୍ଦ୍ଦେଶାନୁସାରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଭଦ୍ରକ ଦ୍ୱାରା ୟୁନିର୍ଭସାଲ ହେଲ୍ଥ କଭରେଜ୍ ଡେ ୨୦୨୫ ସ୍ୱଧାର ଗୃହ, ଫେଲୋସିପ୍, ଭଦ୍ରକ ଠାରେ ଆୟୋଜନ କରାଯାଇଥିଲା । ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକ, ସଚିବ ଶ୍ରୀ ପୁଣ୍ୟଶ୍ଲୋକ ରଥ ଏହି ଦିବସ ପାଳନ କରିବାର ମୂଳ ଉଦ୍ଦେଶ୍ୟ କେବଳ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ପ୍ରତ୍ୟେକ ସାଧାରଣ ଲୋକଙ୍କ ପାଇଁ ଉନ୍ନତ ତଥା ଉପଲବ୍ଧ କରାଇବା ନୁହେଁ ବରଂ ସମସ୍ତଙ୍କୁ ଆର୍ଥିକ ନିରାପତ୍ତା ସହିତ ସମାନ ତଥା ଉତ୍ତମ ସ୍ୱାସ୍ଥ୍ୟ ଯାହାକି ସମସ୍ତେ ସୁବିଧାରେ ଓ ସମାନ ଭାବରେ ପାଇପାରିବେ ସେ ସମ୍ପର୍କରେ ଉପସ୍ଥିତ ଥିବା ଲୋକମାନଙ୍କୁ ବୁଝାଇଥିଲେ । ଅତିଥିମାନଙ୍କ ମଧ୍ୟରେ ଡଃ ତାପସ କୁମାର ମହାନ୍ତି, ସହାୟକ, ଏଲ.ଏ.ଡିସ.ଏସ, ଭଦ୍ରକ, ଶ୍ରୀ ଦୀପକ କୁମାର ସାହୁ, ପ୍ୟାନେଲ୍ ଓକିଲ, ଭଦ୍ରକ, ସାବିତ୍ରୀ ବିଶ୍ୱାଳ, ଟି.ଆଇ, ପ୍ରୋଜେକ୍ଟ ମ୍ୟାନେଜର ଯୋଗ ଦେଇଥିଲେ । ଅତିଥିମାନଙ୍କ ମତରେ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ପ୍ରତ୍ୟେକ ସାଧାରଣ ଲୋକଙ୍କ ପାଇଁ ଉନ୍ନତ ତଥା ଉପଲବ୍ଧ କରାଇବା ନୁହେଁ ବରଂ ସମସ୍ତେ ଏଥିପ୍ରତି ପ୍ରୟାସ କରିବା ଯେପରି ସାର୍ବଭୌମିକ ସ୍ୱାସ୍ଥ୍ୟ ନିୟନ୍ତ୍ରଣରେ ଉତ୍ତମ ସ୍ୱାସ୍ଥ୍ୟ ସେବା ଏବଂ ଯୋଜନା ସବୁ ଯୋଗାଇବା । ସାଧାରଣ ଲୋକଙ୍କୁ ବିଭିନ୍ନ ଯୋଜନା ମାଧ୍ୟମରେ ପ୍ରୋତ୍ସାହନ ମୂଳକ ପ୍ରତିଷେଧକ, ଆରୋଗ୍ୟକାରୀ ଏବଂ ପୁନଃ ଥଇଥାନ ସ୍ୱାସ୍ଥ୍ୟ ସେବା ସମସ୍ତଙ୍କ ପାଇଁ ଉପଲବ୍ଧ କରାଇବା । ଜିଲ୍ଲା ଆଇନ ସେବା ପ୍ରାଧିକରଣର ସ୍ୱେଚ୍ଛାସେବୀ ମାନଙ୍କ ଦ୍ୱାରା ଝାଟିଆ ଗ୍ରାମରେ ଏଚ. ଆଇ. ବି. ଏଡ୍ସ ସଂପର୍କିତ ସଚେତନତା କାର୍ଯ୍ୟକ୍ରମ ତତ୍ ସହିତ ଏଚ. ଆଇ. ବି. ବାବଦରେ ରକ୍ତ ପରୀକ୍ଷା ମଧ କରାଯାଇଥିଲା । ଏହି କାର୍ଯ୍ୟ କ୍ରମକୁ ଜିଲ୍ଲା ଆଇନସେବା ପ୍ରାଧିକରଣର କର୍ମୀଗଣ ତଥା ଫେଲୋସିଫ୍ ସଦନର କର୍ମୀ ମଧ ଯୋଗଦେଇ କାର୍ଯ୍ୟକ୍ରମଟିକୁ ଆଗେଇ ନେଇଥିଲେ ।




## ଏନସି ନୋଡାଲ ହାଇସ୍କୁଲ ଛାତ୍ରଛାତ୍ରୀଙ୍କର ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ସଫଳତା

ଭଦ୍ରକ, ୧୨/୧୨ (ନି.ପ୍ର): ଭୁବନେଶ୍ୱର ଭାରତ ସ୍କାଉଟ ଗାଇଡ ତରଫରୁ ନଭେମ୍ବର ୨୬ ରୁ ୩୦ ପର୍ଯ୍ୟନ୍ତ ଆୟୋଜିତ 'କବ ବୁଲବୁଲ ଉତ୍ସବ 'ରେ ଭଦ୍ରକ ଏନସି ନୋଡାଲ ହାଇସ୍କୁଲ ର ୧୨ ଜଣ କବ୍ ବୁଲବୁଲ ଯୋଗ ଦେଇ ବିଭିନ୍ନ ପ୍ରତିଯୋଗିତା ରେ ଅଭୂତପୂର୍ବ ସଫଳତା ହାସଲ କରିଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ୨୦ ଟି ଜିଲ୍ଲାରୁ ୭୦୦ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ । ସେଥିରେ ଏନ ସି ନୋଡାଲ ହାଇସ୍କୁଲ ୯ ଟି ମେଡାଲ ଓ ୩ଟି ଟ୍ରଫି ହାସଲ କରି ଥିବାରୁ ୧୨ ଜଣ ପିଲାଙ୍କୁ ପ୍ରଧାନ ଶିକ୍ଷକ ଓ ଆମ ସ୍କୁଲ ର କର୍ମକର୍ତା ମାନେ ସ୍ୱାଗତ କରିଥିଲେ ତଥା ସେମାନଙ୍କ ଗାଇଡ ଫ୍ଲକ୍ ଲିଡର ରଶ୍ମିତା ଦାଶଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧିତ କରିଥିଲେ ।ଏହି ସଫଳତା ପାଇଁ ଶିକ୍ଷୟିତ୍ରୀ ରଶ୍ମିତା ଦାଶ ଭଦ୍ରକ ଜିଲ୍ଲା ତଥା ବ୍ଲକ ଶିକ୍ଷାଧିକାରୀ ,ପ୍ରଧାନ ଶିକ୍ଷକ,ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ,ଆମ ସ୍କୁଲ ଅଭିଯାନ ର କର୍ମକର୍ତା ଙ୍କୁ ସେମାନଙ୍କର ସହଯୋଗ ପାଇଁ ଧନ୍ୟବାଦ ଜଣାଇଛନ୍ତି ।



## ଆସ ସ୍କୁଲ୍ ଯିବା କାର୍ଯ୍ୟକ୍ରମ ଅନୁଷ୍ଠିତ

ବାସୁଦେବପୁର, ୧୨/୧୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀ ଦାସପୁର ପଞ୍ଚାୟତର କ୍ଷେମପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ଆଞ୍ଚଳିକ ସାଧନ କେନ୍ଦ୍ର କ୍ଷେମପୁର ପକ୍ଷରୁ ଆସ ସ୍କୁଲ୍ ଯିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ସି ଆର୍ ସି ସି ମନୋଜ କୁମାର ଅଗସ୍ତି, କ୍ଷେମପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଷ୍ଣୁ ମୋହନ ପ୍ରଧାନ, ଲକ୍ଷ୍ମୀଦାସପୁର ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ଜୟରାମ ବାରିକ୍, ମାଟିପକା ଶଶଧର କ୍ଷୀରୋଦ ମଣି ନୋଡାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ନାରାୟଣ ଲେଙ୍କା, ସ୍କୁଲ୍ ପରିଚାଳନା କମିଟି ସଭାପତି ତପନ କୁମାର ରାଉତ, ଏନ୍ ସି ନୋଡାଲ ସ୍କୁଲ୍ ଜଗନ୍ନାଥପୁର ର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସେଠି ପ୍ରମୁଖ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ବକ୍ତବ୍ୟ ପ୍ରଦାନ କରିଥିଲେ । ଅଧାରୁ ପାଠ ଛାଡୁଥିବା, ଆଦୌ ନାମ ଲେଖାଇ ନ ଥିବା ଏବଂ ବିଦ୍ୟାଳୟ ବାହାରେ ଥିବା ପିଲା ମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ସରକାରଙ୍କ ରାଜ୍ୟ ବ୍ୟାପୀ ଏହି ଅଭିଯାନ ଜାରି ରହିଛି । ଏହି କାର୍ଯ୍ୟକ୍ରମରେ କ୍ଷେମପୁର କ୍ଲଷ୍ଟର ର ଶିକ୍ଷକ ବନ୍ଧୁ ଯୋଗ ଦେଇଥିଲେ । ବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀ ଉପସ୍ଥିତ ରହିଥିଲେ । ଆସ ସ୍କୁଲ୍ ଯିବା ଶିକ୍ଷା ସଭା କାର୍ଯ୍ୟକ୍ରମ କୁ ସମସ୍ତେ ପ୍ରଶଂସା କରିଥିଲେ ।

**AFFIDAVIT**

By virtue of an affidavit before the executive Magistrate Basudevpur, I, Ganesh Sutar, formerly known as Ganesh Gagan Sutar, S/o- Gagan Sutar, permanent resident of Vill. - Narendrapur, P.o.- Kiapada, P.s.- Basudevpur, Dist- Bhadrak, Pin- 756165 state that I have changed my name from Ganesh Gagan Sutar to Ganesh Sutar. I shall be known as Ganesh Sutar for all purposes.

**Ganesh Sutar**

## ମିଷ୍ଟାନ୍ନ ଭଣ୍ଡାର ପାଇଁ କୁଶଳୀ କାରିଗର ଓ ଦକ୍ଷତା ଥିବା ବ୍ୟକ୍ତି ଆବଶ୍ୟକ

ସହରରେ ଥିବା ଏକ ସୁନାମଧନ୍ୟ ମିଷ୍ଟାନ୍ନ ଭଣ୍ଡାର ପାଇଁ ବିଭିନ୍ନ ଯୋଗ୍ୟତା ଥିବା ବ୍ୟକ୍ତିବିଶେଷ ଆବଶ୍ୟକ । ମିଠା ମିସ୍ତ୍ରୀ, ସେଲ୍ସ ମ୍ୟାନ, ତେଲାଇ ମିସ୍ତ୍ରୀ ଆବଶ୍ୟକ । ଯୋଗ୍ୟତା ଓ କୁଶଳତା ଅନୁଯାୟୀ ସେମାନଙ୍କର ପାରିଶ୍ରମିକ ଦିଆଯିବ । ୬ ହଜାର ଟଙ୍କାରୁ ୧୬ ହଜାର ଟଙ୍କା ପର୍ଯ୍ୟନ୍ତ ମାସିକ ବେତନ ପ୍ରଦାନ କରାଯିବ ।

ଯୋଗାଯୋଗ : ୯୬୯୩୬୫୯୪୭୩/ ୮୨୬୦୯୧୯୧୧୭

❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida